ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ହ୍ୱାଇଟ୍ ପୃଷ୍ଠା ୪

Vol. 34 | ISSUE 146 ଭାଗ ୩୪ | ସଂଖ୍ୟା ୧୪୬ | Monday 17 August 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୧୭ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଡିଜିପି ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର

# ଅପରାଧ ନିୟନ୍ତ୍ରଣ ଓ ନାରୀ ସୁରକ୍ଷାକୁ ଗୁରୁତ୍ୱ



କଟକ,୧୬।୮(ସଂଚାର ବ୍ୟୁରୋ)ଃ ବିନୟତୋଷ ମିଶ୍ର ଆଜି ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କଠାରୁ ଓଡ଼ିଶା ପୁଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

ବିନୟତୋଷ ମିଶ୍ର, ଆଇପିଏସ ପୁଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଉପସ୍ଥିତ ବରିଷ୍ଠ ଅଧିକାରୀଗଣ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ତାଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା। ଡିଜିପି ଶ୍ରୀ ମିଶ୍ର ସହିଦ ସ୍ମୃତିସ୍ତମ୍ଭଠାରେ ମାଲ୍ୟାର୍ପଣ କରି ସହିଦଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସେ କ୍ରାଇମବ୍ରାଞ୍ଚ ଡିଜି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ।

**ନିଷ୍ଠା ଓ ସଚ୍ଚୋଟତାର ସହ କାମ କରିବାକୁ ଅପିଲ**

ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ବିନୟତୋଷ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏହା ଏକ ଗୁରୁ ଦାୟିତ୍ୱ ବୋଲି ପ୍ରକାଶ କରି ଏହାକୁ ନିଷ୍ଠାର ସହ ସମ୍ପାଦନ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ। ପ୍ରାୟ ଦୁଇ ବର୍ଷ ଧରି ଡିଜିପି, କ୍ରାଇମ୍ ବ୍ରାଞ୍ଚ ଭାବେ କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ନିରନ୍ତର ପ୍ରୟାସ କରାଯାଇଥିବା ସେ କହିଥିଲେ। ନାରୀ ସୁରକ୍ଷା, ସଂଗଠିତ ଅପରାଧ ଦମନ, ନିଶାମୁକ୍ତ ଓଡ଼ିଶା ଗଠନ ଓ ସାଇବର ଅପରାଧ ନିୟନ୍ତ୍ରଣ ଉପରେ ଆଗାମୀ ଦିନରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସର ପୃଷ୍ଠା-୬

ବର୍ଷା ଓ ବନ୍ୟା ପାଇଁ ସରକାର ସତର୍କ

# ସରକାରୀ ଅଫିସରଙ୍କ ଛୁଟି ବାତିଲ୍

- ତିନି ଜିଲ୍ଲାକୁ ଗଲେ ୩ ବରିଷ୍ଠ ଅଧିକାରୀ
- ଲଘୁଚାପ ପ୍ରଭାବରେ ୨ ଦିନ ଅଧିକ ବର୍ଷା ସମ୍ଭାବନା
- ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ପାଇଁ ୩ ଦିନ ଗୁରୁତ୍ୱପୂର୍ଣ୍ଣ
- ସଜାଗ ଓ ସତର୍କତାର ସହ ବନ୍ୟା ପରିଚାଳନା କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ସାଙ୍ଗକୁ ବନ୍ୟାରେ ବେହାଲ ହୋଇଛି ଉତ୍ତର ଓଡ଼ିଶା। କେନ୍ଦୁଝର ସମେତ ଭଦ୍ରକ, ଯାଜପୁର ଓ ବାଲେଶ୍ୱରରେ ସ୍ଥିତି ସାଂଘାତିକ ହୋଇଛି। ଜଳବନ୍ଦୀ ସ୍ଥିତି କମି ନ ଥିବା ବେଳେ ଆହୁରି ଦୁଇଦିନ ବର୍ଷା ଲାଗି ରହିବାର ସମ୍ଭାବନା ଥିବାରୁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ପୂର୍ବରୁ ଛୁଟିରେ ଅଛନ୍ତି, ସେମାନଙ୍କୁ ମଧ୍ୟ ଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଅଧିକାରୀଙ୍କୁ କ୍ଷେତ୍ରରେ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିବାକୁ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।

ଆଇଏମଡି ଆକଳନ ଅନୁଯାୟୀ, ଆଜିଠାରୁ ୧୮ ପ୍ରବଳ ବର୍ଷା ହେବ। ଆସନ୍ତାକାଲି ବର୍ଷାର ପରିମାଣ ଆହୁରି ବଢ଼ିବ। ୧୮ ତାରିଖରେ ଟିକେ କମିବ ଓ ୧୯ରେ ପାଗ ଠିକ୍ ହୋଇଯିବ। ଗତ ଜୁନ ୧ରୁ ଅଗଷ୍ଟ ୧୬ ଯାଏଁ ୯୫୩ ମିମି ବର୍ଷା ହୋଇଛି, ଯାହା ଅନ୍ୟ ବର୍ଷଠାରୁ ୨୭ ପ୍ରତିଶତ ଅଧିକ। ଆଇଏମଡି ଆକଳନ ଅନୁଯାୟୀ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହୋଇ ବର୍ଷାର ପରିମାଣ ବୃଦ୍ଧି ପାଇବ। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ରେଡ୍ ୱାର୍ଣ୍ଣିଂ ଜୋନ୍। ରାଜ୍ୟର ଅଧିକାଂଶ ଜିଲ୍ଲା ଅରେଞ୍ଜ ୱାର୍ଣ୍ଣିଂ ଓ କେତେକ ଜିଲ୍ଲା ୟେଲୋ ୱାର୍ଣ୍ଣିଂ ଜୋନ୍‌ରେ ରହିଥିବା ଆଇଏମ୍‌ଡି ସ୍ପଷ୍ଟ କରିଛି।

ଏଭଳି ସ୍ଥିତିରେ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ବନ୍ୟା ପ୍ରଭାବିତ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାକୁ ପଠାଯାଇଛି। ସେମାନେ ପୂର୍ବରୁ ବନ୍ୟା ପରିଚାଳନା କରିଛନ୍ତି। ଏବେ ଜିଲ୍ଲାପାଳଙ୍କୁ ସହଯୋଗ କରିବେ। ପୂର୍ବରୁ ବନ୍ୟା ପରିଚାଳନାର ଅଭିଜ୍ଞତା ଥିବାରୁ ବାଲେଶ୍ୱର ଜିଲ୍ଲାକୁ ଆଇଏଏସ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପୃଷ୍ଠା-୬

## ଆଜି ବନ୍ୟାଞ୍ଚଳ ବୁଲିବେ ମୁଖ୍ୟମନ୍ତ୍ରୀ



ସମ୍ପ୍ରତି ରାଜ୍ୟର ୩ଟି ଜିଲ୍ଲା ବନ୍ୟା ଘେର ମଧ୍ୟରେ ରହିଥିବା ବେଳେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଟି ଜିଲ୍ଲା ଭଦ୍ରକ ଓ ଯାଜପୁରର ବନ୍ୟାଞ୍ଚଳ ଗସ୍ତ କରିବେ। ଏହି ଅବସରରେ ସେ ବନ୍ୟାଞ୍ଚଳର ସ୍ଥିତି ପରଖିବା ସହ ପ୍ରଭାବିତ ପରିବାରକୁ ଭେଟିବେ। ଏଥିସହ ସେ ବନ୍ୟା ପ୍ରଭାବିତ ଅଞ୍ଚଳରେ କିପରି ଭାବେ ରିଲିଫ୍ କାର୍ଯ୍ୟକ୍ରମ ଚାଲିଛି, ତା'ର ମଧ୍ୟ ସମୀକ୍ଷା କରିବେ। ଏହାଛଡ଼ା ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅନ୍ୟାନ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟର ମଧ୍ୟ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସମ୍ପ୍ରତି ବଙ୍ଗୋପ ସାଗରରେ ଅବପାତ ସୃଷ୍ଟି ହେବା ଭଳି ସ୍ଥିତି ରହିଥିବାରୁ ଏହାର ପ୍ରଭାବରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହି ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ।

ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ୨୦୨୭ ସୁଦ୍ଧା ସବୁ ଗାଁକୁ ମୌଳିକ ସୁବିଧା

**ସିଭିଲ ସର୍ଭିସ ଆଶାୟୀଙ୍କ ପାଇଁ ଖୁସି ଖବର**

**ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ମିଳିବ ସୁଯୋଗ**

**୪ ନୂଆ ବିଶ୍ୱବିଦ୍ୟାଳୟ, ୧୮ ସରକାରୀ କଲେଜ**

**ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମାଗଣା ବହି**



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ)ଃ ଓଡ଼ିଶା ସିଭିଲ ସର୍ଭିସ ଆଶାୟୀଙ୍କ ପାଇଁ ଖୁସି ଖବର। ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବା ପାଇଁ ରହିଥିବା ସର୍ବାଧିକ ୬ଟି ସୁଯୋଗକୁ ଉଠାଇ ଦିଆଯିବ। ଏହି ପରୀକ୍ଷା ଦେବା ପାଇଁ ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ସୁଯୋଗ ମିଳିବ। ୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରି ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବା ବେଳେ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ସମସ୍ତେ ଜାଣିଛୁ ଯେ ସରକାରୀ ଚାକିରି ସୀମିତ। ପ୍ରତ୍ୟେକଟି ପଦପଦବୀ ପାଇଁ ପ୍ରତିଯୋଗିତା ବହୁତ ଅଧିକ। ତେଣୁ, ସରକାରୀ ଚାକିରି ପାଇଁ ଆବେଦନକାରୀଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବା ପାଇଁ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ତା'ସହ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ଯେଉଁ ସର୍ବାଧିକ ୬ଟି ସୁଯୋଗ ରହିଛି, ତାକୁ ଉଠାଇ ଦେବା ପାଇଁ ଆଜି ଏହି ପବିତ୍ର ଅବସରରେ ମୁଁ ଘୋଷଣା କରୁଛି। ବର୍ତ୍ତମାନ ଏହି ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ସୁଯୋଗ ମିଳିବ।

ସେ କହିଛନ୍ତି, ସରକାରୀ କର୍ମଚାରୀଙ୍କ ଦେହାନ୍ତ ପରେ ଅନୁକମ୍ପା ମୂଳକ ନିଯୁକ୍ତିରେ ଯେଉଁ କିଛି କଟକଣା ଥିଲା, ତାକୁ ମଧ୍ୟ କୋହଳ କରାଯାଇଛି। ସବୁ ପ୍ରାର୍ଥୀଙ୍କୁ ସମାନ ସୁଯୋଗ ଏବଂ ଦୁର୍ନୀତିମୁକ୍ତ ପରୀକ୍ଷା ପୃଷ୍ଠା-୬

ତାଳଚେରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

# ରୋଜଗାରକୁ ଦିଆଯିବ ପ୍ରାଧାନ୍ୟ

- ତାଳଚେର ଭାରତର ଉର୍ଜା ଓ ଶକ୍ତିର କେନ୍ଦ୍ରବିନ୍ଦୁ
- ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ଓ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବ



ତାଳଚେର/ଅନୁଗୋଳ,୧୬।୮(ସଂଚାର ବ୍ୟୁରୋ)ଃ ତାଳଚେର ସହରର ସର୍ବାଙ୍ଗୀନ ବିକାଶ ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଯୋଜନା ହେଉ। ସହରର କାୟାକଳ୍ପ ବଦଳାଇବା ସହ ନିଯୁକ୍ତି ଓ ରୋଜଗାରକୁ ସର୍ବାଧିକ ପ୍ରାଧାନ୍ୟ ଦେବା ପାଇଁ ପ୍ରୟାସ କରାଯାଉ ବୋଲି ରବିବାର ତାଳଚେର ପୌରପରିଷଦରେ ଏକାଧିକ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ କଳାହୀରାର ମାଟି ତାଳଚେର ହେଉଛି ଭାରତର ଉର୍ଜା ଓ ଶକ୍ତିର କେନ୍ଦ୍ରବିନ୍ଦୁ। ବିପ୍ଳବୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସାଧନା ଭୂମି ଓ ପ୍ରଜାମଣ୍ଡଳ ଆନ୍ଦୋଳନର ଐତିହାସିକ ଗୌରବ ଆମକୁ ନିରନ୍ତର ଦେଶସେବାର ପ୍ରେରଣା ଦିଏ। ଆଜି ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ), ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଏକାଧିକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି। ସଡ଼କ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ ହୋଇଥିବା ପୃଷ୍ଠା-୬

# ବୋର୍ଡ ଓ ନିଗମ ଅଧ୍ୟକ୍ଷ ନିଯୁକ୍ତିରେ ବିଳମ୍ବ



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ)ଃ ରାଜ୍ୟରେ ବିଜେପି ସରକାର ଗଠନ ହେବାକୁ ଦୁଇ ବର୍ଷ ବିତି ତୃତୀୟ ବର୍ଷ ଚାଲିଥିଲେ ମଧ୍ୟ ବିଭିନ୍ନ ସରକାରୀ ବୋର୍ଡ ଓ ନିଗମଗୁଡ଼ିକରେ ଅଧ୍ୟକ୍ଷ ତଥା ସଦସ୍ୟ ପଦ ପୂରଣ ହୋଇପାରିନାହିଁ। ପ୍ରାୟ ୩୨ଟି ନିଗମ ଓ ବୋର୍ଡରେ ୧୫୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ପ୍ରଶାସନିକ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଦୀର୍ଘ ଦିନ ଧରି ପଦବୀ ଖାଲି ରହିବା ଯୋଗୁଁ ଦଳର ବହୁ ଯୁବ ତଥା ବରିଷ୍ଠ ଆଶାୟୀ ନେତାଙ୍କ ମଧ୍ୟରେ ନୈରାଶ୍ୟ ଓ ଅସନ୍ତୋଷ ବୃଦ୍ଧି ପାଉଛି। ଏହାରି ଭିତରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପୁଣି ନେତାଙ୍କୁ ଆଶ୍ୱସ୍ତି ଦେବାକୁ ଯାଇ କହିଛନ୍ତି ଯେ ନିଯୁକ୍ତି ପ୍ରକ୍ରିୟା ନେଇ ଆଲୋଚନା ଚାଲିଛି ଏବଂ ଖୁବ୍‌ଶୀଘ୍ର ଚିତ୍ର ସ୍ପଷ୍ଟ ହେବ।

- ଅପେକ୍ଷାରେ ଶହ ଶହ ଆଶାୟୀ
- ଖୁବ୍‌ଶୀଘ୍ର ନିଷ୍ପତ୍ତି ହେବଃ ମନମୋହନ

ଏହି ଅହେତୁକ ବିଳମ୍ବ ପଛରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସବୁଜ ସଙ୍କେତ ନ ମିଳିବା ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ବିଜେପି ପକ୍ଷରୁ ସମ୍ଭାବ୍ୟ ନାମ ଚୂଡ଼ାନ୍ତ କରାଯାଇଥିଲେ ହେଁ ଦିଲ୍ଲୀ ଦରବାରରୁ ଅନୁମୋଦନ ମିଳୁ ନ ଥିବାରୁ ଘୋଷଣାରେ ବିଳମ୍ବ ଘଟୁଛି। ଦଳର ସଭାପତି, ପ୍ରଭାରୀ ଓ ମନ୍ତ୍ରୀମାନେ ବାରମ୍ବାର ନିଯୁକ୍ତି ଶେଷ ପର୍ଯ୍ୟାୟରେ ଥିବା କଥା କହୁଥିଲେ ମଧ୍ୟ ବାସ୍ତବରେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବରିଷ୍ଠ ସାମ୍ବାଦିକଙ୍କ ମତରେ, ଏହି ବିଳମ୍ବ ସଂଗଠନକୁ ଦୁର୍ବଳ କରିବା ସହ ଦଳ ଭିତରେ ଗୋଷ୍ଠୀ କନ୍ଦଳ ବୃଦ୍ଧି କରୁଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ କଡ଼ା ସମାଲୋଚନା କରିଛି। ଗତ ଜୁନ୍ ୩୦ ସୁଦ୍ଧା ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ପବ୍ଲିକ ଏଣ୍ଟରପ୍ରାଇସେସ୍ ବିଭାଗ ପକ୍ଷରୁ ଚିଠି ହୋଇଥିଲା। ତଥାପି ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପ୍ରକ୍ରିୟା ଆଗକୁ ବଢ଼ିପାରିନାହିଁ।

# ସ୍ୱପ୍ନରେ ଫାଟଃ ଖସୁଛି 'ଆଇଆଇଟି'ର ସୁନାମ

- ଉଚ୍ଚ ଡିଗ୍ରୀ ଥାଇ ବି ଯୁବପିଢ଼ି ବେକାର
- ବିଶ୍ୱସ୍ତରୀୟ ଆଇଟି କମ୍ପାନୀରେ ମାନ୍ଦାବସ୍ଥା
- କ୍ୟାମ୍ପସ୍ ପ୍ଲେସମେଣ୍ଟରେ ଉଲ୍ଲେଖନୀୟ ହ୍ରାସ
- କୋର୍ ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଶାଖାର ଦୁରବସ୍ଥା



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ)ଃ ଭାରତରେ 'ଆଇଆଇଟି'ରେ ସିଟ୍‌ଟିଏ ପାଇବା ପ୍ରତ୍ୟେକ ମେଧାବୀ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ପାଇଁ ଏକ ସ୍ୱପ୍ନ ସଦୃଶ। ଧାରଣା ରହିଛି ଯେ ଆଇଆଇଟି ଡିଗ୍ରୀଧାରୀମାନେ ହିଁ ଲକ୍ଷାଧିକ ଟଙ୍କାର ଚାକିରି ଓ ସୁରକ୍ଷିତ ଭବିଷ୍ୟତ। ମାତ୍ର ବର୍ତ୍ତମାନ ଏହି ସ୍ୱପ୍ନରେ ଫାଟ ସୃଷ୍ଟି ହୋଇଛି। ଦେଶର ପ୍ରମୁଖ ଆଇଆଇଟିଗୁଡ଼ିକରୁ ପାସ୍ ଆଉଟ୍ ହେଉଥିବା ଉଚ୍ଚ ମେଧାବୀ ଛାତ୍ରଛାତ୍ରୀମାନେ ମଧ୍ୟ ଚାକିରି ନ ପାଇ ବେକାର ହୋଇ ବୁଲୁଛନ୍ତି।

ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଶିକ୍ଷା ବର୍ଷର ଶେଷ ସମୟ ସୁଦ୍ଧା ଦେଶର ପ୍ରମୁଖ ଆଇଆଇଟିଗୁଡ଼ିକରେ କ୍ୟାମ୍ପସ ପ୍ଲେସମେଣ୍ଟ ପାଇଁ ପଞ୍ଜୀକୃତ ହୋଇଥିବା ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୩୦% ରୁ ୪୦% ଛାତ୍ରଛାତ୍ରୀ କୌଣସି ନିଯୁକ୍ତି ପାଇନାହାନ୍ତି। ଯେଉଁ ସଂସ୍ଥାନଗୁଡ଼ିକରେ ୧୦୦% ପ୍ଲେସମେଣ୍ଟ ହେଉଥିଲା, ସେଠାରେ ଏତେ ସଂଖ୍ୟକ ଛାତ୍ର ବେକାର ରହିବା ଏକ ଚିନ୍ତାଜନକ ବିଷୟ। ଆମେରିକା ଓ ୟୁରୋପର ବୃହତ ଆଇଟି କମ୍ପାନୀଗୁଡ଼ିକରେ ଛଟେଇ ଏବଂ ନୂତନ ନିଯୁକ୍ତି ବନ୍ଦ ହେବା ଯୋଗୁଁ ଆଇଆଇଟି କ୍ୟାମ୍ପସଗୁଡ଼ିକରେ ପ୍ଲେସମେଣ୍ଟ ହ୍ରାସ ପାଇଛି। ସେପଟେ କୋଡିଂ ଏବଂ ପ୍ରାରମ୍ଭିକ ପଦବୀ ଗୁଡ଼ିକୁ ଏଆଇ ସହଜରେ କରୁଥିବାରୁ କମ୍ପାନୀଗୁଡ଼ିକ ନୂତନ ଇଞ୍ଜିନିୟର ନେବା କମାଇ ଦେଇଛନ୍ତି।

ସେହିଭଳି ନୂଆ ନୂଆ ଆଇଆଇଟି ପ୍ରତିଷ୍ଠା ହେବା ଦ୍ୱାରା ସିଟ୍ ସଂଖ୍ୟା ବଢ଼ିଛି, ମାତ୍ର ବଜାରର ଚାହିଦା ଅନୁଯାୟୀ ସମସ୍ତଙ୍କୁ ଉପଯୁକ୍ତ ନିଯୁକ୍ତି ମିଳିପାରୁନାହିଁ। କେବଳ କମ୍ପ୍ୟୁଟର ସାଇନ୍ସ ନୁହେଁ, କୋର ଇଞ୍ଜିନିୟରିଂ (ଯେପରିକି ମେକାନିକାଲ, ସିଭିଲ, ଇଲେକ୍ଟ୍ରିକାଲ)ର ଛାତ୍ରଛାତ୍ରୀମାନେ ମଧ୍ୟ ନିଯୁକ୍ତି ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ଅନେକ ଆଇଆଇଟିଆନ୍ ନିଜର ଶିକ୍ଷା ଛାଡ଼ି ୟୁପିଏସସି ଭଳି ସରକାରୀ ଚାକିରି କିମ୍ବା ଅନ୍ୟ କ୍ଷେତ୍ରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ସଙ୍କଟ ସ୍ପଷ୍ଟ ସୂଚାଉଛି ଯେ କେବଳ ଆଇଆଇଟି ଟ୍ୟାଗ୍ କିମ୍ବା ଡିଗ୍ରୀ ଆଉ ଚାକିରିର ଗ୍ୟାରେଣ୍ଟି ଦେଇପାରିବ ନାହିଁ। ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା, ଏଆଇ ସହିତ ଖାପଖୁଆଇ ଚାଲିବା ଏବଂ ବାସ୍ତବ ଦକ୍ଷତା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ନିଜର ପାଠ୍ୟକ୍ରମରେ ସୁଧାର ଆଣିବାର ଆବଶ୍ୟକତା ରହିଛି।

## ଦିନକରେ ୩ଥର ଭୂକମ୍ପ

**ମୃତ୍ୟୁ ସଂଖ୍ୟା ୫୭କୁ ବୃଦ୍ଧି**

ଜାକର୍ତ୍ତା, ୧୬।୮ଃ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ଇଣ୍ଡୋନେସିଆରେ ଗୋଟିଏ ଦିନରେ ୩ ଥର ଭୂମିକମ୍ପ ଅନୁଭୂତ ହୋଇଛି। ଏହା ସହିତ ଭୂମିକମ୍ପ ପରେ ୩୪୧ ଥର ଝଟକା ଅନୁଭୂତ ହୋଇଛି। ଶନିବାର ସକାଳେ ୭.୭ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୫୭କୁ ବୃଦ୍ଧି ପାଇଛି। ଭୂମିକମ୍ପରେ ୩୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ୭୭ ଜଣ ସାମାନ୍ୟ ଆହତ ହୋଇଛନ୍ତି ବୋଲି ଉପ ସ୍ୱାସ୍ଥ୍ୟ ମନ୍ତ୍ରୀ ବେଞ୍ଜାମିନ୍ ପାଉଲସ୍ ଅକ୍ଟାଭିଆନସ୍ କହିଛନ୍ତି। ଅନେକ କୋଠା ଭୁଶୁଡ଼ିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ପ୍ରଭାବିତ ଅଞ୍ଚଳରେ ନିରନ୍ତର ମୃଦୁ ଭୂମିକମ୍ପ ଅନୁଭୂତ ହେବାରେ ଲାଗିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଗୋଟିଏ ମିଟର ଉଚ୍ଚ ଢେଉ ଉଠୁଛି। ସୁନାମିର ଆଶଙ୍କା ଏପର୍ଯ୍ୟନ୍ତ ଟଳି ନାହିଁ। ୧୩୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ମୁଖ୍ୟ ସୁହାର୍ୟନ୍ତୋ କହିଛନ୍ତି, ୩, ୩୦୦ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

## ନୌସେନା ପାଇଁ ୬ ବୁଡ଼ାଜାହାଜ ଯୋଜନା

ନୂଆଦିଲ୍ଲୀ, ୧୬।୮ଃ ଭାରତୀୟ ନୌସେନାର ଦୀର୍ଘ-ବିଳମ୍ବିତ-ପ୍ରକଳ୍ପ ଭାବେ ବିବେଚିତ ପ୍ରୋଜେକ୍ଟ-୭୫(ଆଇ) ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ପ୍ରକଳ୍ପ ଅଧୀନରେ ନୌସେନା ଲାଗି ୬ଟି ଉନ୍ନତ ପାରମ୍ପରିକ ଯୁଦ୍ଧ ଜାହାଜ ନିର୍ମିତ ହେବ। ଏହି ପ୍ରସ୍ତାବ ସୁରକ୍ଷା ସମ୍ପର୍କୀତ କ୍ୟାବିନେଟ୍ କମିଟି ବୈଠକ ସମ୍ମୁଖରେ ଆସିବାର ଆଶା କରାଯାଉଛି। ପ୍ରାୟ ୭୦ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପ ଜରିଆରେ ଜର୍ମାନୀର ଥାଇସେନକ୍ରୁପ୍ ମାରିନ୍ ସିଷ୍ଟମ୍ସର ସହଭାଗିତାରେ ମାଜାଗନ୍ ଡକ୍ ସିପ୍ବିଲ୍ଡର୍ସ ଲିମିଟେଡ୍ ଭାରତରେ ବୁଡ଼ାଜାହାଜ ନିର୍ମାଣ କରିବାର ଯୋଜନା ରହିଛି।

## ହିମନ୍ତ ବିଶ୍ୱଶର୍ମାଙ୍କୁ ହତ୍ୟା ଧମକ

**ମୁଖ୍ୟ ଅଭିଯୁକ୍ତ ଗିରଫ, ବାପା ଓ ଭାଇ ହାଜତରେ**

ମୋରିଗାଁ, ୧୬।୮ଃ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସୋସିଆଲ ମିଡିଆରେ ହତ୍ୟା ଧମକ ଦେବା ଅଭିଯୋଗରେ ମୋରିଗାଁ ଜିଲ୍ଲା ପୁଲିସ ମୁଖ୍ୟ ଅଭିଯୁକ୍ତ ଅବଦୁଲ ମୁତାଲେବଙ୍କୁ ଗିରଫ କରିଛି। ଏହି ମାମଲାରେ ତାଙ୍କ ବାପା ଅବଦୁଲ ଖାଲେକ ଓ ଭାଇ ରାହିଦୁଲ ଇସଲାମଙ୍କୁ ମଧ୍ୟ ପୁଲିସ ହାଜତକୁ ନେଇ ପଚରାଉଚରା କରୁଛି। ଆଜି ମୁତାଲେବଙ୍କୁ ମୋରିଗାଁର ଏକ କୋର୍ଟରେ ହାଜର କରାଯାଇଛି।



**କାନ ଡେରିଥା**

କବି ଓ ଲେଖକ ଲେଖୁଥାନ୍ତି ସତ
ସମୀକ୍ଷକ ରଖେ ମତ
ସବୁ ଦେଖି ଦେଖି ମତ
ରଖୁଥାନ୍ତି
ଏହା ହିଁ ଗୁରୁ ଦାୟିତ୍ୱ
ଧନ୍ୟବାଦ ଶତଶତ...
ଦକ୍ଷ କାରିଗର ସଭ୍ୟ ସମାଜର
ଯା ଲେଖନୀ ମୁନ ଶକ୍ତ ।

ଦେବାଶିଷ

# ବଢୁଛି ନେତା-ଅଫିସର୍ କଳି

ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ)ଃ ଦିନକୁ ଦିନ ବଢ଼ିବାରେ ଲାଗିଛି ନେତା ଓ ଅଫିସର ଲଢ଼େଇ। ସ୍ଥିତି ଏମିତି ହୋଇଛି ସ୍ୱାଧୀନତା ଦିବସ ଭଳି ଦିନରେ ବି ପତାକା ଉତ୍ତୋଳନକୁ ନେଇ ମୁହାଁମୁହିଁ ହୋଇଛନ୍ତି ନେତା ଓ ଅଧିକାରୀ। ଦୁଇ ଦିନ ତଳେ କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ୍‌ରେ ବିଜେପି ନେତା ଓ ବିଡିଓଙ୍କ ମଧ୍ୟରେ ବିବାଦ ହୋଇଥିଲା। ତା' ପୂର୍ବରୁ ରାଜନଗରରେ ଘଟିଥିଲା ସମାନ ଘଟଣା। ହେଲେ, ଏଥିରେ ରୋକ୍ ଲାଗିବା ବଦଳରେ ଦିନକୁ ଦିନ ଏହା ବଢ଼ିବଢ଼ି ଚାଲିଛି।



**ସ୍ୱାଧୀନତା ଦିବସରେ ବି ହଙ୍ଗାମା**
**ପତାକା ଉତ୍ତୋଳନକୁ ନେଇ କଥା କଟାକଟି**

ସାରା ଦେଶ ଯେତେବେଳେ ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଥିଲା, କନ୍ଧମାଳ କୋଟଗଡ଼ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଏମିତି ଅପ୍ରୀତିକର ଘଟଣା। ପତାକା ଉତ୍ତୋଳନକୁ ନେଇ ମୁହାଁମୁହିଁ ହୋଇଥିଲେ ବିଡିଓ ଓ ବ୍ଲକ ଚେୟାରମ୍ୟାନ। ଜିଲ୍ଲା ପରିଷଦ ସଭ୍ୟ ଓ ସମର୍ଥକ ସହ ସଭାମଞ୍ଚକୁ ଆସି ପାଟିତୁଣ୍ଡ କରିବା ସହ ଉତ୍‌କ୍ଷିପ୍ତ ହୋଇ ପୋଡ଼ିୟମକୁ ଫିଙ୍ଗିଦେଇଥିଲେ ବ୍ଲକ୍ ଅଧ୍ୟକ୍ଷା। ଅଧାରୁ ବନ୍ଦ ହୋଇଥିଲା ପରେଡ୍। ଆଇଆଇସି ବୁଝାସୁଝା କରିବା ପରେ ପୁଣି ଆରମ୍ଭ ହୋଇଥିଲା ପରେଡ୍।

ଗଞ୍ଜାମ ଖଲ୍ଲିକୋଟ ବ୍ଲକରେ ବି ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନକୁ ନେଇ ବିଡିଓ ଓ ଅଧ୍ୟକ୍ଷାଙ୍କ ମଧ୍ୟରେ ହୋଇଥିଲା କଥା କଟାକଟି। ବିବାଦ ଭିତରେ ଅଧା ପତାକା ଉତ୍ତୋଳନ କରିଥିଲେ ବିଡିଓ ଆଉ ଅଧା ଉତ୍ତୋଳନ କରିଥିଲେ ବ୍ଲକ୍ ଅଧ୍ୟକ୍ଷା। ଏହି ସମୟରେ ବିଡିଓଙ୍କ ହାତକୁ କେହି ଟାଣି ଦେଇଥିବା ଅଭିଯୋଗ ହୋଇଛି।

ଦୁଇ ଦିନ ପୂର୍ବରୁ ଡେରାବିଶ ବ୍ଲକରୁ ଆସିଥିଲା ସାଂଘାତିକ ଅଭିଯୋଗ। ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ପରେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକ ବିଡିଓଙ୍କୁ ଧମକାଇ ଥିବା ଅଭିଯୋଗ ହୋଇଥିଲା। ଏପରିକି ବିଡିଓ ବେହୋସ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଶନିବାର ଡେରାବିଶ ବ୍ଲକର ଅନ୍ୟ କର୍ମଚାରୀମାନେ ଏହାର ପ୍ରତିବାଦ କରିବା ସହ ଥାନାରେ ଏତଲା ଦେଇଥିଲେ।

ବର୍ଷ ଆରମ୍ଭରେ ରାଜନଗରରୁ ବ୍ଲକ୍‌ରୁ ଆସିଥିଲା ସମାନ ଅଭିଯୋଗ। ସ୍ଥାନୀୟ ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଲଳିତ ବେହେରା ଓ ତାଙ୍କ ସମର୍ଥକ ବିଡିଓଙ୍କୁ ଧମକାଇଥିବା ଅଭିଯୋଗ ହୋଇଥିଲା। ସେହି ସମୟରେ ଏହି ବିବାଦ ରାଜ୍ୟ ରାଜନୀତି ଓ ପ୍ରଶାସନିକ ସ୍ତରରେ ଏକ ଚାଞ୍ଚଲ୍ୟକର ପରିସ୍ଥିତି ସୃଷ୍ଟି ହୋଇଥିଲା।

# କାନ୍ଦୁଛି ମୋ ଭାରତମାତା



ଡଃ ତାନଶ୍ରୀ ପାଣିଗ୍ରାହୀ



ଏହି ହେଉଛି ପବିତ୍ର ଦେଶ ଯେଉଁଠି ମନୁଷ୍ୟ ଜାତିର ସର୍ବ ପ୍ରଥମେ ହିମାଳୟର ଦେବୀକା କ୍ଷେତ୍ରଠାରୁ ହୋଇଥିବାର ପୁରାଣ କହେ। ଯାହାର ସୀମା ହିନ୍ଦୁକୁଶ ପର୍ବତଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପ୍ତ... ଯେଉଁଠି ଅଛନ୍ତି ଅଯୋଧ୍ୟାରେ ଶ୍ରୀରାମ, କନ୍ୟାକୁମାରୀରେ ରାମେଶ୍ୱରମ, ଦ୍ୱାରିକାରେ ଶ୍ରୀକୃଷ୍ଣ ଇତ୍ୟାଦି... ଏହି ହେଉଛି ଆମର ସେହି ଗୌରବର ଦେଶ ଭାରତବର୍ଷ... ଯେଉଁଠି ବାରବର୍ଷର ଜଣେ ବାଳକ ବାରଶହ ବାର ଶହ ବଢ଼େଇଙ୍କ ଜୀବନ ରକ୍ଷା ପାଇଁ ନିଜକୁ ବିସର୍ଜନ ଦେଇଥିଲେ... ଯେଉଁଠି ୧୬ ବର୍ଷର ଯୁବକ ଖୁଦୀରାମ ବୋଷ ଭାରତ ମାତାଙ୍କୁ ସ୍ୱାଧୀନ କରି ବାକୁ ଯାଇ ଫାଶୀଖୁଣ୍ଟରେ ଝୁଲିବାକୁ ମଧ୍ୟ ପଛାଇ ନ ଥିଲେ। ଏହି ହେଉଛି ସେହି ମହାନ ଦେଶ, ଯେଉଁ ଦେଶର ଜଣେ ତପସ୍ୱୀ ଦଧିଚି ସୃଷ୍ଟିର କଲ୍ୟାଣ ଅର୍ଥେ ନିଜ ଅସ୍ଥିକୁ ମଧ୍ୟ ଦାନ କରିଥିଲେ, ଯେଉଁଠି ସତ୍ୟର ରକ୍ଷା ପାଇଁ ରାଜା ହରିଶ୍ଚନ୍ଦ୍ର ନିଜର ପୁତ୍ର ତଥା ନିଜକୁ ମଧ୍ୟ ବିକ୍ରି କରି ଦେଇଥିଲେ।

ଆମ ଭାରତବର୍ଷର ଏହି ଭଳି ଅସୁମାରୀ ସୁରଭିରେ ବିଶ୍ୱ ଦିନେ ସୁରଭିତ ହେଉଥିଲା... ଭାରତର ମୌଳିକତା, ଜୀବନ ଦର୍ଶନ, ଧର୍ମ ଧାରଣା ଥିଲା ବିଶ୍ୱ ପାଇଁ ଆକର୍ଷଣ, ଭାରତର ମହକରେ ଆକର୍ଷିତ ହୋଇ ଛୁଟି ଆସିଥିଲେ ସେଦିନ ଫାହିୟାନ, ହୁଏନସାଙ୍ଗ ପରି ଅନେକ ବିଦେଶୀ ଆମ ଦେଶକୁ... ଜ୍ଞାନ ଆହରଣ ପାଇଁ। କେତେ ଶତାବ୍ଦୀ ଧରି ଭାରତମାତାର ଶୃଙ୍ଖଳରେ ବନ୍ଧା ଥିଲେ।

ତାଙ୍କ ପାଦରେ ଥିଲା ଦାସତ୍ୱର ବେଡ଼ି... ତାଙ୍କ ଆଖିରେ ଥିଲା ନିରାଶାର ଲୁହ... କିନ୍ତୁ ସୌଭାଗ୍ୟ କ୍ରମେ ଦିନ ଆସିଲା ଭାରତମାତାଙ୍କ ଲୁହ ପୋଛି ଦେଲେ କେତେ ଭାରତୀୟ ବୀର / ବୀରାଙ୍ଗନାଙ୍କ ତ୍ୟାଗ ବଳିଦାନରେ...। ଭାରତମାତାର ଲଲାଟରେ ଥିଲା। ଶୁଭ ସିନ୍ଦୂର, ଆଖିରେ ଥିଲା ଅସୁମାରୀ ସ୍ୱପ୍ନ... ହୃଦୟରେ ଥିଲା ଭାରତକୁ ଏକ ନୂଆ ସମୃଦ୍ଧ ବିକଶିତ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ।

. କିନ୍ତୁ ଆଜି ସେହି ସର୍ବଗୁଣସମ୍ପନ୍ନା ଭାରତମାତା ଆଖିର ଲୁହ ଅହିଂସା ପରମଧର୍ମ, ଜୀବ ଦୟା, ସକଳ ଘଟେ ନାରାୟଣ, ସର୍ବେ ଭବନ୍ତୁ ସୁଖିନଃ ଆଦି ମୂଲ୍ୟବାନ ନୀତିବାଣୀ ଯେଉଁ ମହାପୁରୁଷ ଦେଇ ଛନ୍ତି... ତାହା ହଜିବାକୁ ଯାଉଛି... ଆମ ଭାରତମାତାର ସନ୍ତାନମାନେ ଆଜି ଖୁବ ଅବିବେକୀ, ହିଂସୁକ ଓ ନିଷ୍ଠୁର ହୋଇ ଯାଇଅଛୁ... ଲୋଭ, ଦୁର୍ନୀତିର ବଶବର୍ତ୍ତୀ ହୋଇଛନ୍ତି... ଯେଉଁଠି ଶ୍ରମ, ନିଷ୍ଠା ଆଉ ଥିଲା ଭାରତୀୟଙ୍କ ବଡ଼ପଣ କିନ୍ତୁ ଆଜି ଯଦି ଭାରତର ସନ୍ତାନ ଏତେ ଅଳସୁଆ, ସୁବିଧାବାଦୀ ଆଉ ଭୋଗୀ ପାଲଟିଯାଇଛି... ଏଭଳି ଗୁଣ ଦେଖି ଭାରତମାତାର ଆଖିରୁ ଲୁହ ନ ବହି ତା ଓଠରେ କଣ ହସ ଫୁଟି ଉଠିବ...? ଯେଉଁଠି ସ୍ୱାଭିମାନ ଥିଲା ଭାରତୀୟଙ୍କ ପରିଚୟ ପତ୍ର, ମଣିଷପଣିଆ ଥିଲା ତାର ଠିକଣା... ଏସବୁ ହରେଇବା ପରେ କେମିତି ଭାରତମାତା ନ କାନ୍ଦିବ ଯେ... ଭାରତୀୟ ସଂସ୍କୃତିରେ ପିତା ମାତା ଅତିଥି ସାକ୍ଷାତ ଈଶ୍ୱର ମାତ୍ର ଏବେ ପିତା ମାତାଙ୍କ ଶେଷ ସମୟ କେଉଁ ଜରାଶ୍ରମରେ। ଭାରତ ସ୍ୱାଧୀନ ହେଲା ପରେ ବି ଆଜି ନାରୀଟିଏ ଅସୁରକ୍ଷିତ, ଗଣତନ୍ତ୍ର ଦଳିତ, କର୍ମବୀର ନ ହୋଇ ଆଜି ସମସ୍ତେ ବାକ୍ୟବୀର... ଗୋଟିଏ ଜାତି, ଗୋଟିଏ ସଭ୍ୟତା ତିଷ୍ଠି ରହେ ତାର ମହାନ ସଂସ୍କୃତିକୁ ନେଇ... ଗର୍ବ ଅନୁଭବ କରେ ତାର ସ୍ୱାଭିମାନ ଆତ୍ମମର୍ଯ୍ୟାଦାକୁ ନେଇ... ନ ହେଲେ ତାର ସ୍ୱାଭିମାନ ହୋଇଯାଏ ବିକଳାଙ୍ଗ...।

ସାମ୍ପ୍ରତିକ ସମୟରେ ଚାରିଆଡେ ବିଶୃଙ୍ଖଳା, କୁସଂସ୍କାର, ଶୋଷଣ ପାଇଁ ଭାରତମାତା ଆଖିରୁ ଲୁହ ଝର ଝର ହୋଇ ବହି ଯାଉଛି। ଗୋଟିଏ ପଟେ ଶୋଷିତ, ବଞ୍ଚିତ, ବ୍ୟଥିତ ଦରିଦ୍ରଙ୍କ ଭାରତ... ଗୋଟିଏ ଦିଗରେ କିଛି ଶିଳ୍ପପତିଙ୍କ ପ୍ରାଚୁର୍ଯ୍ୟର ସୀମା ଲଂଘନ ତ ଅନ୍ୟଦିଗରେ ବାସହୀନ, ଗୃହହୀନ, ଅଭାବ ଅନଟନ ମଧ୍ୟରେ କାଟୁଥିବା ମଣିଷ... ଯେଉଁମାନଙ୍କୁ ଦିନରେ ମିଳେନା ଦୁଇବେଳା ଅନ୍ନ, ମିଳେନା ଚାଖଣ୍ଡେ କନା ଦେହ ଘୋଡାଇବାକୁ, ମୁଣ୍ଡ ଗୁଞ୍ଜିବାକୁ ନାହିଁ କୁଡ଼ିଆଟିଏ... ହତ୍ୟା, ଆତ୍ମହତ୍ୟା, ଧର୍ଷଣ, ଧର୍ମାନ୍ତରଣ, ମାଓବାଦୀ ଆକ୍ରମଣ, ଚୋରୀ, ଛିନତାଇ, କୃଷକ ଆତ୍ମହତ୍ୟା, ବେକାରୀ ସମସ୍ୟା ସମାଜରେ ବଢ଼ି ବଢ଼ି ଚାଲିଛି। ଆଜିର ଏହି ପବିତ୍ର ଦିବସରେ ଭାରତମାଆ ଆଖିରୁ ଲୁହ ପୋଛି ଶପଥ ନେବା ...ଆମ ସଂସ୍କୃତିକୁ ରକ୍ଷା କରିବା... ଆମ ଦେଶ ଭାରତର ମୌଳିକତାକୁ ଖୋଜିବା... ଯାହାକୁ ଆଧାର କରି ଆଗାମୀ ଭାରତ ହେବ ଏକ ସମୃଦ୍ଧିଶାଳୀ, ଗୌରବଶାଳୀ ଭାରତ।

ବାଲେଶ୍ୱର

## ଭ୍ରମ

ଡ.ଚନ୍ଦ୍ରକଳା ନାୟକ



ସାଗରଟା ପାଣିରେ ନୁହେଁ
ମନରେ ମଧ୍ୟ ଏକ ଦୀର୍ଘ ଚିତ୍ର ଆଙ୍କେ -
ଯେଉଁଠି ଆମେ ତିଆରି ବସୁ
ପର୍ବତ ମାନଙ୍କର ଅସତ୍ୟ ଚିତ୍ରପଟ୍ଟକୁ ।
ଦୂରରେ ନାଉରୀ କିଟିମିଟି କରି ଚାହେଁ
ଲାଗେ ଯେମିତି ସେଇଠି ତାର ସ୍ୱର୍ଗ
କିନ୍ତୁ ଉଜାଣି ବହିଲେ ଜାଣିପାରେ
ଏହା ତା ବୋକାମୀର ପରିଚୟ
ତଥାପି ନାଉରି ଚାଲିଥାଏ
ଅନେକ ଅସତ୍ୟର ମୁଖା ପିନ୍ଧି
ପ୍ରତିଟି ଧୂଳିକଣାକୁ ହାତମୁଠାରେ ଧରିବାକୁ,
ହେଲେ ତାହା କେବଳ ଏକ ଭ୍ରମ ।
ନାଉରୀ ଏବେ ଏବେ ଅଣ ନିଶ୍ୱାସୀ ହେଉଛି
ମନରେ, ବିବେକରେ ଓ ସ୍ୱୀକୃତିର ସୀମାରେଖାରେ
ଆଖିକୁ ଦୃଶ୍ୟ ହେଉଥିବା ସୁଖ ସବୁ
ଏବେ କାଚର ଝରକା ସେପଟେ ପେଟେଇ ପଡ଼ିଛି ।
ତାକୁ ପ୍ରାପ୍ତ ହୁଏନାହିଁ ଶାଶ୍ୱତ ସୁଖ
ଯାହାକୁ ସେ ଖୋଜେ ସାଗରର ଅଥଳ ଗର୍ଭରେ
ତା ପୂର୍ବ ପୁରୁଷଙ୍କ ବନ୍ଦ ଘରେ
ହେଲେ ତାକୁ ଦେଖିବାର ନେତ୍ର ଏବେ ପଳାତକ
କାରଣ, ସେ କେବଳ ଚକମକ ଦେଖିବାରେ ଅଭ୍ୟସ୍ତ।
ସାଗରର ଅଥଳ ଗର୍ଭରେ ମୁକ୍ତା ଅଛି ସତ
ହେଲେ ସେ ଅବିରତ ମୃଗତୃଷ୍ଣା ଧାବକ
ତା ଇଚ୍ଛାର ଦୋଗଲା ଆବରଣରେ
ଅପୂର୍ଣ୍ଣତାର ଏକ ସୁନ୍ଦର ନିରଳସ ଶବ୍ଦ ।
ସବୁ ସରିଗଲା ପରେ, ମନେ ହୁଏ
ଅନୁଭବ ଗୁଡା ବୁଢ଼ିଆଣି ବସ ଭିତରେ
ଆର୍ତ୍ତନାଦ କରୁଛନ୍ତି ପ୍ରତିକ୍ଷଣରେ
ଯେମିତି ସାଗରର ତରଙ୍ଗ ପରି
ନାଳ ଓ ଫେନିଳ ଭିତରେ ଲୁକ୍କାୟିତ ।
ନାଉରୀ ଭିତରେ ଏବେ ଏବେ ହଜି ଯାଇଛି
ସେ ଖୋଜୁଥିବା ତାର ଅପନ୍ତରା ଭାବକୁ
ଦୂର ଦିଗବଳୟର ସତ୍ତାକୁ
ଯାହା କେବଳ ତା ମନର ଭ୍ରମ ହିଁ ତ ଥିଲା ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର, ମୋବାଇଲ୍‌: ୯୪୩୭୯୫୭୬୧୭



## ପକ୍ଷୀ



ଡ ଶୁଭେନ୍ଦୁ ମେହେର

ଦିଗନ୍ତର ସୀମା ଡେଇଁ ......!
ମେଘର ମହଲ ଭେଦ କରି
ନୀଳ ଆକାଶର ନିର୍ବାକ ଦେହରେ
ତା' ଡେଣାର ସ୍ୱାକ୍ଷର ।

ସକାଳର ପ୍ରଥମ ପ୍ରାର୍ଥନାରୁ ଉଡ଼ି ଆସିଥିବା
ମୁକ୍ତିର ଜୀବନ୍ତ ମନ୍ତ୍ରଟିଏ !
ବନ୍ଧନର ଲୁହା ଶିକୁଳିକୁ
ଠୋକର ମାରୁଥିବା ବିଦ୍ରୋହର ଚଞ୍ଚୁଟିଏ ।
ସ୍ଥାଣୁ ପାହାଡ଼ର ଛାତିରୁ ଉଠିଥିବା
ଉଡ଼ନ୍ତା ସ୍ୱପ୍ନର ଶିଖାଟିଏ,
ତା' ଗୀତରେ ମାଟି ବି
ଆକାଶ ହେବାକୁ ଲାଳସା କରେ ।

ତା' ଉଡ଼ାଣର ଉନ୍ମୁକ୍ତ ବ୍ୟାକରଣ ଆଗରେ
ତୁଚ୍ଛ ହୋଇଯାଏ ସୀମାନ୍ତର ପ୍ରାଚୀର,
ଅର୍ଥହୀନ ହୁଏ ମାନଚିତ୍ରର ରେଖା ।
ତା' ଡେଣାର ଝଟ୍‌କାରେ
ଦିଗହରା ହୁଏ ବନ୍ଦୀ ପବନର ଦମ୍ଭ,
ମୂକ ହୋଇଯାଏ ନିରବତାର ଅହଂକାର ।

ସେ' ପ୍ରତ୍ୟୁଷରେ ଅବତରଣ କରେ
ଅଦୃଶ୍ୟ ଆଲୋକର ସୋପାନରେ
ରାତିର ଅନ୍ଧାର ଖଣ୍ଡ ଖଣ୍ଡ ହୁଏ !
ଶୋଇଥିବା ସୂରୁଜ ନିଦ ଭାଙ୍ଗେ,
ନିର୍ଜୀବ ବନସ୍ପତି କଥା କହେ,
ଶ୍ୱାସ ନିଏ ମୃତପ୍ରାୟ ମାଟି,
ତା' ଗୀତର ଅମୃତ ବର୍ଷାରେ
ଧୌତ ହୁଏ ପୃଥିବୀର କ୍ଳାନ୍ତି ।

ମୁକ୍ତିର ସନ୍ଧାନରେ
ନିଜ ପିଞ୍ଜରାର ଲୁହା କାଠିକୁ
ଦିନରାତି ଠୋକର ମାରିଛି,
ନିଜ ଭୟର ସମୁଦ୍ରରେ
ଜନ୍ମ ଜନ୍ମ ବୁଡ଼ି ରହିଛି ।
ପୃଥିବୀରୁ ଆକାଶ ଯାଏଁ,
ଦେହରୁ ଆତ୍ମା ଯାଏଁ
କେବଳ ଦେଖିଛି
ଉଡ଼ାଣର ଅଲିଭା ପଥଚିହ୍ନ ।

ବନ୍ଦୀ ଛାତିର ପଞ୍ଜୁରୀରେ
ଆକାଶର ସ୍ୱପ୍ନ !
ଶିକୁଳି ବନ୍ଧା ପାଦରେ
ଉଡ଼ିବାର ଅମୋଘ ମନ୍ତ୍ର ।

ସେ' ଥିଲେ ଆକାଶ ବିସ୍ତୃତ,
ନ ଥିଲେ ପୃଥିବୀ ସଙ୍କୁଚିତ ।
ସୀମା, ଅସୀମର ମଝିରେ ଉଡୁଥାଉ,
ଆତ୍ମାର ଅମର ଚିତ୍ରଲେଖା ।
ଯେଉଁଠି ତା' ଡେଣାର ଛାଇ,
ସେଇଠି ବନ୍ଧନ
ଉଚ୍ଚାରଣ ହିଁ ନିଷିଦ୍ଧ,
କେବଳ ଅନନ୍ତ ଶୂନ୍ୟରେ
ନିଜକୁ ହଜାଇଦେବାର
ଅସୀମ ଆଉ ଅମୋଘ ଆନନ୍ଦ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍‌: ୯୯୩୮୪୩୩୬୬୪

## ମାଆ ମାଟି ମୋ ମଥା ଚନ୍ଦନ



ଡଃ ନାରାୟଣ ଚନ୍ଦ୍ର ସେନାପତି

କି ଶୀତଳ ! କି କୋମଳ ! କି ଦିବ୍ୟ ସୁଗନ୍ଧ
ଭରା ଏ ଚନ୍ଦନ !
ମଥାରେ ଟିକେ ଲାଗିଗଲେ
ପୁଲକିତ ହୋଇଯାଏ ପରା ଆମ ମନ
ବିଷ୍ଣୁ ହୁଅନ୍ତି ବିମୁଗ୍ଧ କଲେ ତାକୁ ଲେପନ
ସତରେ କହିପାରିବ କି କିଏ
କିଏ ଅଛି ତା ସମାନ ?

ଜନ୍ମ କଲା ମାଆଟି ପରି
ମାଆ ମାଟିର ଥାଏ ଅପୂର୍ବ
ସ୍ନେହ ମମତା ବନ୍ଧନ
କି ପବିତ୍ର ତା ଧୂଳି !
ଥରେ ଲାଗି ଗଲେ ମଥାରେ
ଦେହ ମନରେ କଅଁଳେ ଅମାପ ବଳ
ଜାଗେ ଦେଶପ୍ରେମ ଶିହରଣ
ତୋଳେ ମହାନତାର ଉପବନ
ଠିକ୍ ଚନ୍ଦନ ପରି
ସେ ପରା ଦିବ୍ୟ ଦିଗନ୍ତ ସ୍ୱର୍ଗୀୟ ଉପବନ।

ମୋ ମାଆ ମାଟି ମୋ ପାଇଁ ସ୍ୱୟଂ ଭଗବାନ
ତା ଧୂଳି ମଥା ଛୁଇଁଲେ
ତୁଟିଯାଏ ସବୁ ରାଗ ଅଭିମାନ
ହୃଦୟରେ ଖେଳି ଗଲେ ପବିତ୍ରତାର ପୁଲକ
ଆତ୍ମା ଆବିର୍ଭାବ କରେ ମଧୁ ବୃନ୍ଦାବନ
କି କୁହୁକ ଅଛି ସେ ଧୂଳିରେ
ବାଜିଆ ସୁଭାଷ ଭକତ ଦେଇଛନ୍ତି ତାକୁ
ବୋଲି ବଳିଦାନ
ସେଇ ଧୂଳି ମଥାରେ ବୋଳିବାକୁ
ରାମ କୃଷ୍ଣ ବୁଦ୍ଧ ପରା ସାଜିଛନ୍ତି
ସେଇ ମାଟିର ଅମୃତ ସନ୍ତାନ।

ଜମ୍ବରା, କେନ୍ଦୁଝର



## ତିନି ରଙ୍ଗର ବାନା

ପୁଷ୍ପଲତା ମିଶ୍ର



ଅଗଷ୍ଟ ପନ୍ଦର ଶୋଭା ତ ବଢ଼ଇ
ତିନି ରଙ୍ଗେ ବାନା ଉଡେ,
ଉପରେ ନାରଙ୍ଗୀ ତା ରଙ୍ଗ ର ଭଙ୍ଗୀ
ମନ ରେ ସାହସ ମାଡେ।।
ତିନି ରଙ୍ଗ ମଧ୍ୟେ ଧବଳ ମୂରତି
ବର୍ଣ୍ଣନା ତୀତ ମୋ ପକ୍ଷେ,
ଗାଏ ଇତିହାସ ଗଉରବ ଗାଥା
ସବୁଠି ପ୍ରମାଣ ରଖେ ।।
ସତ୍ୟ ର ପୂଜାରୀ ଅଟେ ତ ଧବଳ
ତା ମଧ୍ୟେ ଅଶୋକ ଚକ୍ର,
ମହାନ୍ ବାରତା ଦିଏ ମଧ୍ୟେ ରହି
ଗାଏ ଅଂହିସା ର ମନ୍ତ୍ର ।।
ସବୁଜ ସଙ୍କେତ ଶେଷ ଅଗଣା ର
ଶ୍ୟାମଳ ତାହାର କ୍ଷେତ୍ର ,
ବିଶ୍ୱାସ ବୀରତ୍ୱ ପ୍ରଗତିର ଧାରା
ଶତ୍ରୁ କରେ ମଥା ନତ।।
କୃଷି ର ସମ୍ପଦ ଦେଶ ର ସମୃଦ୍ଧ
ବାରତା ଦିଏ ସବୁଜ ,
ମାଆର ପଣତ ତ୍ରିରଙ୍ଗା ନେତ
ଘୁଙ୍ଗୁର ବାନ୍ଧଇ ଆଜ।।
ଭାରତ ମାତା ର ଜୟ ଗାନ କରି
ବାଣ୍ଟିବା ସେନେହ ପ୍ରୀତି ,
ଏକତା ମନ୍ତ୍ର ରେ ଡୋରି ରେ ବାନ୍ଧିବା
ଛାତି ରେ ମିଶାଇ ଛାତି ।।

ଭୁବନେଶ୍ୱର, ମୋବାଇଲ୍‌: ୯୩୩୮୨୯୪୬୫୭






# ସୃଷ୍ଟିର ଭାବନା ହିଁ ସାହିତ୍ୟ



ଡକ୍ଟର ଲକ୍ଷ୍ମଣ ସାହୁ

ଯେକୌଣସି ଲେଖକ କାହିଁକି ଲେଖନ୍ତି ? ଏହି ପ୍ରଶ୍ନ ଯେକୌଣସି ଲେଖକଙ୍କୁ ବାରମ୍ବାର ସାମ୍ନା କରିବାକୁ ପଡ଼େ, ଯେପରି ଏକ ଦୀପ ନିଜେ ଜଳିବା ପରେ ମଧ୍ୟ, କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ ବିନା ଅନ୍ୟକୁ ଆଲୋକ ପ୍ରଦାନ କରେ। ସେହିପରି ନିଜର ଅଭିଜ୍ଞତା, ଭାବନା, ସଂଘର୍ଷ ଓ ଚିନ୍ତାଧାରାକୁ ଶବ୍ଦରେ ପରିଣତ କରି, ଲେଖକ କେବଳ ନିଜକୁ ପ୍ରକାଶ କରନ୍ତି ନାହିଁ , ବରଂ ଅନ୍ୟମାନଙ୍କ ଜୀବନରେ ଚିନ୍ତା ଓ ଆଲୋକର ଏକ ଛୋଟ କିରଣ ଆଣିବାକୁ ଚେଷ୍ଟା କରନ୍ତି। "ମୃତ୍ୟୁ ପରେ ସଫା କରିବା", ଏକ ଆକର୍ଷଣୀୟ ପ୍ରାଚୀନ ପରମ୍ପରାର ସାର ହେଉଛି ଯେ ଜଣେ ବ୍ୟକ୍ତି ତାଙ୍କ ଜୀବନର ଶେଷ ବର୍ଷ ଗୁଡ଼ିକରେ ସେମାନଙ୍କର ଅନାବଶ୍ୟକ ସମ୍ପତ୍ତିକୁ ସଂଗଠିତ କରିବା ଉଚିତ୍ ନୁହେଁ। ଯାହା ଦ୍ୱାରା ସେମାନେ ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ବୋଝ ନ କରନ୍ତି। ଏହି ଚିନ୍ତାଧାରା ଯେକୌଣସି ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ମୂଳକୁ ଦୋହଲାଇ ଦିଏ। ଆମେ ଜିନିଷପତ୍ର, ସଫଳତା ଓ ସ୍ମୃତି ସଂଗ୍ରହ କରିବାରେ ଆମର ଜୀବନ ବିତାଇ ଦେଉଛେ, କିନ୍ତୁ ଆମେ ଚାଲିଯିବା ପରେ ପ୍ରକୃତରେ କ'ଣ ରହିବ ତାହା ବହୁତ କମ୍ ଲୋକ ବିଚାର କରନ୍ତି। ଆମର ସେଲ୍ଫ, ସମ୍ପତ୍ତି ଓ ସଂଗ୍ରହ ଆମଠାରୁ ଅଧିକ ବଞ୍ଚି ରହିବ, ନା ଆମର ଚିନ୍ତାଧାରା, ଶବ୍ଦ ଓ ମୂଲ୍ୟବୋଧ ଆମର ପ୍ରକୃତ ଐତିହ୍ୟ ହୋଇଯିବ ? ଲେଖା ଚୋରି ଓ ନିଜର ସଂପତ୍ତି ବୋଲି ଦାବି କରୁଥିବା ସେହି ଲେଖକମାନେ ଥରେ ବିଚାର କରନ୍ତୁ, ନୋହିଲେ ସବୁ ଥାଇ ନିଃସଙ୍ଗ ହୋଇଯିବେ।

ଲେଖା ଅତ୍ୟାବଶ୍ୟକ କାରଣ ଜୀବନ ନିଜେ ଏକ ଅସମ୍ପୂର୍ଣ୍ଣ ପାଣ୍ଡୁଲିପି। ଜନ୍ମ ଓ ମୃତ୍ୟୁ ମଧ୍ୟରେ, ମଣିଷ ଅଗଣିତ ଅଭିଜ୍ଞତା, ସଂଘର୍ଷ, ପ୍ରେମ, ଯନ୍ତ୍ରଣା, ଆଶା ଓ ନିରାଶା ଦେଇ ଗତି କରେ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ସମୟର ଧୂଳିରେ ମଳିନ ହୋଇଯାଏ, କିନ୍ତୁ ଶବ୍ଦ ସେମାନଙ୍କୁ ବିସ୍ମୃତିରୁ ଉଦ୍ଧାର କରେ। ସାହିତ୍ୟ ହେଉଛି ସ୍ମୃତିର ଏକ ମନ୍ଦିର, ଯେଉଁଠାରେ ଅତୀତର ହୃଦସ୍ପନ୍ଦନ ସଂରକ୍ଷିତ ରହିଥାଏ। ଯଦି ଆଦିକବି ସାରଳା ଦାସ, ସନ୍ଥ ଜଗନ୍ନାଥ ଦାସ , ବଳରାମ ଦାସ ଏବେ ବି ଆମ ମଧ୍ୟରେ କଥାବାର୍ତ୍ତା କରୁଥିବା ପରି ମନେହୁଏ ଓ ଫକିର ମୋହନ ସେନାପତି ଆଦି ଏବେ ବି ଆମ ସମ୍ମୁଖରେ ଜୀବିତ ଦେଖାଯାଆନ୍ତି, ତେବେ ଏହା ଶବ୍ଦର ଅମରତ୍ୱ ଯୋଗୁଁ।

ଯେତେବେଳେ ଲେଖା କେବଳ ଆର୍ଥିକ ଲାଭର ଏକ ମାଧ୍ୟମ ହୋଇଯାଏ, ସେତେବେଳେ ଶବ୍ଦ ଗୁଡ଼ିକ ସେମାନଙ୍କର ଆତ୍ମା ହରାଇବାକୁ ଆରମ୍ଭ କରନ୍ତି। ସତ୍ୟର ସନ୍ଧାନକାରୀ ହେବା ପରିବର୍ତ୍ତେ, ଲେଖକ ଲୋକପ୍ରିୟତାର ଅନୁଗାମୀ ହୋଇଯାଆନ୍ତି। ସେହିପରି, ଯେତେବେଳେ କଲମ ଏକ ଶକ୍ତି, ବିଚାରଧାରା କିମ୍ବା ରାଜନୈତିକ ଦଳର ପ୍ରଶଂସା ପାଇଁ ଏକ ଉପକରଣ ହୋଇଯାଏ, ସେତେବେଳେ ସାହିତ୍ୟର ନୈତିକ ସ୍ୱାଧୀନତା ବିପଦରେ ପଡ଼ିଯାଏ। ଜଣେ ଲେଖକର କର୍ତ୍ତବ୍ୟ କୌଣସି ଶକ୍ତିର ମୁଖପାତ୍ର ହେବା ନୁହେଁ, ବରଂ ତାଙ୍କ ସମୟର ଏକ ଜାଗ୍ରତ, ସମ୍ବେଦନଶୀଳ ଓ ନିର୍ଭୀକ ସାକ୍ଷୀ ହେବା। ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ, ଅନେକ ଜାତୀୟ ନେତା ଲେଖାକୁ ଜନ ଜାଗରଣର ଏକ ମାଧ୍ୟମ କରିଥିଲେ। ସେମାନେ ଶକ୍ତିର ପ୍ରଶଂସା କରିବା ଅପେକ୍ଷା ସମାଜର ଚେତନା ଜାଗ୍ରତ କରିବା ପାଇଁ ସେମାନଙ୍କର କଲମକୁ ବ୍ୟବହାର କରିଥିଲେ। ସେମାନଙ୍କ ଶବ୍ଦ ସାହସ, ଦାୟିତ୍ୱ ଓ ଭବିଷ୍ୟତ ପ୍ରତି ପ୍ରତିବଦ୍ଧତାରେ ପରିପୂର୍ଣ୍ଣ ଥିଲା।

କିନ୍ତୁ ଆଜି ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ଗଣମାଧ୍ୟମ ଅଭୂତପୂର୍ବ ଭାବରେ ଅଭିବ୍ୟକ୍ତିକୁ ବିସ୍ତାର କରିଛି, କିନ୍ତୁ ଏହା ସହିତ ଦୃଶ୍ୟମାନତାର ଏକ ନୂତନ କ୍ଷୁଧା ମଧ୍ୟ ବିକଶିତ ହୋଇଛି। ପ୍ରାୟତଃ, ପୁସ୍ତକର ପ୍ରଚାର ପୁସ୍ତକ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ, ଧାରଣା ଅପେକ୍ଷା ଏହାର ମାର୍କେଟିଂ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ସାହିତ୍ୟ ଅପେକ୍ଷା ଏହାର ବ୍ରାଣ୍ଡିଂ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଏପରି ସମୟରେ ଗଭୀରତା ଅପେକ୍ଷା ତୁରନ୍ତ ଲୋକପ୍ରିୟତା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଲେଖାର ପ୍ରକୃତ କଳା ବାହ୍ୟ ଓ ଆଭ୍ୟନ୍ତରୀଣ ଜଗତ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାରେ ନିହିତ। ବାହ୍ୟ ଜଗତ ଇତିହାସ, ରାଜନୀତି, ସଂଘର୍ଷ ଓ ସାମାଜିକ ବାସ୍ତବତାକୁ ନେଇ ଗଠିତ, ସେଭଳି ଆଭ୍ୟନ୍ତରୀଣ ଜଗତ ସ୍ମୃତି, ଭାବନା, ସ୍ୱପ୍ନ, ଭୟ ଓ ଆତ୍ମ ନିରୀକ୍ଷଣକୁ ନେଇ ଗଠିତ। ଯେତେବେଳେ ଜଣେ ଲେଖକ ଏହି ଦୁଇଟି ଜଗତ ମଧ୍ୟରେ ଏକ ଜୀବନ୍ତ ସେତୁ ସୃଷ୍ଟି କରନ୍ତି, ସେତେବେଳେ ସେମାନେ ପ୍ରକୃତରେ ପ୍ରକୃତ ଅର୍ଥ ହାସଲ କରିପାରିବେ।

ସ୍ୱତଃ ପ୍ରବୃତ୍ତ ଭାବେ ସାହିତ୍ୟ ଜନ୍ମ ନେଇଛି। କୃତ୍ରିମ ବୁଦ୍ଧିମତାର ଏହି ଯୁଗରେ ଲେଖାର ପ୍ରଶ୍ନ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି। ମେସିନଗୁଡ଼ିକ ଭାଷାକୁ ଅନୁକରଣ କରିପାରନ୍ତି, ତଥ୍ୟ ସଂଗ୍ରହ କରିପାରନ୍ତି ଓ ଶୈଳୀକୁ ନକଲ ମଧ୍ୟ କରିପାରନ୍ତି। କିନ୍ତୁ ସେମାନେ ମାନବ ଅଭିଜ୍ଞତାକୁ କେବେ ବଦଳାଇ ପାରିବେ ନାହିଁ। ସାହିତ୍ୟର ମୌଳିକ ଉତ୍ସ ସୂଚନା ନୁହେଁ, ବରଂ ଅଭିଜ୍ଞତା। ଏହି ଅଭିଜ୍ଞତା ହେଉଛି ମାନବତାର ସବୁଠାରୁ ଅନନ୍ୟ ସମ୍ପତ୍ତି। ଲେଖା ଏହି ବିଶ୍ୱାସ ସହିତ କରାଯିବା ଉଚିତ୍ ଯେ ଶବ୍ଦଗୁଡ଼ିକ ବିଶ୍ୱକୁ ପରିବର୍ତ୍ତନ କରିପାରିବ, ଯଦିଓ ଏହା ତୁରନ୍ତ ନୁହେଁ , କିନ୍ତୁ ଗଭୀର ଭାବରେ। ସେମାନେ ବିପ୍ଳବର ଘୋଷଣା କରନ୍ତି ନାହିଁ, କିନ୍ତୁ ସେମାନେ ନିଶ୍ଚିତ ଭାବରେ ଚେତନାର ଶାନ୍ତ ମାଟିରେ ପରିବର୍ତ୍ତନର ବୀଜ ବୁଣନ୍ତି। ଗୋଟିଏ କବିତା ଗୋଟିଏ ହତାଶ ଆତ୍ମାରେ ଆଶା ଜାଗ୍ରତ କରିପାରେ। ଗୋଟିଏ କାହାଣୀ ଜଣେ ବ୍ୟକ୍ତିଙ୍କୁ ଅଧିକ ଦୟାଳୁ କରିପାରେ ଓ ଗୋଟିଏ ଚିନ୍ତାଧାରା ଗୋଟିଏ ନୂତନ ପିଢ଼ିର ଗତି ପରିବର୍ତ୍ତନ କରିପାରିବ।

ସର୍ବୋପରି କହିରଖେ 'ଡେଥ୍ କ୍ଲିନିଂ' ବ୍ୟାଖ୍ୟା କରେ ଯେ ଜଣେ ବ୍ୟକ୍ତିଙ୍କ ସର୍ବଶ୍ରେଷ୍ଠ ଐତିହ୍ୟ ହେଉଛି ସେମାନଙ୍କର ସମ୍ପତ୍ତି ନୁହେଁ, ବରଂ ସେମାନଙ୍କର ଚିନ୍ତାଧାରା। ସେଲଫରେ ସଂରକ୍ଷିତ ବସ୍ତୁଗୁଡ଼ିକ ସମୟ ସହିତ କ୍ଷୟ ପାଏ, ସମ୍ପତ୍ତି ବିଭାଜିତ ହୁଏ, ସଫଳତାଗୁଡ଼ିକ ମଳିନ ପଡ଼ିଯାଏ, କିନ୍ତୁ ଚିନ୍ତାଧାରା, ଶବ୍ଦ ଓ ମାନବ ଭାବନା ପିଢ଼ି ପାଇଁ ପିଢ଼ି ହୋଇ ବଞ୍ଚି ରହିପାରେ। ସ୍ପଷ୍ଟ ଭାବରେ, କୁହାଯାଇପାରେ ସମୟର କୋଳାହଳ ମଧ୍ୟରେ ସତ୍ୟର କ୍ଷୀଣ ସ୍ୱର ଶୁଣାଯାଇପାରିବ, ବଜାରର କୋଳାହଳ ମଧ୍ୟରେ ସମ୍ବେଦନଶୀଳତାର ସଙ୍ଗୀତ ଜୀବନ୍ତ ରହିବ, ଯାହା ଦ୍ୱାରା ଶକ୍ତିର ମହିମା ଆଗରେ ଜ୍ଞାନର ଦୀପ ଲିଭି ନ ଯିବ।

ଟି. ଏସ. ଇଲିଏଟ୍ (T S Eliot ) ଦୃଷ୍ଟିରେ ଯେତେବେଳେ ଜଣେ ବ୍ୟକ୍ତି ଅନୁଭବ କରେ ଯେ ତାଙ୍କ ଭିତରେ ଥିବା ସମ୍ପୂର୍ଣ୍ଣ ସତ୍ୟକୁ ଅନ୍ୟ କେହି ଜାଣିପାରିବେ ନାହିଁ, ସେତେବେଳେ ସେ ଧୀରେ ଧୀରେ ଏହି ପ୍ରଶ୍ନ ଆଡ଼କୁ ଗତି କରେ। ସେ ନିଜେ ନିଜ ଭିତରେ ଥିବା ସତ୍ୟକୁ ଜାଣିପାରେ।କହିବା କଥା ନିଃସଙ୍ଗତା କେବଳ କେବଳ ଅନ୍ୟମାନଙ୍କ ଠାରୁ ଦୂରତା ନୁହେଁ, ଏହା ନିଜ ଜଠର ଠାରୁ ମଧ୍ୟ ଦୂରତା , ଯାହା ନିଜ ଭାବନାକୁ ପରିପ୍ରକାଶ କରିବାର ଏକ ମାଧ୍ୟମ।ମଣିଷ ପ୍ରାୟତଃ ଭାବେ ଯେ ଯେତେବେଳେ କୋଠରୀ ଖାଲିଥାଏ, ଓ ଏହା ଭିଡ଼ ଥାଏ, ସେତେବେଳେ ନିଃସଙ୍ଗତା ଆସି ନଥାଏ। ଯେତେବେଳେ କେହି କୌଣସି ପରିଚିତ ମୁହଁ ପାଏ ନାହିଁ, ସେତେବେଳେ ନିଃସଙ୍ଗତା ଆସିଯାଏ , ଯେତେବେଳେ ନିଜ ଚିହ୍ନା ଆତ୍ମୀୟ ଠାରୁ ଚିଠି ଆସେନାହିଁ କି ଫୋନ୍ ବାଜେ ନାହିଁ, କିମ୍ବା କଥା ହେବା ପାଇଁ କେହି ନ ଥାଆନ୍ତି ନିଃସଙ୍ଗତା ଆସେ। କିନ୍ତୁ ଆଉ ଏକ ଗଭୀର ସୂକ୍ଷ୍ମ ଦର୍ଶନ ଅଛି, ଯାହା ଭିଡ଼ ମଧ୍ୟରେ ଉଭା ହୁଏ। ଗୋଟିଏ ସମାବେଶରେ ଚାରିପାଖରେ ଲୋକ ଅଛନ୍ତି। ଯେଉଁମାନେ ହସ, ଶବ୍ଦ, ଅଭିବାଦନ ଓ ଚିନ୍ତାଧାରାରକୁ ଆଦାନ ପ୍ରଦାନ କରିପାରନ୍ତି। ଏପରି ପରିସ୍ଥିତିରେ ଜଣେ ଦର୍ଶକ କହିବ ଯେ ଆପଣ ଏକା ନୁହଁନ୍ତି। କିନ୍ତୁ ସେହି ମୁହୂର୍ତ୍ତରେ ଆପଣଙ୍କ ଭିତରେ ଏକ ଚିନ୍ତାଧାରା ଥାଇପାରେ ଯାହାକୁ ଆପଣ ଶବ୍ଦରେ ପ୍ରକାଶ କରିପାରିବେ ନାହିଁ। ତାହା ଏକ ଭାବନା, ଭୟ, ଆକାଂକ୍ଷା କିମ୍ବା ଏକ ସ୍ମୃତି ହୋଇପାରେ।ଯାହାକୁ ଆପଣ ଅନ୍ୟମାନଙ୍କୁ ଜଣାଇପାରିବେ ନାହିଁ। ଏହା ଏପରି ଏକ ପରିସ୍ଥିତି ଯେଉଁଠାରେ ଆପଣଙ୍କ ଓ ଦୁନିଆ ମଧ୍ୟରେ ଏକ ଅଦୃଶ୍ୟ କାନ୍ଥ ଠିଆ ହୋଇଯାଏ। ମାନବତାର ଦୁଃଖ ହେଉଛି ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ପ୍ରାୟତଃ ଅକୁହା ରହିଯାଏ।ଯେପରି କେହି ଜଣେ ସମୁଦ୍ରକୁ ଗୋଟିଏ ଛୋଟ ପାତ୍ରରେ ଧରି ରଖିବାକୁ ଚେଷ୍ଟା କରୁଛନ୍ତି ଯେମିତି ଯାହା ସତ ନୁହେଁ, ଆମେ ଆମର ବିଶାଳ ଆନ୍ତରିକ ଜୀବନକୁ କିଛି ବାକ୍ୟରେ ସଙ୍କୁଚିତ କରିବାକୁ ଚେଷ୍ଟା କରୁଛେ। ପ୍ରାୟତଃ ଏପରି ହୁଏ ଦୁଇଜଣ ବ୍ୟକ୍ତି ପରସ୍ପରକୁ ଜାଣନ୍ତି, କିନ୍ତୁ ନୀରବତାକୁ ଜାଣନ୍ତି ନାହିଁ , ଯେଉଁଠାରେ ଜଣେ ବ୍ୟକ୍ତି ନିଜର ପ୍ରକୃତ ସ୍ୱଭାବକୁ ବଞ୍ଚିତ କରନ୍ତି।

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍‌: ୯୦୪୦ ୧୫୧୪ ୭୫



■ ବାଜପେୟୀଙ୍କ ପୁଣ୍ୟତିଥିରେ ରାଜ୍ୟ ବିଜେପିର ଶ୍ରଦ୍ଧାଞ୍ଜଳି

## ଅଟଳଜୀଙ୍କ ପ୍ରଦର୍ଶିତ ପଥରେ ଚାଲିବାକୁ ମନମୋହନଙ୍କ ଆହ୍ୱାନ

ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ମହାନ୍ ଜନନେତା, ଦୂରଦ୍ରଷ୍ଟା, ଭାରତୀୟ ରାଜନୀତିର ମୁକୁଟବିହୀନ ସମ୍ରାଟ, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନୀତିଜ୍ଞ ନ ଥିଲେ, ସେ ଜଣେ ଯୋଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତ କରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ଆଗେଇ ନେବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଟଳଜୀ ଭାରତବର୍ଷର ଐତିହାସିକ ପରିବର୍ତ୍ତନ କରିଥିଲେ। ଦେଶରେ ପରମାଣୁ ପରୀକ୍ଷା କରି ସାରା ବିଶ୍ୱରେ ଭାରତକୁ ଅଦ୍ୱିତୀୟ ଶକ୍ତିରେ ପରିଣତ କରିଥିଲେ ବୋଲି ତାଙ୍କ ଅଷ୍ଟମ ବାର୍ଷିକ ପୁଣ୍ୟତିଥିରେ ସ୍ଥାନୀୟ ଏମ୍ସ ହସ୍ପିଟାଲ ପରିସରରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ମତ ବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ଅଟଳଜୀଙ୍କ ଉଦ୍ୟମ ଯୋଗୁଁ ଓଡ଼ିଶାରେ ଏମ୍ସ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଛି। ଦିଲ୍ଲୀ ପରେ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲ କଲେଜ ଆଜି ସମଗ୍ରଙ୍କ ବିଶ୍ୱାସଯୋଗ୍ୟ ହୋଇଛି। ଏଠାରେ ସାଧାରଣ ଲୋକେ ଉନ୍ନତ ମାନର ଚିକିତ୍ସା ସୁବିଧା ସେବା ପାଇପାରୁଛନ୍ତି। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଭାରତକୁ ସେ ନୂଆ ଦିଶା ଦେଇଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ସୁଦୃଢ଼ କରିଥିଲେ। ଓଡ଼ିଶାକୁ ଜାତୀୟ ରାଜପଥରେ ଦେଢ଼ ହଜାର କିମିରୁ ୩୪୦୦ କିମିରେ ପହଞ୍ଚାଇଥିଲେ। ଓଡ଼ିଶାରେ ଆଇଆଇଟି ଓ ତୈଳ ରିଫାଇନେରୀ ପ୍ରତିଷ୍ଠା କରିବା ସହ ୧୯୯୯ ମହାବାତ୍ୟା ସମୟରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଙ୍କର ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ। ତାଙ୍କ ଦ୍ୱାରା ପ୍ରଦର୍ଶିତ ପଥରେ ଚାଲି ଏକ ସଶକ୍ତ, ସ୍ୱାବଲମ୍ବୀ ଓ ବିକଶିତ ଭାରତ ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କୁମାର କର, ବରିଷ୍ଠ ନେତା ମହେଶ ମହାନ୍ତି, ଜୟଶ୍ରୀ ପଢ଼ିହାରୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ରାଜ୍ୟ ପ୍ରବକ୍ତା ସଞ୍ଜୟ ରଥ, ଏମ୍ସ ମଣ୍ଡଳ ସଭାପତି ବବିତା ଜେନା ଓ ପାର୍ଟିର ସ୍ଥାନୀୟ ଜିଲ୍ଲା, ମଣ୍ଡଳ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ସ୍ୱାଧୀନତା ଦିବସ ପାଳିଲେ ଧର୍ମେନ୍ଦ୍ର

# ଜନଜାତି ସମାଜର ପ୍ରତିଭା ହିଁ ବିକଶିତ ଭାରତର ଆଧାର

■ ପୌଡ଼ି ଭୂୟାଁ ଓ ମୁଣ୍ଡା ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କ ସହ କଥା ହେଲେ

■ 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହେଲେ

■ ଭଗବାନ ବିର୍ସା ମୁଣ୍ଡା ଓ ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି



ଦେବଗଡ଼/ବାରକୋଟ,୧୬।୮(ସଂଚାର ବ୍ୟୁରୋ): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକସ୍ଥିତ ଖାରଖାହାଲ ଏସଏସଡି ହାଇସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳନ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି।

ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ଜାତୀୟ ପତାକାକୁ ଭାରତର ଏକତା, ବିବିଧତା ଓ ଗର୍ବର ଜୀବନ୍ତ ପ୍ରତୀକ ଭାବେ ଅଭିହିତ କରିଛନ୍ତି ଶ୍ରୀ ପ୍ରଧାନ। ଏହି ଅବସରରେ ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ପୌଡ଼ି ଭୂୟାଁ (ପିଭିଟିଜି) ଓ ମୁଣ୍ଡା ସମ୍ପ୍ରଦାୟର ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କ ସହ ସେ ଭାବବିନିମୟ କରିଥିଲେ। ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଥିଲେ ଯେ ଗ୍ରାମାଞ୍ଚଳ ଓ ଆଦିବାସୀ ମାଟିରୁ ବାହାରୁଥିବା ଏହି କୋମଳମତି ପ୍ରତିଭାମାନେ ହିଁ କାଲିର ନୂତନ ଭାରତର ଭିତ୍ତିଭୂମି। ସେମାନଙ୍କ ଆଖିରେ ଥିବା ଉଚ୍ଚାକାଂକ୍ଷା, ସ୍ୱପ୍ନ ଓ ସାହସ ବାସ୍ତବରେ ପ୍ରେରଣାଦାୟୀ। କେବଳ ଚାକିରି ଖୋଜିବା ନୁହେଁ, ବରଂ ନିଜେ ସମର୍ଥ ହୋଇ ଅନ୍ୟମାନଙ୍କୁ ନିଯୁକ୍ତି ଦେବାର ଯେଉଁ ସଂକଳ୍ପ ସେମାନଙ୍କ ମନରେ ରହିଛି, ତାହା ଶିକ୍ଷାର ପ୍ରକୃତ ବିକାଶକୁ ଦର୍ଶାଉଛି। ଜନଜାତି ସମାଜର ଶିକ୍ଷାର ବିକାଶ ଓ ଏହି ଶିଶୁମାନଙ୍କ ସାମଗ୍ରିକ ସଶକ୍ତିକରଣ ହିଁ ଆମର ପ୍ରାଥମିକତା।

ଦେବଗଡ଼ର ଐତିହ୍ୟକୁ ସ୍ମରଣ କରି ସେ କହିଛନ୍ତି ଯେ ଦେବଗଡ଼ର ବୀର ସୁରେନ୍ଦ୍ର ସାଏ, ମହାରାଜା ବାସୁଦେବ ସୁଢ଼ଳ ଦେବ ଓ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଯୁଗାନ୍ତକାରୀ ଅବଦାନ ଅବିସ୍ମରଣୀୟ। ସେହିପରି ବୀର ସୁରେନ୍ଦ୍ର ସାଏ, ଭଗବାନ ବିର୍ସା ମୁଣ୍ଡା, ଜୟୀ ରାଜଗୁରୁ, ଲକ୍ଷ୍ମଣ ନାୟକ, ବକ୍ସି ଜଗବନ୍ଧୁ ଓ ସହିଦ ବାଜି ରାଉତଙ୍କ ଭଳି ମହାନ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ବଳରେ ଆମେ ସ୍ୱାଧୀନତାପ୍ରାପ୍ତ କରିଛେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ' ଆହ୍ୱାନ ବିଷୟରେ ଉଲ୍ଲେଖ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପୂରଣ କରିବ। ତେଣୁ ଆଗାମୀ ୧୫ରୁ ୨୦ ବର୍ଷ ଆମ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ବିକଶିତ ଭାରତ ପାଇଁ ଓଡ଼ିଶାକୁ ବିକଶିତ କରିବାକୁ ପଡ଼ିବ। ଏହି କୋମଳମତି ଛାତ୍ରଛାତ୍ରୀ ହିଁ ଆଗାମୀ ଦିନରେ ସମୃଦ୍ଧ ଦେବଗଡ଼, ବିକଶିତ ଓଡ଼ିଶା ଓ ସଶକ୍ତ ଭାରତ ଗଠନର ଆଗଧାଡ଼ିର ନେତୃତ୍ୱ ନେବେ ବୋଲି ସେ କହିଥିଲେ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ବାରକୋଟ ସ୍ୱଚାବାହାଲଠାରେ ଆୟୋଜିତ 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହୋଇଥିଲେ। ଦେବଗଡ଼ଠାରେ 'ଧରତୀ ଆବା' ଭଗବାନ ବିର୍ସା ମୁଣ୍ଡା ଓ ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଲଘୁଚାପ କ୍ଷେତ୍ର ସୃଷ୍ଟି ତ୍ୱରିତ ପଦକ୍ଷେପ ପାଇଁ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ଏସିଏସଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ (ଏସିଏସ) ଉଷା ପାଢ଼ୀ ସମସ୍ତ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ଉଚ୍ଚସ୍ତରୀୟ ସତର୍କତା ଅବଲମ୍ବନ କରିବା ସହ ଯେକୌଣସି ପରିସ୍ଥିତିରେ ତ୍ୱରିତ, ସମନ୍ୱିତ ଓ ନାଗରିକକେନ୍ଦ୍ରିକ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କର୍ମଚାରୀ, ଯନ୍ତ୍ରପାତି ଓ ଆବଶ୍ୟକ ସାଜସରଞ୍ଜାମକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ସଜାଗ ରଖିବା ସହ ରାପିଡ୍ ରେସ୍ପନ୍ସ ଟିମ୍‌ଗୁଡ଼ିକୁ ସକ୍ରିୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ସ୍ତରରେ ମିଳୁଥିବା ଯେକୌଣସି ସମସ୍ୟାକୁ ତୁରନ୍ତ ଓ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ଏବଂ ନାଗରିକଙ୍କ ଅସୁବିଧାକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଜନସାଧାରଣଙ୍କ ମଧ୍ୟରେ ଆସ୍ଥା ଓ ନିର୍ଭରଶୀଳତା ବୃଦ୍ଧି ପାଇଁ ପ୍ରସ୍ତୁତି ଓ କ୍ଷେତ୍ର ସ୍ତରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ପ୍ରେସ୍ ବ୍ରିଫ୍ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ସକ୍ରିୟ ଭାବେ ସୂଚନା ପ୍ରଦାନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିୟମିତ ଭାବେ ଅଗ୍ରଗତି ଜଣାଇବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ବିଭାଗ ଓ ଜିଲ୍ଲା ପ୍ରଶାସନର ସହଯୋଗ ନେଇ ଘନିଷ୍ଠ ଆନ୍ତଃବିଭାଗୀୟ ସମନ୍ୱୟ ମାଧ୍ୟମରେ ପ୍ରଭାବଶାଳୀ ଭୂମିସ୍ତରୀୟ ପଦକ୍ଷେପ ସୁନିଶ୍ଚିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

### ଗୋଷ୍ଠୀ ଉନ୍ନୟନ ପରିଷଦ ଓ ଆରାଧ୍ୟା ମହିଳା ସମିତି



ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): ଭରତପୁରସ୍ଥିତ ଶିଶୁଆନନ୍ଦ ନଗରଠାରେ ଗୋଷ୍ଠୀ ଉନ୍ନୟନ ପରିଷଦ ଓ ଆରାଧ୍ୟା ମହିଳା ସମିତି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ହୋଇଛି। ମୁଖ୍ୟ ଅତିଥି ଭାବେ ଆରାଧ୍ୟା ମହିଳା ସମିତିର ସଭାନେତ୍ରୀ ମୀନା କୁମାରୀ ରାଉତ ପତାକା ଉତ୍ତୋଳନ କରି ମହାପୁରୁଷମାନଙ୍କର ତ୍ୟାଗକୁ ସ୍ମରଣ କରିଥିଲେ। ଚିତ୍ରଶିଳ୍ପୀ ବଳଦେବ ମହାରଣା ତାଙ୍କ ଅଭିଭାଷଣରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସଂଗ୍ରାମୀମାନଙ୍କୁ କିପରି ଅକଥନୀୟ ଅତ୍ୟାଚାର କରାଯାଇଥିଲା ତାହା ପ୍ରକାଶ କରିଥିଲେ। ସାହିତ୍ୟିକ ନିହାର ସାହୁ ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହ ପ୍ରଥମ ଆନ୍ଦୋଳନ ବୋଲି ପ୍ରକାଶ କରିଥିଲେ। ମୂଳନୀ ସାହୁ ନିଜ ଭିତରେ ଭେଦଭାବ ଭୁଲି ଏକ ମନରେ କାମ କରିବାକୁ ପରାମର୍ଶ ଦେଇଥିଲେ।

### ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ଓୟୁଜେ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମ୍ବାଦିକମାନେ ଏକତ୍ରିତ ହୋଇ ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରିଥିଲେ। ରାଜ୍ୟ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ ପରେ ଉପସ୍ଥିତ ସାମ୍ବାଦିକମାନେ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କୁ ସ୍ମରଣ କରିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶର ସ୍ୱାଧୀନତା କେବଳ ଏକ ଐତିହାସିକ ଘଟଣା ନୁହେଁ, ଏହା ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ସଂଘର୍ଷ ଓ ଆତ୍ମବଳିଦାନର ଫଳ। ଆଜିର ପିଢ଼ି ସେହି ତ୍ୟାଗରୁ ପ୍ରେରଣା ନେଇ ଦେଶର ଏକତା, ଅଖଣ୍ଡତା, ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାର ଏକମାତ୍ର ସଂଗଠନ ଓୟୁଜେ ଯିଏ କି ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ଅହରହ ସଂଗ୍ରାମ ଜାରି ରଖିଛି। ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେ ସ୍ୱାଧୀନତା ଦିବସର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱାଧୀନତା ପରେ ଦେଶ ଗଠନରେ ସାଧାରଣ ନାଗରିକଙ୍କ ଭୂମିକା ଉପରେ ମତ ରଖିଥିଲେ। ସମ୍ପାଦକ ବିଶ୍ୱରଂଜନ ଆଚାର୍ଯ୍ୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିବା ବେଳେ ଅନ୍ୟତମ ବରିଷ୍ଠ ସଦସ୍ୟ ପ୍ରମୋଦ ସାମନ୍ତରାୟ ସ୍ୱାଧୀନତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, ପ୍ରସନ୍ନ ପାଇକରାୟ, ଚିନ୍ମୟ ମହାପାତ୍ର, ସୁଧାଂଶୁ ପରିଡ଼ାଙ୍କ ସମେତ ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ।

### ନଗଡ଼ାରେ ମିଶନ୍ ଜ୍ୟୋତି ଟ୍ରଷ୍ଟ



ଯାଜପୁର, ୧୬।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତ ଅଧୀନ ନଗଡ଼ାର ନାଲିଆଡ଼ାବାଠାରେ ମିଶନ୍ ଜ୍ୟୋତି ଟ୍ରଷ୍ଟ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଟ୍ରଷ୍ଟର ସଭାପତି ରଶ୍ମିଲତା ବଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଶୈଳଜ ରବି, ମୁଖ୍ୟବକ୍ତା ଭାବେ ସମାଜସେବୀ ସତୀଶ ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ରବି ନାରାୟଣ କର ଓ ସ୍ତମ୍ଭକାର ପ୍ରାଣବନ୍ଧୁ ରାଉତ ଯୋଗଦେଇଥିଲେ। ଚନ୍ଦ୍ରକଳା ନାୟକ ଏହି ସଭାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

### ବିଶ୍ୱ ସମ୍ବାଦ କେନ୍ଦ୍ର



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ଭୁବନେଶ୍ୱରର ୟୁନିଟ-୪ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଦେଶର ସ୍ୱାଧୀନତା ପାଇଁ ନିଜର ସର୍ବସ୍ୱ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ତଥା ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଓ ରାଷ୍ଟ୍ରୀୟ ଚେତନାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସାଇ ପ୍ରସାଦ ଦାଶ, ଭଦ୍ରସେନ ସ୍ୱାଇଁ, ବିପିନ ଚରଣ ବେହେରା, ଡ. ଅଚ୍ୟୁତ ବିଶ୍ୱାଳ, ତପେଶ ଦାଶ, ନିହାର ରଞ୍ଜନ ପତି, ଅଂଶୁମାନ ମାର୍ଥା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ଆଇଜି ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଇନ୍ଦିରା ଗାନ୍ଧି ପାର୍କସ୍ଥିତ ମର୍ଣ୍ଣିଂ ୱାକର୍ସ ଆସୋସିଏସନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଏଥିରେ ଆରଡବ୍ଲ୍ୟୁଏସଏସର ଅବସରପ୍ରାପ୍ତ ଇଞ୍ଜିନିୟର ଇନ୍ ଚିଫ୍ ହାଡ଼ିବନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆସୋସିଏସନର ଆବାହକ ତଥା ସଚିବାଳୟ କର୍ମଚାରୀ ସଂଘର ନେତା ଚିତ୍ତରଞ୍ଜନ ହୋତା, କ୍ରୀଡ଼ା ସଂଗଠକ ଶକ୍ତିରଞ୍ଜନ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଏହି ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ପତିତପାବନ ନାଥଶର୍ମା, ଅନିଲ ପଣ୍ଡା, ମୋହନ ପ୍ରଧାନ, ଲିପନ ସାହୁ, ରବୀନ୍ଦ୍ର କୁମାର ମଣ୍ଡଳ, ରାଜେଶ ଦାସ, ଜିତେନ୍ଦ୍ର କୁମାର କର, ସୁଶାନ୍ତ କୁମାର ଦାଶ, ନିଳୟ ଘୋଷ, ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ପ୍ରାଣପ୍ରିୟ ପାଢ଼ୀ, ବିରଞ୍ଚି ପାତ୍ର, ରାଜକିଶୋର ନାୟକ, ମନ୍ମଥ ପାତ୍ର, ପ୍ରଭାକର ମଲ୍ଲିକ, ସୁରେନ୍ଦ୍ର ପଣ୍ଡା, ଏମ୍‌ଡି ଜମାନ, ବିଭୁତି ଭୂଷଣ ପତି ପ୍ରମୁଖ ଯୋଗଦେଇଥିଲେ।

### ଅଖଣ୍ଡ ଭାରତ ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ମଞ୍ଚ (କେ-୮) ପରିସରରେ 'ଅଖଣ୍ଡ ଭାରତ' ଶୀର୍ଷକ ଏକ ଆଲୋଚନାଚକ୍ର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡଗିରି ଭାଗ ଓ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ସଭାରେ ବୃନ୍ଦାବନ ବସ୍ତିଆ ସଭାପତିତ୍ୱ କରିଥିବା ବେଳେ ପ୍ରାରମ୍ଭରେ ଭାରତମାତାଙ୍କ ପୂଜନ ପରେ ସମ୍ପାଦକ ଡାକ୍ତରଧି ସାହୁ ସ୍ୱାଗତ କରିଥିଲେ। ପରେ ସେ ଅଖଣ୍ଡ ଭାରତରେ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ଖଣ୍ଡଗିରି ଭାଗର ପ୍ରମୁଖ ବିଜୟ କେତନ ସାହୁ ୧୯୪୭ ଅଗଷ୍ଟ ୧୫ ପୂର୍ବର ଭାରତ ଓ ବର୍ତ୍ତମାନର ଭାରତ ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରମୋଦ କୁମାର ଶତପଥୀ, ସୁଦର୍ଶନ ସାହୁ, ସୁରେଶ କୁମାର ବରାଳ ଓ ଗିରିଜା ପ୍ରସାଦ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରି ଭାରତୀୟ ସଂସ୍କୃତି ଓ ବିଚାରଧାରା ଉପରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ବର୍ତ୍ତମାନ ସ୍ଥିତି ବଜାୟ ରଖିବା ପାଇଁ ଭାରତୀୟମାନେ ନିଜ ପର୍ଯ୍ୟାୟରେ ଶତତ ଚେଷ୍ଟିତ ହେବା ଆବଶ୍ୟକ ବୋଲି ଚନ୍ଦ୍ରକାନ୍ତ ଦାସ ମହାପାତ୍ର ମତାମତ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ସାତକଡ଼ି ହୋତାଙ୍କ ସ୍ମୃତିରେ ଆଲୋଚନାଚକ୍ର




ଭୁବନେଶ୍ୱର, ୧୬।୮ (ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ଅବସରରେ ରାଜଧାନୀସ୍ଥିତ ବୁଦ୍ଧ ମନ୍ଦିରରେ ଦିବଂଗତ ସାହିତ୍ୟିକ ସ୍ୱର୍ଗତ ସାତକଡ଼ି ହୋତାଙ୍କ ସ୍ମୃତିରେ ଏକ ଭବ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସାତକଡ଼ି ହୋତା ସ୍ମୃତି ସଂସଦ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୀର୍ଷକ ଥିଲା 'ସାତକଡ଼ି ହୋତାଙ୍କ କୃତି ଓ କୃତିତ୍ୱ'। ଏହି ଅବସରରେ ବହୁ ଅତିଥି ଓ ବକ୍ତା ଯୋଗଦେଇ ସାତକଡ଼ି ହୋତାଙ୍କ ବହୁମୁଖୀ ପ୍ରତିଭା ଏବଂ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଉପରେ ଗଭୀର ଆଲୋଚନା କରିଥିଲେ। ଏହି ସାରସ୍ୱତ ସ୍ମୃତି ସମାବେଶରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ପୀତବାସ ରାଉତରାୟ ଯୋଗଦେଇ ସ୍ୱର୍ଗତ ହୋତାଙ୍କ ସାରସ୍ୱତ ଜୀବନ ଉପରେ ଆଲୋକପାତ କରିଥିଲେ।

### ସରିଲା ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ

# ୨ ବର୍ଷର ସଫଳତାର ଦେଲେ ହିସାବ



■ ନକ୍ସଲମୁକ୍ତ ହୋଇଛି ଓଡ଼ିଶା

■ ଚେକ୍ ହୋଇଛି ନିଶା କାରବାର, କମିଛି ଅପରାଧ

ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ଆଜି ପୁଲିସ ଡିଜି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଡିଜିପି ହିସାବରେ ଶ୍ରୀ ଖୁରାନିଆ ଆଜି ଶେଷ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଗତ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ପୁଲିସ ବିଭାଗ ପାଇଥିବା ସଫଳତା ଓ ଉପଲବ୍ଧିକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି ଡିଜିପି। ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶାକୁ ନକ୍ସଲମୁକ୍ତ ପ୍ରଦେଶ ରୂପେ ଘୋଷଣା ହେଉଛି ଓଡ଼ିଶା ପୁଲିସର ସବୁଠାରୁ ବଡ଼ ଉପଲବ୍ଧି। ୩୧ ମାର୍ଚ୍ଚ ୨୦୨୬ରେ ଓଡ଼ିଶାକୁ ନକ୍ସଲମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯାଇଥିଲା। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଧିପତ୍ୟ ବିସ୍ତାର କରିଥିବା ମାଓବାଦୀ ହିଂସା ବିରୋଧରେ ଓଡ଼ିଶା ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀର ମିଳିତ ଅଭିଯାନ ଯୋଗୁଁ ଏହି ସଫଳତା ମିଳିଛି ବୋଲି ସେ କହିଥିଲେ। ଏହି ଅଭିଯାନରେ ଦୁଇ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ଚଲପତି ଓ ଗଣେଶ ଉଇକେଙ୍କ ସମେତ ୨୯ ଜଣ ହାର୍ଡକୋର ମାଓବାଦୀ ନିହତ ହୋଇଥିବା ବେଳେ ୮୩ ଜଣ ଆତ୍ମସମର୍ପଣ ଓ ୧୫ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧୭୬ଟି ଅସ୍ତ୍ରଶସ୍ତ୍ର ଓ ୧୫୯ଟି ଇଆଇଡ଼ି ଜବତ କରାଯାଇଛି। ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ବହୁ ସଂଖ୍ୟାରେ ମାଓ କ୍ୟାଡରଙ୍କ ଆତ୍ମସମର୍ପଣ ଏହି ଅଭିଯାନର ସଫଳତାକୁ ଆହୁରି ସ୍ପଷ୍ଟ କରିଛି ବୋଲି ସେ ମତ ବ୍ୟକ୍ତ କରିଥିଲେ। ନକ୍ସଲବିରୋଧୀ ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପୂର୍ବତନ ସେନା କର୍ମଚାରୀଙ୍କୁ ନେଇ ୩ଟି ଅତିରିକ୍ତ ବାଟାଲିୟନ୍ ଗଠନ କରାଯାଇଛି ଓ ଏଥିପାଇଁ ୩,୦୦୯ଟି ପଦ ଅନୁମୋଦନ କରାଯାଇଛି ବୋଲି ସେ କହିଛନ୍ତି।

ଏହାଛଡ଼ା ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଓ 'ଅପରେସନ୍ ପ୍ରହାର' ମାଧ୍ୟମରେ ବେଆଇନ ନିଶାଦ୍ରବ୍ୟ ପରିବହନ ଓ କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୪,୧୯୫ କୋଟି ମୂଲ୍ୟର ନିଶାଦ୍ରବ୍ୟ ଜବତ ଓ ନଷ୍ଟ କରାଯାଇଛି। ଏଥିସହ ୪,୮୯୨ଟି ମାମଲା ରୁଜୁ ହୋଇଥିବା ବେଳେ ୫,୩୭୬ ଜଣଙ୍କୁ ଗିରଫ କରାଯାଇଛି। ଆହୁରି ରାଜ୍ୟରେ ରେକର୍ଡ ୬୪,୦୨୨ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇ ୧,୩୯୫ଟି ମାମଲା ରୁଜୁ କରାଯାଇ ୪୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଆହୁରି ୨୦୨୪ ତୁଳନାରେ ୨୦୨୫ରେ ରାହାଜାନି ମାମଲା ୩୦.୨ ପ୍ରତିଶତ ଓ ଦଙ୍ଗା ୨୫.୬ ପ୍ରତିଶତ ହ୍ରାସ ପାଇଛି। ଧର୍ଷଣ, ଚୋରି, ଡକାୟତି ଓ ଠକେଇ ଭଳି ଅପରାଧରେ ମଧ୍ୟ ହ୍ରାସ ଘଟିଛି। ଗତ ଜାନୁଆରୀରୁ ଜୁନ୍ ମଧ୍ୟରେ ରାହାଜାନି ୨୨.୮%, ଡକାୟତି ୧୪.୨%, ଚୋରି ୮.୬%, ଦଙ୍ଗା ୪.୪%, ହତ୍ୟା ୨.୯% ଏବଂ ଘରେ ପଶି ଚୋରି ୦.୮% ହ୍ରାସ ପାଇଛି। ପୁଲିସର ସକ୍ରିୟ ଓ କଠୋର କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାମଲା ପଞ୍ଜୀକରଣ ବଢ଼ିଥିଲେ ମଧ୍ୟ, ଗୁରୁତର ଅପରାଧରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ସେହିପରି ଅପରାଧ ଓ ଅପରାଧୀଙ୍କ ବିରୋଧରେ ଦୋଷୀ ସାବ୍ୟସ୍ତ ହାରରେ ମଧ୍ୟ ସଫଳତା ମିଳିଛି।

### ବିଷ୍ଣୁଚରଣ ମହାନ୍ତିଙ୍କ ବିୟୋଗ



ଭୁବନେଶ୍ୱର, ୧୬।୮ (ସଂଚାର ବ୍ୟୁରୋ): ଆଦିବାସୀ ହରିଜନ ଗବେଷଣା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ବିଷ୍ଣୁଚରଣ ମହାନ୍ତିଙ୍କର ରବିବାର ପରଲୋକ ଘଟିଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ଓ କଟକ ତୁଳସୀପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବୀଣାପାଣି ମହାନ୍ତି, ପୁତ୍ର ରାଜେଶ କୁମାର ମହାନ୍ତି, ପୁତ୍ରବଧୂ ମମତା ପଟ୍ଟନାୟକ, ଝିଅ ରୋଜାଲିନ ମହାନ୍ତି ଓ ଜ୍ୱାଇଁ ନିରୋଜ ପାତ୍ରଙ୍କ ସମେତ ବନ୍ଧୁ ଓ ପରିବାର ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅରବିନ୍ଦ ମହାନ୍ତି, ମଧୁସ୍ମିତା ମହାନ୍ତି, ନିଗମାନନ୍ଦ ମହାନ୍ତି, ବିଜୟାନନ୍ଦ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ମାଗଣା ଟଙ୍କା ବଣ୍ଟା, ବଢ଼ୁଛି ଆର୍ଥିକ ଚାପ

ଭୁବନେଶ୍ୱର,୧୬।୮: ସୁଭଦ୍ରା ଯୋଜନାରେ ଓଡ଼ିଶା ୨୦୨୯ ସୁଦ୍ଧା ୫୦ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରିବାକୁ ଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ମହିଳାମାନଙ୍କୁ ଦିଆଯାଉଥିବା ଆର୍ଥିକ ପ୍ରୋତ୍ସାହନ ଯୋଜନାରେ ବହୁ ରାଜ୍ୟର ସରକାର ଏବେ ବାର୍ଷିକ ପ୍ରାୟ ୨ଲକ୍ଷ କୋଟି ଟଙ୍କା ବାଣ୍ଟୁଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେପି ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଓଡ଼ିଶାରେ ବାଣ୍ଟିବ ବୋଲି ଘୋଷଣା କରିଥିଲା। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ୨୦୨୪ରେ ଓଡ଼ିଶାରେ ସୁଭଦ୍ରା ଯୋଜନା ଲାଗୁ କରାଯାଇ ଏଯାବତ୍ ଏଥିରେ କୋଟିଏରୁ ଅଧିକ ମହିଳାଙ୍କୁ ସାମିଲ କରାଯାଇଛି। ତେବେ ଏକକାଳୀନ ଜଣ ପିଛା ୫୦ ହଜାର ଟଙ୍କା କରି ପ୍ରଦାନ ନକରି ଗୋଟିଏ କିସ୍ତିରେ ୫ ହଜାର ଟଙ୍କା କରି ୫ବର୍ଷ ଯାଏ ବର୍ଷକୁ ଦୁଇଟି ଲେଖାଏ କିସ୍ତି ମାଧ୍ୟମରେ ଏହି ଟଙ୍କା ବଣ୍ଟାଯିବାର ବ୍ୟବସ୍ଥା ହୋଇଛି। ଯେପରି ଅଯୋଗ୍ୟ ବ୍ୟକ୍ତିମାନେ ହିତାଧିକାରୀ ତାଲିକାରେ ସାମିଲ ହୋଇ ନ ପାରିବେ ସେ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ରଖିବା ସହ ଇତିମଧ୍ୟରେ କେତେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ହିତାଧିକାରୀ ତାଲିକାରୁ କାଟିଛନ୍ତି। ବିଶେଷକରି ଯେଉଁ ସରକାରୀ କର୍ମଚାରୀମାନେ ସୁଭଦ୍ରା ଅର୍ଥ ହାତେଇଥିଲେ ସେମାନଙ୍କୁ ଏହି ଅର୍ଥ ଫେରସ୍ତ କରିବାକୁ ପଡ଼ିଛି।



କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ମହିଳାମାନଙ୍କୁ ଟଙ୍କା ବଣ୍ଟା ଚାଲିଛି। ୨୦୨୫-୨୬ ବର୍ଷରେ ଅନ୍ୟୂନ ୧୨ଟି ରାଜ୍ୟ ଏ ବାବଦରେ ପ୍ରାୟ ୧ ଲକ୍ଷ ୬୮ ହଜାର କୋଟି ଟଙ୍କା ବାଣ୍ଟିଥିବା ପିଆରଏସ୍ ଲେଜିସଲେଟିଭ୍ ରିସର୍ଚ୍ଚ ତଥ୍ୟରୁ ଜଣାପଡ଼ିଛି। ଅଧିକରୁ ଅଧିକ ରାଜ୍ୟରେ ମହିଳାଙ୍କୁ ଟଙ୍କା ବାଣ୍ଟିବା ପାଇଁ ନୂଆ ନୂଆ ଯୋଜନା କରିଥିବାରୁ ଚଳିତ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରାଜ୍ୟ ଏ ବାବଦରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ଦେୟ କରିବାର ସମ୍ଭାବନା ରହିଛି।

ମଧ୍ୟପ୍ରଦେଶ ସରକାର ଏଥିପାଇଁ ଲାଡ୍‌ଲି ବହେନ୍ ଯୋଜନା ପ୍ରଣୟନ କରିଥିବା ବେଳେ ପଶ୍ଚିମବଙ୍ଗରେ ତୃଣମୂଳ ସରକାର ଥିବା ବେଳେ ଲକ୍ଷ୍ମୀ ଭଣ୍ଡାର ଯୋଜନା ଆରମ୍ଭ ହୋଇଥିଲା। ତେବେ ଲକ୍ଷ୍ମୀ ଭଣ୍ଡାର ଯୋଜନାରେ ମହିଳାମାନଙ୍କୁ ମାସିକ ହଜାରେରୁ ୧୨ ଶହ ଟଙ୍କା ପର୍ଯ୍ୟନ୍ତ ବଣ୍ଟାଯିବାର ବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନର ବିଜେପି ସରକାର ସେଠାରେ ନୂଆ ଯୋଜନା ଆଣି ଏହି ରାଶି ବଢ଼ାଉଛନ୍ତି।

ମହାରାଷ୍ଟ୍ରରେ ଏଭଳି ମହିଳା କୈନ୍ଦ୍ରିକ ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ମାସିକ ପ୍ରାୟ ୧୫୦୦ ଟଙ୍କା ଦିଆଯିବା ସହ ଜମିଜମା ପଞ୍ଜିକରଣ କ୍ଷେତ୍ରରେ ଷ୍ଟାମ୍ପ ଡ୍ୟୁଟିରେ ମଧ୍ୟ ରିହାତି ଦିଆଯାଉଛି। ଝାଡ଼ଖଣ୍ଡରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା କରି ମିଳୁଥିବା ବେଳେ କର୍ଣ୍ଣାଟକରେ ୨୦୦୦ ଟଙ୍କା କରି ମିଳୁଛି। ଏହାଛଡ଼ା କର୍ଣ୍ଣାଟକ ସରକାର ମହିଳା ଶ୍ରମଶକ୍ତି ସ୍ୱତନ୍ତ୍ର ଯୋଜନା ଲାଗୁ କରି ମହିଳାମାନଙ୍କୁ କ୍ଷୁଦ୍ର ଉଦ୍ୟୋଗୀ ବନାଇବା ପାଇଁ ମୁଣ୍ଡପିଛା ୨୫ ହଜାର ଟଙ୍କାର ଋଣ ଏବଂ ଆଉ ୨୫ ହଜାର ଟଙ୍କା ସବ୍‌ସିଡି ବ୍ୟବସ୍ଥା କରିଛନ୍ତି।

ଦିଲ୍ଲୀର ପ୍ରାଦେଶିକ ସରକାର ମଧ୍ୟ ମହିଳାମାନଙ୍କ ଲାଗି ଆର୍ଥିକ ପ୍ରୋତ୍ସାହନ ବଣ୍ଟନ ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି ସେଥିରେ ପ୍ରତି ହିତାଧିକାରୀ ମାସିକ ଅନ୍ୟୂନ ୧୦୦୦ ଟଙ୍କା କରି ପାଇବେ। ଆସାମ ସରକାର ମଧ୍ୟ ମହିଳା ହିତାଧିକାରୀଙ୍କୁ ମାସିକ ହଜାରେ ଟଙ୍କା କରି ବାଣ୍ଟୁଥିବା ବେଳେ ତେଲଙ୍ଗାନା, ଆନ୍ଧ୍ର, ବିହାର, ଛତିଶଗଡ଼, ତାମିଲନାଡୁ, ହିମାଚଳ ଆଦିରେ ବି ମହିଳା ହିତାଧିକାରୀମାନେ ମାସିକ ହଜାରେରୁ ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ପାଉଛନ୍ତି। ଏହାଛଡ଼ା କେନ୍ଦ୍ର ସରକାର ମହିଳା ସମ୍ମାନ ସଞ୍ଚୟ ସାର୍ଟିଫିକେଟ୍‌ରେ ମହିଳା ବିନିଯୋଗକାରୀଙ୍କ ପାଇଁ ୭.୫ ପ୍ରତିଶତ ସୁଧ ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ମହିଳା ଉଦ୍ୟୋଗୀଙ୍କୁ ୧୦ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, କତା ଶିଳ୍ପରେ ନିୟୋଜିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ ଜନନୀ ସୁରକ୍ଷା ଯୋଜନା ଆଦିରେ ବି ଅନେକ ପ୍ରୋତ୍ସାହନ ଦିଆଯାଉଛି। (ତଥ୍ୟ)

SANCHAR
ସଂଚାର
sanchar.live

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

## ସମ୍ପାଦକୀୟ

# ସୁଶାସନ ଓ ଜାତୀୟ ଚେତନା

ପ୍ରତିବର୍ଷ ୨୫ ଡିସେମ୍ବର ଦିନ ଭାରତ ଏକ ବିଶେଷ ଦିବସ ପାଳନ କରେ-ସୁଶାସନ ଦିବସ। ଏହି ଦିନଟି କେବଳ ଏକ ତାରିଖ ନୁହେଁ; ଏହା ଏକ ମହାନ ରାଜନେତା, କବି ଓ ଦେଶପ୍ରେମୀଙ୍କ ଜନ୍ମଦିବସ ସହିତ ଜଡ଼ିତ। ପୂର୍ବ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସକୁ ସୁଶାସନ ଦିବସ ଭାବେ ପାଳନ କରାଯାଏ। ଅନେକେ ଭୁଲରେ ଏହାକୁ ତାଙ୍କ ମୃତ୍ୟୁ ବାର୍ଷିକୀ ମନେ କରନ୍ତି, କିନ୍ତୁ ବାସ୍ତବରେ ବାଜପେୟୀ ୧୬ ଅଗଷ୍ଟ ୨୦୧୮ରେ ପରଲୋକ ଗମନ କରିଥିଲେ। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ତାଙ୍କ ଜନ୍ମଦିବସକୁ ଏହି ମର୍ଯ୍ୟାଦା ପ୍ରଦାନ କରିଥିଲେ। ଏହାର ଉଦ୍ଦେଶ୍ୟ ସ୍ୱଷ୍ଟ-ସୁଶାସନର ଆଦର୍ଶକୁ ଜାତୀୟ ଚେତନାରେ ପ୍ରତିଷ୍ଠିତ କରିବା ଏବଂ ସରକାରୀ କାର୍ଯ୍ୟରେ ଜବାବଦିହିତା, ପାରଦର୍ଶିତା ଓ ନାଗରିକ-କେନ୍ଦ୍ରିକ ପ୍ରଶାସନକୁ ଦୃଢ଼ କରିବା।



ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନେତା ନଥିଲେ। ସେ ଜଣେ କବି, ବକ୍ତା ଏବଂ ଦେଶପ୍ରେମୀ ଥିଲେ। ତାଙ୍କ ଶାସନକାଳରେ ଭାରତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲା। ୧୯୯୮ରେ ପୋଖରଣ ପରମାଣୁ ପରୀକ୍ଷା ଭାରତକୁ ପରମାଣୁ ଶକ୍ତି ଭାବେ ପ୍ରତିଷ୍ଠିତ କରିଥିଲା। ସ୍ୱର୍ଣ୍ଣ ଚତୁର୍ଭୁଜ ସଡ଼କ ପ୍ରକଳ୍ପ ଦେଶର ରାସ୍ତା ଯୋଗାଯୋଗକୁ ବଦଳାଇଦେଇଥିଲା। କାର୍ଗିଲ୍ ଯୁଦ୍ଧରେ ତାଙ୍କ ନେତୃତ୍ୱରେ ଭାରତ ବିଜୟ ହାସଲ କରିଥିଲା। ମୋବାଇଲ୍ ବିପ୍ଳବ, ଗ୍ରାମୀଣ ବିକାଶ ଓ ଅର୍ଥନୈତିକ ସଂସ୍କାର ତାଙ୍କ ଶାସନର ମୁଖ୍ୟ ବିଶେଷତ୍ୱ ଥିଲା। ସେ ସର୍ବଦା ଜନସାଧାରଣଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ ଏବଂ ରାଜନୀତିକୁ ମୂଲ୍ୟବୋଧ ଓ ନୈତିକତା ଉପରେ ଆଧାରିତ କରିଥିଲେ।

ସୁଶାସନ ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସରକାର ଓ ନାଗରିକ ମଧ୍ୟରେ ସେତୁବନ୍ଧନ ସୃଷ୍ଟି କରିବା। ଏହି ଦିନ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହେ ଯାହା ଦ୍ୱାରା ସେବା ପ୍ରଦାନ ଜାରି ରହେ। ନାଗରିକମାନେ ସରକାରୀ କାର୍ଯ୍ୟର ଜବାବଦିହିତା ବିଷୟରେ ସଚେତନ ହୁଅନ୍ତି ଏବଂ ପ୍ରଶାସନରେ ସ୍ୱଚ୍ଛତା, ଦକ୍ଷତା ଓ ନ୍ୟାୟ ପ୍ରତି ଗୁରୁତ୍ୱ ଦିଆଯାଏ। ବାଜପେୟୀଙ୍କ ଜୀବନ ଓ କାର୍ଯ୍ୟ ଆଜିର ପ୍ରଶାସକ ଓ ନେତାମାନଙ୍କ ପାଇଁ ଏକ ଆଦର୍ଶ। ସେ ଦେଖାଇଥିଲେ ଯେ ଶାସନ କେବଳ କ୍ଷମତା ନୁହେଁ, ବରଂ ଲୋକଙ୍କ ପ୍ରତି ଦାୟିତ୍ୱ।

ଆଜିର ଯୁଗରେ ଡିଜିଟାଲ୍ ଇଣ୍ଡିଆ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ସ୍ୱଚ୍ଛ ଭାରତ ଭଳି ପଦକ୍ଷେପ ସୁଶାସନର ଆଧୁନିକ ରୂପ। ବାଜପେୟୀଙ୍କ ଦର୍ଶନ ଏହି ସବୁ ପଦକ୍ଷେପର ମୂଳରେ ରହିଛି। ସେ ବିଶ୍ୱାସ କରୁଥିଲେ ଯେ ସରକାର ଲୋକଙ୍କ ସେବକ ହେବା ଉଚିତ, ଶାସକ ନୁହେଁ। ତାଙ୍କ ସରଳ ଜୀବନଶୈଳୀ, କବିତ୍ୱ ଓ ରାଜନୈତିକ ସହିଷ୍ଣୁତା ଆଜି ମଧ୍ୟ ଅନୁପ୍ରାଣିତ କରେ।

ସୁଶାସନ ଦିବସ କେବଳ ଏକ ଔପଚାରିକ ଦିନ ନୁହେଁ। ଏହା ଏକ ସ୍ମରଣ ଓ ପ୍ରତିଶ୍ରୁତି। ଆମେ ବାଜପେୟୀଙ୍କ ଆଦର୍ଶକୁ ଗ୍ରହଣ କରି ଭାରତକୁ ଅଧିକ ସୁଶାସିତ, ସ୍ୱଚ୍ଛ ଓ ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ। ତାଙ୍କ ଜନ୍ମଦିବସରେ ସୁଶାସନ ଦିବସ ପାଳନ କରିବା ଦ୍ୱାରା ଆମେ ତାଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁ। ଏହି ଦିନ ଆମକୁ ମନେ ପକାଏ ଯେ ଭଲ ଶାସନ ହିଁ ସୁଦୃଢ଼ ଗଣତନ୍ତ୍ରର ମୂଳଦୁଆ। ଅଟଳଙ୍କ ଆଦର୍ଶ ଚିରନ୍ତନ। ସୁଶାସନ ଦିବସ ପାଳନ କରି ଆମେ ସେହି ଆଦର୍ଶକୁ ଜୀବନ୍ତ ରଖିବା।

# ମମ ଭାରତମ୍ ମମ ଗୌରବମ୍

**ଅରିଜିତ ମିଶ୍ର**



ଯୁଗ ଯୁଗ ଧରି ଆମ ଦେଶ ଭାରତ ବିଶ୍ୱବନ୍ଦନିୟ। ଭାରତ ପରି ଏକ ମହାନ୍ ଦେଶରେ ଆମେ ଜନ୍ମ ଗ୍ରହଣ କରି ସର୍ବଦା ନିଜକୁ ଧନ୍ୟ ମନେକରୁ। କାଳ କାଳ ଧରି ଏହି ଧରିତ୍ରୀ ଆଜି ଅସଂଖ୍ୟ ମହାନ୍ ଆତ୍ମାଙ୍କୁ ଆମ ଦେଶରେ ଜନ୍ମ ଦେଇଛି ଏବଂ ଦେଉଥିବ ମଧ୍ୟ। ସର୍ବ ଧର୍ମ, ଭାଷା, ଜାତି, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଏକ ଓ ଅଭିନ୍ନ। ଖାଲି ଆମ ଦେଶର ନାଁ ଭାରତ ଏବଂ ଆମେ ଭାରତୀୟ ବୋଲି କହିଦେଲେ ବା ମନରେ ଭାବିଦେଲେ ହୃଦୟ ସର୍ବଦା ଆମର ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଏ। ଗାଁ ରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଯେଉଁଠି ତ୍ରିରଙ୍ଗା ଉଡୁଥିବାର ଦେଖିଲେ ସଙ୍ଗେ ସଙ୍ଗେ ଛାତି ଗର୍ବରେ ପ୍ରଫୁଲ୍ଲିତ ହୁଏ। ଭାରତର ପ୍ରତ୍ୟେକ କଙ୍କର ବା ରେଣୁ ଆଜି ଆମ ପାଇଁ ଶଙ୍କରଙ୍କ ସହ ସମାନ ଅଟେ। ଭାରତରେ ଥିବା ଜଙ୍ଗଲ, ଫୁଲ, ଫଳ, ପାଣି, ପବନ ଆଦି ଆମ ଚକ୍ଷୁ ଆଗରେ ଆସିଗଲେ ଲାଗେ ଯେପରି ଆମେ ଏକ ସୁନ୍ଦର ଉଦ୍ୟାନ ଭିତରେ ବିହରଣ କରୁଛୁ। ବ୍ରହ୍ମ ପୁରାଣରେ ଭାରତର ଅବସ୍ଥିତିକୁ ନେଇ ବର୍ଣ୍ଣିତ,

*'ଉତ୍ତରଂ ଯତ୍ ସମୁଦ୍ରସ୍ୟ ହିମାଦ୍ରେଶ୍ଚୈବ ଦକ୍ଷିଣମ୍।*
*ବର୍ଷଂ ତଦ୍ ଭାରତଂ ନାମ୍ ଭାରତୀ ଯତ୍ର ସନ୍ତତିଃ।।'*

ଆର୍ଥାତ ଯେଉଁ ଭୂଖଣ୍ଡ ସମୁଦ୍ରର ଉତ୍ତର ଭାଗରେ ଏବଂ ହିମାଳୟର ଦକ୍ଷିଣରେ ଅବସ୍ଥିତ, ଉକ୍ତ ଭୂଖଣ୍ଡକୁ ଭାରତବର୍ଷ କୁହାଯାଏ। ଏହିଭଳି ଏକ ପୁଣ୍ୟ ଭୂମିରେ ଅନେକ ଯୋଗ ଜନ୍ମା ମହାପୁରୁଷ ମାନେ ଜନ୍ମ ଗ୍ରହଣ କରି ଏହାକୁ ଋଦ୍ଧିମନ୍ତ କରିଛନ୍ତି। ପ୍ରତ୍ୟେକ ଯୁଗରେ ମହାବିଷ୍ଣୁ ଏହି ପୁଣ୍ୟ ଭୂମିରେ ବିଭିନ୍ନ ଅବତାର ନେଇ ଜନ୍ମ ଗ୍ରହଣ କରି ଏହି ଦେଶର ମାଟିକୁ ମହାନ୍ କରିଛନ୍ତି। ରାମାୟଣ ଏବଂ ମହାଭାରତ ପରି ପୁରାଣ ମାଧ୍ୟମରେ ଭଗବାନ ଆମକୁ ସମାଜରେ କିପରି ଜୀବନ ଅତିବାହିତ କରିହେବ ତାହାର ଅନେକ ପ୍ରକାରର ଉଦାହରଣ ଦେଇଛନ୍ତି। ଭାରତ ହେଉଚି ଆମର ଏକ ସଂସ୍କୃତି ସମ୍ପନ୍ନ ଦେଶ। ପର୍ବପର୍ବାଣୀ, ନୃତ୍ୟ, ସଙ୍ଗୀତ, ଭୋଜନ ଆଦି କ୍ଷେତ୍ରରେ ଭାରତର ଯେଉଁ ପ୍ରାନ୍ତକୁ ଯିବା ଅନେକ ଭିନ୍ନତା ପରିଲକ୍ଷିତ ହୁଏ ତଥାପି ଆମେ ଏକ ଓ ଅଖଣ୍ଡ ଭାରତର ନାଗରିକ ଭାବରେ ଗର୍ବ ଅନୁଭବ କରୁଥାଉ। ଯାହାର ସଂସ୍କୃତିକୁ ଦେଖିବା ପାଇଁ ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ଭ୍ରମଣକାରୀ ମାନେ ସର୍ବଦା ଆସିଥାନ୍ତି। ପ୍ରୟାଗ, ନାସିକ, ଉଜ୍ଜୈନ, ହରିଦ୍ୱାର ମାଟିରେ କୁମ୍ଭ ମେଳା ହେଉ ବା ଆମ ଉତ୍କଳ ଖଣ୍ଡର ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥ ଯାତ୍ରା ଯାହାକୁ ଦେଖିବା ସହ ଭକ୍ତ ଓ ଭଗବାନଙ୍କ ମିଳନର ଅପୂର୍ବ ନିଦର୍ଶନ ସୃଷ୍ଟି ହୋଇଥାଏ। ବାରାଣସୀ ବା କାଶୀର ଗଙ୍ଗା ଘାଟରେ ବସିବାର ଶାନ୍ତି, ଜ୍ୟୋତିର୍ଲିଙ୍ଗ ବିଶ୍ୱନାଥ ଦର୍ଶନ କରିବାର ଆନନ୍ଦ, ଦୁଧ ମଲାଇ ଓ କଚୋଡ଼ି ଖାଦ୍ୟର ସ୍ୱାଦ କେବଳ ଏହି ଭାରତରେ ହିଁ ମିଳିଥାଏ। ଶକ୍ତି ଉପାସନାର ପ୍ରତୀକ କଲିକତା ସହରର କାଳିଘାଟ କାଳୀ ଏବଂ ଦକ୍ଷିଣେଶ୍ୱର କାଳୀଙ୍କୁ ଦର୍ଶନ କରି ହୁଗୁଳି ଗଙ୍ଗାରେ ଡଙ୍ଗା ସାହାଯ୍ୟରେ ବସି ବେଲୁର୍ ମଠ ଯିବାର ଆନନ୍ଦ ସତରେ ଅନନ୍ୟ। ଦାର୍ଜିଲିଂ ସହର ଉପରୁ ଦୃଶ୍ୟମାନ ହେଉଥିବା ଅପରୂପ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହିମାଳୟ ପର୍ବତମାଳାରେ ଥିବା କାଞ୍ଚନଜଙ୍ଘା ଗିରିଶୃଙ୍ଗର ଦୃଶ୍ୟ ମନକୁ ଅତି ଆନନ୍ଦ ପ୍ରଦାନ କରେ। ପଶ୍ଚିମଘାଟ ପର୍ବତମାଳାର ପାଦ ଦେଶ ଏବଂ ଆରବ ସାଗର କୂଳରେ ବମ୍ବେ ସହରକୁ ଦେଖିଲେ ଲାଗେ ଯେପରି ଆମେ ବିଦେଶରେ ଅଛୁ। ସେଠିକାର ଛତ୍ରପତି ଶିବାଜୀ ଟର୍ମିନସ, ଗେଟୱେ ଅଫ୍ ଇଣ୍ଡିଆର ଦୃଶ୍ୟ ତତ୍ସହିତ ବଡାପାଓ୍ୱ ଖାଇବାର ମଜା ଭାରି ନିଆରା। ଭାରତର ରାଜଧାନୀ ଦିଲ୍ଲୀ ସହରରେ ଥିବା ରାଜଘାଟ, କୁତୁବମିନାର, ଲୋଟସ ମନ୍ଦିର, ଅକ୍ଷର ଧାମ, ଇଣ୍ଡିଆ ଗେଟ୍, ରାଷ୍ଟ୍ରପତି ଭବନ, ସଂସଦ ଗୃହ ସହିତ ଚାନ୍ଦିନୀ ଚୌକ ରାସ୍ତାରେ ରିକ୍ସାରେ ବସି ଲାଲକିଲ୍ଲାର ସୁନ୍ଦର କୀର୍ତ୍ତିକୁ ଦେଖିବାର ସୁଯୋଗ ଖୁବ୍ ମନୋରମ। ସେହିପରି ଦକ୍ଷିଣ ଭାରତରେ ଥିବା ସମସ୍ତ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳ ଏବଂ ମନ୍ଦିର ମାନଙ୍କର ଦୃଶ୍ୟ ଖୁବ୍ ଚମତ୍କାର ମନେହୁଏ। ତେଣୁ ଯଥାର୍ଥରେ କୁହାଯାଇ ପାରେ ' ଯାହା ନାହିଁ ଭାରତେ ତାହା ନାହିଁ ମରତେ'। ଅର୍ଥାତ୍ ଯାହା ଆମ ଭାରତରେ ନାହିଁ ତାହା ଏହି ସମଗ୍ର ଜଗତରେ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ।

ଆମ ଦେଶ ସ୍ୱାଧୀନତା ପାଇବା ପରେ ଦିନକୁ ଦିନ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କରିବା ସହିତ ବିଭିନ୍ନ ବୈଦ୍ୟୁତିକ ଯନ୍ତ୍ରର ଉଦ୍ଭାବନ କ୍ଷେତ୍ରରେ ବୃଦ୍ଧି ପାଇଚି। ଉକ୍ତ ବୈଦ୍ୟୁତିକ ଯନ୍ତ୍ର ଗୁଡ଼ିକ ଯୋଗାଯୋଗ, ଗମନାଗମନ, ଗଣମାଧ୍ୟମ, କୃଷି, ବାଣିଜ୍ୟ, ଯୁଦ୍ଧ, ନୌବାଣିଜ୍ୟ ଆଦି ପ୍ରତ୍ୟେକ ଜାଗାରେ ବ୍ୟବହାର ହୋଇ ପାରୁଛି। ଡିଜିଟାଲ ମାର୍କେଟିଙ୍ଗ, ଡିଜିଟାଲ ପ୍ରସାରଣ ଆଦିର ବ୍ୟବହାର ବହୁଳ ପରିମାଣରେ ପରିଚାଳିତ ହେଉଛି। ସରକାରଙ୍କ ତରଫରୁ ପ୍ରଣୀତ ବିଭିନ୍ନ ଯୋଜନା ଆଜି ପୂର୍ଣ୍ଣତାରେ ପରିଣତ ହେବାକୁ ଚେଷ୍ଟା ଚାଲିଛି। ଗାଁ ରେ ଶଗଡ଼ ଗାଡ଼ି ଠାରୁ ଆରମ୍ଭ କରି ଇସ୍ରୋରେ ପ୍ରସ୍ତୁତ ବିଭିନ୍ନ ସାଟେଲାଇଟ ପର୍ଯ୍ୟନ୍ତ ସବୁରି କ୍ଷେତ୍ରରେ ଭାରତ ନିଜର ଅଦମ୍ୟ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା କରିଚାଲିଛି। କିନ୍ତୁ ଜନସଂଖ୍ୟା ବୃଦ୍ଧି ହେତୁ ବର୍ତ୍ତମାନର ଯୁବ ପିଢ଼ି ସମସ୍ତ ସ୍ଥାନରେ ନିଜର ସଂଘର୍ଷ ଜାରି ରଖିଛନ୍ତି। ସେ ଯାହା ବି ହେଉ ଆମ ଭାରତ ମହାନ୍ ଏବଂ ଆମେ ଆମର ଦେଶକୁ ଅଧିକରୁ ଅଧିକ ଉନ୍ନତି ଆଣିବା ପାଇଁ ପ୍ରଚେଷ୍ଟା ବଳବତ୍ତର ରଖିବା ଆବଶ୍ୟକ ଅଟେ। ତେଣୁ ଆମେ ଗର୍ବର ସହ କହିବା "ମମ ଭାରତମ୍, ମମ ଗୌରବମ୍।"

ବୀରନରସିଂହପୁର, ପୁରୀ, ମୋବାଇଲ:୯୦୪୦୩୫୦୦୮୯

# କଟକରେ ଇଂରେଜ ରାଜତ୍ୱ

**ସୌର ଚନ୍ଦ୍ର ମହାପାତ୍ର**



ଆଜି ହଜାର ବର୍ଷର ସହର କଟକ ସମଗ୍ର ଭାରତବାସୀ ଓ ଓଡ଼ିଶାବାସୀଙ୍କ ସହିତ ଅଶିତମ ସ୍ୱାଧୀନତା ଦିବସ ପାଳନ କରୁଛି ଏହା କମ ବଡ଼ ଗୌରବର କଥା ନୁହେଁ। ଏଠାରେ ସୂଚନାଥାଉକି ୧୫୯୨ରୁ ୧୭୫୧ ପର୍ଯ୍ୟନ୍ତ ଅର୍ଥାତ ୧୬୦ ବର୍ଷ ସମୟଧରି ସେ ସମୟର ମୋଗଲ ମାନଙ୍କ ରାଜୁତି ବେଳେ ରାଜଧାନୀ ରହିଥିଲା 'କଟକ'। ସେ ସମୟରେ ଗମନାଗମନର ପଥ ବିଶେଷ ଉନ୍ନତି ହୋଇନଥିଲା। ପରବର୍ତ୍ତୀ ସମୟରେ ମରହଟ୍ଟାମାନେ ଆସିବା ପରେ ଅର୍ଥାତ୍ ୧୭୮୬ ବେଳକୁ ସୁବର୍ଣ୍ଣରେଖା ମୁହାଣରେ ଥିବା ପିପିଲି ବନ୍ଦର ଏକ ପ୍ରକାର ଟପ ହୋଇଯାଇଥିଲା। ସେମାନଙ୍କ ପାଇଁ କଟକ ଏକ ପ୍ରଦେଶ ଭାବରେ ନାମିତ ହୋଇଥିଲା। ବିଖ୍ୟାତ ପୁସ୍ତକ 'ଆଇନ-ଇ-ଆକବରୀ'ର ତଥ୍ୟ ଅନୁଯାୟୀ ସେ ସମୟର ମୋଗଲମାନେ ଜମିଜମା ବନ୍ଦୋବସ୍ତ ସୂଚାରୁରୂପେ ତୁଲାଇ ପାରୁନଥିଲେ। ଏହାର ପରବର୍ତ୍ତୀ ସମୟର କଥା। ସର୍ବପ୍ରଥମେ ଇଂରେଜମାନେ ସେ ସମୟର ମାନ୍ଦ୍ରାଜ ଆଡୁ ସର୍ବପ୍ରଥମେ ଓଡ଼ିଶାର ଦକ୍ଷିଣ ଭାଗ ଆକ୍ରମଣ କରି ୧୮୦୩ ସେପ୍ଟେମ୍ବର ୮ ତାରିଖରେ ଗଞ୍ଜାମରେ ପହଞ୍ଚି ନିଜ ଅଧିକାର ଦାବି କରିଥିଲେ। ତେବେ ସଂଯୋଗବଶତଃ ବ୍ରିଟିଶ ଫୌଜ ମରହଟ୍ଟା ମାନଙ୍କ ବିରୁଦ୍ଧରେ ୧୮୦୩ ଅଗଷ୍ଟ ୩ ତାରିଖରୁ ଯୁଦ୍ଧ ଘୋଷଣା କରି ଚିଲିକା ସନ୍ନିକଟ ମାଣିକପାଟଣାରେ ପହଞ୍ଚିଥିଲେ। କର୍ଣ୍ଣେଲ ହାର୍ଡକୋଟଙ୍କ ନେତୃତ୍ୱରେ ଅକ୍ଟୋବର ୮ ତାରିଖରେ ଏକ କମ୍ପାନୀ ବିଶିଷ୍ଟ ଫୌଜ କାଠଯୋଡ଼ି ଅତିକ୍ରମ କରି ବାରବାଟୀ ଦୁର୍ଗକୁ ନିଜ ଅକ୍ତିଆରକୁ ନେଇଥିଲେ। ପରେ ବଙ୍ଗଳାରୁ ସିପାହୀମାନଙ୍କ ସହିତ କର୍ଣ୍ଣେଲ ଫର୍ଗୁସନଙ୍କ ନେତୃତ୍ୱରେ ତୃତୀୟ ବ୍ରିଟିଶ ବାହିନୀ ମେଦିନୀପୁରରୁ କଟକରେ ପହଞ୍ଚିଥିଲେ। କହିବାକୁଗଲେ ପ୍ରବଳ ପରାକ୍ରମ ସହିତ ଇଂରେଜମାନଙ୍କ ସୈନ୍ୟ ଦଳ ଓଡ଼ିଶା ଓ ସେ ସମୟର ରାଜଧାନୀ କଟକକୁ ନିଜ ଅକ୍ତିଆରକୁ ନେଇଥିଲେ।

୧୮୦୩ରେ ଇଂରେଜମାନେ କଟକରେ ପହଞ୍ଚିଲାବେଳକୁ ମରାଠୀମାନଙ୍କ ବିଭିନ୍ନ ଠକାମୀ ଓ ଉତ୍ପୀଡ଼ନକୁ ସମସ୍ତେ ସାମ୍ନା କରୁଥିଲେ। ୧୮୦୪ ସେପ୍ଟେମ୍ବର ୧୫ ତାରିଖରେ ବ୍ରିଟିଶମାନେ ଏକ ଭୂବନ୍ଦୋବସ୍ତର ବ୍ୟବସ୍ଥା କଲେ। ଖଜଣା ଆଦାୟକୁ ସହାୟକ ହେବା ପାଇଁ ୧୮୦୪ରୁ ୧୮୩୭ ଭିତରେ ପାଖାପାଖି ୧୧ଥର ବିଭିନ୍ନ ପରିବର୍ତ୍ତନ ହୋଇ ଶେଷରେ ନୂଆ ବନ୍ଦୋବସ୍ତ ପ୍ରକାଶ ପାଇଥିଲା। ଏକ କୌତୁହଳ କଥା ସମ୍ପର୍କରେ ଆମେ ଉଲ୍ଲେଖ କରୁଛୁ। ୧୮୦୬ ବେଳକୁ ଓଡ଼ିଶାର ଜମିଦାରୀ ସବୁ ଫୋର୍ଟ ଉଇଲିୟମରେ ଏକ ପ୍ରକାର ନିଲାମ ହୋଇ ବିକ୍ରି ହୋଇଯାଉଥିଲା। ଏହି ସମୟରେ ବ୍ରିଟିଶ ବିରୁଦ୍ଧରେ ଯୁଦ୍ଧ କଲେ ମରଠା ସରକାର ବର୍ଷକର ଖଜଣା ଛାଡ଼ କରିବେ ବୋଲି ଘୋଷଣା କରିଥିଲେ। ତେବେ ସେହି ସମୟରେ ବକ୍ସି ଜଗବନ୍ଧୁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ। ଏହି ସମୟରେ କଟକର ଦାୟିତ୍ୱରେ ଥିବା ସେ ସମୟର ମାଜିଷ୍ଟ୍ରେଟ ଓ ଜର୍ଜ ଇମ୍ପେ ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଲେଫ୍ଟନାଣ୍ଟ ଫ୍ରିଡ଼ାଙ୍କ ସେନାପତିତ୍ୱରେ ଖୋର୍ଦ୍ଧାକୁ ସେନା ପଠାଇଥିଲେ। ମେଜର ଜେନେରାଲ ଜି.ମାର୍ଟିଣ୍ଡେଲ କଟକର ସାମରିକ କମିଶନ ଭାବେ ଦାୟିତ୍ୱ ଆରମ୍ଭ କଲେ। ଅନେକ ହୁଏତ ଜାଣି ନଥିଲେ ବକ୍ସି ଜଗବନ୍ଧୁ ୧୮୨୯ଜାନୁଆରୀ ୨୪ରେ କଟକର ବକ୍ସି ବଜାରରେ ତାଙ୍କ ପରଲୋକ ହୋଇଥିଲା। ତାଙ୍କରି ସ୍ମୃତିରେ



ଏବେ ବି 'ବକ୍ସି ପୋଖରୀ' ରହିଛି। ଓଡ଼ିଶାରେ ଯେଉଁ ଭୟାବହ ଦୁର୍ଭିକ୍ଷ ପଡ଼ିଥିଲା ତାହା ଥିଲା ବ୍ରିଟିଶ ଶାସନ ସମୟରେ। ୧୮୦୬, ୧୮୦୮, ୧୮୦୯, ୧୮୧୭, ୧୮୨୮, ୧୮୩୬, ୧୮୩୭ ଓ ୧୮୪୨ରେ ଦୁର୍ଭିକ୍ଷ ପଡ଼ିଥିଲା। ତେବେ ୧୮୬୫-୬୬ରେ ରାଜା ଦିବ୍ୟସିଂହ ଦେବଙ୍କ ଶାସନ ସମୟରେ ଯେଉଁ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା ତାହା ରାଜ୍ୟର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ତେବେ ଏହି ଦୁର୍ଭିକ୍ଷ ସମୟରେ ଖ୍ରୀଷ୍ଟିୟ ମିଶନାରୀମାନେ ବିଭିନ୍ନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରିବା ସହ ସାହାଯ୍ୟ ସହଯୋଗ କରିଥିଲେ। ଐତିହାସିକ ତଥ୍ୟ ଅନୁଯାୟୀ କଟକରେ ୧୮୨୨ ଖ୍ରୀଷ୍ଟାବ୍ଦରୁ ବାପିଷ୍ଟ ମାନଙ୍କର ଏବଂ ୧୮୪୫ ଖ୍ରୀଷ୍ଟାବ୍ଦରେ ରୋମ କ୍ୟାଥଲିକଙ୍କର ଆରମ୍ଭ ହୋଇଥିଲା। ସର୍ବପ୍ରଥମେ ୧୮୨୩ରେ ବାପିଷ୍ଟଙ୍କ ପୃଷ୍ଠପୋଷକତାରେ ଆଙ୍ଗେ୍ଲା ଭର୍ଣ୍ଣକୁଲାର ସ୍କୁଲ ଗଢ଼ି ଉଠିଥିଲା ପରେ ୧୮୩୭ରେ ବାପିଷ୍ଟଙ୍କ ସହଯୋଗରେ ପ୍ରଥମ ଛାପାଖାନା ତିଆରି ହୋଇଥିଲା। କଟକରେ ଇଂରେଜ ମାନଙ୍କ ଦ୍ୱାରା ଗଢ଼ି ଉଠିଥିବା ଚରୋଟି ସ୍କୁଲକୁ ୧୮୪୧ରେ ସରକାର ହାତକୁ ନେଲେ ଏବଂ ୧୮୫୧ ଖ୍ରୀଷ୍ଟାବ୍ଦରେ ଏହା କଟକ ଜିଲ୍ଲା ସ୍କୁଲ ଭାବେ ପରିଚିତ ହେଲା। ୧୮୫୮ରେ କର୍ଣ୍ଣେଲ ଆର୍ଥର କଟନ୍ ନାମକ ଜଣେ ବ୍ରିଟିଶ ଇଞ୍ଜିନିୟର ମହାନଦୀ ଓ କେନାଲ ପାଇଁ ଯୋଜନା ଅନୁସନ୍ଧାନ କରି ପରବର୍ତ୍ତୀ ସମୟରେ ୧୮୬୦ରେ ଇଷ୍ଟ ଇଣ୍ଡିଆ ଇରିଗେସନ ବ୍ୟବସ୍ଥା କରାଯାଇ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଯୋବ୍ରା ଠାରେ ଆନିକଟ ଗଢ଼ି ତାଳଦଣ୍ଡା କେନାଲ ଓ ମାଛ ଗାଁ ଶାଖା କେନାଲ ଖୋଲାଇଥିଲେ। ୧୮୭୫ରେ କଟକ ଜିଲ୍ଲା ସ୍କୁଲ ରେଭେନ୍ସା କଲଜିଏଟ ଭାବେ ପରିଚିତ ହେଲା ସେହି ବର୍ଷ କଟକ ଠାରେ ଓଡ଼ିଶା ମେଡ଼ିକାଲ ସ୍କୁଲ ଓ ପ୍ୟାରିମୋହନ ଏକାଡ଼େମୀ ଗଢ଼ି ଉଠିଲା। ୧୮୮୧ରେ କଟକ କଲେଜ ରେଭେନ୍ସା କଲେଜ ଭାବେ ନାମିତ ହେଲା। ୧୮୬୬ରେ ଗୌରୀ ଶଙ୍କର ରାୟ କଟକ ପ୍ରିଣ୍ଟିଂ କମ୍ପାନୀ ଗଢ଼ିଥିଲେ ପରେ ୧୮୭୩ରେ ଉତ୍କଳ ହିତୈଷିଣୀ ପ୍ରେସ ଓ ୧୮୮୫ରେ ଭିକ୍ଟୋରିଆ ପ୍ରେସ ଗଢ଼ା ହେଲା। ୧୮୬୯ରେ ବ୍ରାହ୍ମ ସମାଜ ଗଢ଼ା ହେଲା ଓ ୧୮୭୯ରେ ବେଙ୍ଗଲ ନାଗପୁର ରେଳପଥ କଟକରୁ କଲିକତା ଓ ମାନ୍ଦ୍ରାଜ ସହିତ ଯୋଡ଼ି ହେଲା।

୧୮୭୬ରେ କଟକ ମୁନିସପାଲଟି ଗଢ଼ାହେଲା। ଲର୍ଡ଼ ରିପନ୍ ୧୮୮୨ ମେ ମାସରେ ସ୍ୱୟତ୍ତ ଶାସନ ପ୍ରଣୟନ କରିଥିଲେ। ୧୮୮୪ରେ ପ୍ରଥମଥର ପାଇଁ କଟକ ମ୍ୟୁନସିପାଲଟି ନିର୍ବାଚନ ହେଲା। ମଧୁସୂଦନ ଦାସ କଟକରେ ୧୮୮୧ରୁ ଓକିଲାତି ଆରମ୍ଭ କରିଥିଲେ ଓ ୧୮୮୭ରେ କଟକ ଜିଲ୍ଲା ବୋର୍ଡ଼ ଚେୟାରମ୍ୟାନ ହେଲେ। ବହୁ ଉଦ୍ୟମ ପରେ ୧୯୩୬ ଅପ୍ରେଲ ପହିଲା ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା। ଏହାର ରାଜଧାନୀ କଟକରେ ରହିଲା ଓ ପ୍ରଧାନମନ୍ତ୍ରୀ ହେଲେ ପାରଳାଖେମୁଣ୍ଡି ମହାରାଜା। ଭାରତର ସ୍ୱାଧୀନତା ସଂଗ୍ରାମରେ କଟକର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାତିର ପିତା ମହାତ୍ମାଗାନ୍ଧୀ ଅନେକଥର କଟକ ଆସିଛନ୍ତି। ମଧୁସୂଦନ ଦାସ, ଗୋପବନ୍ଧୁ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନଗୋ, ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ରାଧାନାଥ, ନନ୍ଦକିଶୋର, ମଧୁସୂଦନ ରାଓ, ଯଦୁମଣି ମଙ୍ଗରାଜ, ଗୋପବନ୍ଧୁ ଚୌଧୁରୀ ଓ ଭାଗିରଥି ମହାପାତ୍ର ପ୍ରମୁଖ ଅନେକ ସଂଗ୍ରାମୀ କଟକୁ ନିଜ ସଂଗ୍ରାମର କ୍ଷେତ୍ର ଭାବେ ବାଛିଥିଲେ। କଟକରେ ସ୍ୱରାଜ ଆଶ୍ରମ ସ୍ଥାପିତ ହେଲା। ଏଠାରେ ସ୍ମରଣ କରୁଛୁ କି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ସେନାପତି ତଥା ଆଇଏନଏର ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଓ କର୍ମଭୂମି ଥିଲା କଟକ। ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଉତ୍କଳୀୟଙ୍କ ଏକତ୍ରୀ କରଣ କରିବାସହ ଭାଇଚାରା ବନ୍ଧନୀରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଛି କଟକ। ଆଜି ଅଶୀତମ ସ୍ୱାଧୀନତା ଦିବସ ଅବସରରେ ଜଣେ କଟକିଆ ଭାବେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬**
**ମୋବାଇଲ୍:୯୪୩୭୦୦୪୪୬୬**

# ସମୟ, ସମାଜ ଏବଂ ପରିବର୍ତ୍ତିତ ମଣିଷ

**ଦୀପ୍ତିମୟୀ ନାୟକ**



ଏହି ସଂସାରରେ ସମୟ, ସମାଜ ଏବଂ ମଣିଷ ଏହି ତିନୋଟି ଗୋଟିଏ ସୂତାରେ ବନ୍ଧା ହୋଇଥିବା ଫୁଲ ଭଳି। ଗୋଟିକୁ ଛାଡ଼ି ଅନ୍ୟଟିର କଳ୍ପନା କରାଯାଇପାରିବ ନାହିଁ। ସମୟ ହେଉଛି ଏକ ନିରନ୍ତର ବହିଯାଉଥିବା ନଦୀ, ସମାଜ ହେଉଛି ତାର ଦୁଇଟି କୂଳ ଏବଂ ମଣିଷ ହେଉଛି ସେହି ନଦୀରେ ଭାସୁଥିବା ଏକ ନାଆ। ପରିବର୍ତ୍ତନ ହେଉଛି ଏହି ସୃଷ୍ଟିର ଅଲିଖିତ ନିୟମ। ଦୁନିଆରେ ସବୁକିଛି ବଦଳେ କିନ୍ତୁ ସବୁଠାରୁ ବଡ଼ ପରିବର୍ତ୍ତନ ଆସେ ମଣିଷର ଚିନ୍ତାଧାରା ଏବଂ ତାର ବ୍ୟବହାରରେ। ସତ କହିବାକୁ ଗଲେ କୌଣସି ମଣିଷ ନିଜ ଇଚ୍ଛାରେ ଖରାପ କିମ୍ବା କଠୋର ହୁଏନାହିଁ ବରଂ ସମୟର ଚକ୍ର ଏବଂ ଆଖପାଖର ପରିବେଶ ହିଁ ତାକୁ ବଦଳିବାକୁ ବାଧ୍ୟ କରିଥାଏ। ଆମେ ଅନ୍ୟକୁ ଯେପରି ବ୍ୟବହାର ଦେବା ବଦଳରେ ସେପରି ବ୍ୟବହାର ହିଁ ପାଇବା। ଯଦି ଆମେ କାହା ପ୍ରତି ଖରାପ ଆଚରଣ କରୁଛେ ତେବେ ତାଙ୍କଠାରୁ ଭଲ ବ୍ୟବହାର ଆଶା କରିବା ବୃଥା। ସତରେ କୌଣସି ମଣିଷ ନିଜେ ବଦଳନ୍ତି ନାହିଁ ବରଂ ସମୟ ଏବଂ ପରିସ୍ଥିତି ହିଁ ମଣିଷକୁ ବଦଳାଇ ଦିଅନ୍ତି।ଆଜିର ଆଧୁନିକ ସମାଜରେ ମଣିଷ ଯେଉଁ ସ୍ୱାର୍ଥପରତା ଓ ଅଶାନ୍ତି ଭିତରେ ଗତି କରୁଛି। ତାର ମୂଳ କାରଣ ହେଉଛି ସେ ଅନ୍ୟମାନଙ୍କଠାରୁ ଭଲ ବ୍ୟବହାର ତ ଆଶା କରୁଛି କିନ୍ତୁ ନିଜେ ଅନ୍ୟକୁ ସ୍ନେହ ଓ ସମ୍ମାନ ଦେବାକୁ ଭୁଲିଯାଉଛି। ତେଣୁ ସମୟ ଓ ସମାଜର ଏହି ପରିବର୍ତ୍ତନକୁ ବୁଝିବାକୁ ହେଲେ ପ୍ରଥମେ ମଣିଷ ମନର ପରିବର୍ତ୍ତନକୁ ବୁଝିବାକୁ ହେବ।

ତେବେ ସମୟ କାହାରିକୁ ଅପେକ୍ଷା କରେନାହିଁ। ଏହା ନିରନ୍ତର ଗତିଶୀଳ।ଅତୀତରୁ ବର୍ତ୍ତମାନ ଏବଂ ବର୍ତ୍ତମାନରୁ ଭବିଷ୍ୟତ ଆଡ଼କୁ ସମୟର ଯେଉଁ ଯାତ୍ରା ତାହା ମଧ୍ୟରେ ସମାଜର ରୂପରେଖ ସମ୍ପୂର୍ଣ୍ଣ ବଦଳିଯାଇଛି। କାଳର କରାଳ ଗତିରେ କେତେ ସଭ୍ୟତା ଗଢ଼ିଉଠିଛି ତ କେତେ ସଭ୍ୟତା ମାଟିରେ ମିଶିଯାଇଛି। ଆଦିମ କାଳର ଜଙ୍ଗଲୀ ମଣିଷ ଯେତେବେଳେ ସମାଜ ଗଠନ କଲା ସେତେବେଳେ ସମ୍ପର୍କ ଓ ସହଯୋଗର ମୂଲ୍ୟବୋଧ ସୃଷ୍ଟି ହୋଇଥିଲା। କିନ୍ତୁ ଯେମିତି ସମୟ ଆଗକୁ ବଢ଼ିଲା, ମଣିଷ ନିଜର ଆବଶ୍ୟକତା ଅନୁସାରେ ନିଜକୁ ପରିବର୍ତ୍ତନ କଲା। ସମୟ ମଣିଷକୁ ଅଭିଜ୍ଞତା ଦିଏ ଏବଂ ଅଭିଜ୍ଞତା ମଣିଷକୁ ପରିପକ୍ୱ କରେ। ଆଜିର ମଣିଷ ଯେଉଁ ଚିନ୍ତାଧାରା ନେଇ ବଞ୍ଚୁଛି, ତାହା କେବଳ ତାର ନିଜସ୍ୱ ନୁହେଁ ବରଂ ସମୟର ପ୍ରବାହ ଦ୍ୱାରା ନିର୍ମିତ ଏକ ମାନସିକତା। ତେଣୁ ସମାଜ ହେଉଛି ଏକ ଦର୍ପଣ ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରତିବିମ୍ବ ଦେଖିବାକୁ ପାଏ। ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରୁ ବାହାରେ ରହି ସେ ନିଜର ବ୍ୟକ୍ତିତ୍ୱର ବିକାଶ କରିପାରିବ ନାହିଁ। ଜନ୍ମ ସମୟରେ ଗୋଟିଏ ଶିଶୁ କେବଳ ଏକ ରକ୍ତମାଂସର ପିଣ୍ଡୁଳା ହୋଇଥାଏ କିନ୍ତୁ ସମାଜ ହିଁ ତାକୁ ସଂସ୍କାର, ଭାଷା, ସଂସ୍କୃତି ଏବଂ ଆଚାର-ବ୍ୟବହାର ଶିଖାଇ ଏକ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ କରେ।



ସମାଜର ନୀତିନିୟମ, ପରମ୍ପରା ଏବଂ ପରିବେଶ ମଣିଷର ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। କିନ୍ତୁ ଯେତେବେଳେ ସମାଜରେ ଅବକ୍ଷୟ ଘଟେ ସେତେବେଳେ ମଣିଷର ଚରିତ୍ର ମଧ୍ୟ ବଦଳିବାକୁ ଲାଗେ। ଆଜିର ସମାଜରେ ଯେଉଁ ପ୍ରତିଯୋଗିତା ଏବଂ ସ୍ୱାର୍ଥପରତା ଦେଖାଦେଇଛି ତାହା ମଣିଷକୁ ଅଧିକ ରକ୍ଷଣଶୀଳ ଏବଂ ଆତ୍ମକେନ୍ଦ୍ରିକ କରିଦେଇଛି।

ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି କର୍ମଫଳ। ଆମେ ସମାଜକୁ ବା ଅନ୍ୟମାନଙ୍କୁ ଯେଉଁ ବ୍ୟବହାର କରିବା ସମୟକ୍ରମେ ସେହି ବ୍ୟବହାର ହିଁ ଆମ ପାଖକୁ ଫେରିଆସିବ। ଏହାକୁ ହିଁ ପ୍ରକୃତିର ନିୟମ ବା କର୍ମର ଆଇନ। କୁହାଯାଏ। ଯଦି ଆମେ କାହା ପ୍ରତି ଖରାପ ଆଚରଣ କରୁଛେ ତେବେ ତାଙ୍କଠାରୁ ଭଲ ବ୍ୟବହାର ଆଶା କରିବା କେବଳ ଏକ ମୂର୍ଖାମୀ। ଅନେକ ସମୟରେ ଲୋକେ ଅଭିଯୋଗ କରନ୍ତି ଯେ ସେମାନଙ୍କୁ ସମାଜରେ ଆଦର ବା ସମ୍ମାନ ମିଳୁନାହିଁ କିନ୍ତୁ ସେମାନେ ଏହା ଭୁଲିଯାଆନ୍ତି ଯେ ସମ୍ମାନ ଦେଲେ ହିଁ ସମ୍ମାନ ମିଳେ। ଆମର ପ୍ରତିଟି ଶବ୍ଦ, ପ୍ରତିଟି ବ୍ୟବହାର ଏକ ବୁମେରାଙ୍ଗ ଭଳି ଯାହା ଶେଷରେ ଆମ ପାଖକୁ ହିଁ ଲେଉଟି ଆସିଥାଏ। ସମାଜରେ ସୁଖଶାନ୍ତିର ସୂତ୍ର ହେଉଛି ସହଭାଗିତା ଏବଂ ପାରସ୍ପରିକ ସମ୍ମାନ। ଲୋକେ ପ୍ରାୟତଃ କୁହନ୍ତି ସେହି ମଣିଷଟି ବଦଳିଗଲା। କିନ୍ତୁ ବାସ୍ତବରେ କୌଣସି ମଣିଷ ନିଜ ଇଚ୍ଛାରେ ବଦଳେ ନାହିଁ। ମଣିଷର ମୂଳ ସ୍ୱଭାବ ସ୍ଥିର ଥାଏ କିନ୍ତୁ ପରିସ୍ଥିତିର ଚାପ ଏବଂ ଜୀବନର ଧକ୍କା ତାକୁ ନୂଆ ରୂପ ଦିଏ। ଯେତେବେଳେ ଜଣେ ସରଳ ଓ ବିଶ୍ୱାସୀ ମଣିଷ ସମାଜରୁ ବାରମ୍ବାର ପ୍ରତାରଣା ଏବଂ ନିର୍ଯାତନା ପାଏ ସେତେବେଳେ ସେ ନିଜର ଆତ୍ମରକ୍ଷା ପାଇଁ କଠୋର ହେବାକୁ ବାଧ୍ୟ ହୁଏ। ସେହିପରି, ପରିବେଶ ଓ ସମୟର ଆବଶ୍ୟକତା ଅନୁଯାୟୀ ମଣିଷକୁ ନିଜର ନୀତି ଏବଂ ଆଦର୍ଶ ସହ ବୁଝାମଣା କରିବାକୁ ପଡ଼ିଥାଏ। ତେଣୁ କୌଣସି ପରିବର୍ତ୍ତିତ ମଣିଷକୁ ସମାଲୋଚନା କରିବା ପୂର୍ବରୁ ତାକୁ ସେହି ସ୍ଥିତିକୁ ଆଣିଥିବା ସମୟ ଓ ପରିସ୍ଥିତିକୁ ବୁଝିବା ନିହାତି ଆବଶ୍ୟକ। ବର୍ତ୍ତମାନର ସମୟ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମୟ। ଆଧୁନିକତା ଆମ ଜୀବନକୁ ସହଜ ଏବଂ ଗତିଶୀଳ କରିଦେଇଛି ସତ କିନ୍ତୁ ଏହା ସହିତ ସାମାଜିକ ମୂଲ୍ୟବୋଧରେ ଏକ ବଡ଼ ଧରଣର ଅବକ୍ଷୟ ଘଟିଛି। ମିଳିତ ପରିବାର ଭାଙ୍ଗି ଏକକ ପରିବାର ଗଢ଼ିଉଠୁଛି। ମଣିଷ ମଣିଷ ମଧ୍ୟରେ ଥିବା ଆନ୍ତରିକତା ଏବେ ସ୍ମାର୍ଟଫୋନ୍ ଏବଂ ସୋସିଆଲ ମିଡିଆର କୃତ୍ରିମ ଦୁନିଆରେ ହଜିଯାଇଛି। ଲୋକଙ୍କ ପାଖରେ ଅନ୍ୟମାନଙ୍କ ପାଇଁ ସମୟ ନାହିଁ। ଆଜିର ସମାଜ ଅର୍ଥକେନ୍ଦ୍ରିକ ହୋଇପଡ଼ିଛି ଯେଉଁଠି ସମ୍ପର୍କ ଅପେକ୍ଷା ସଫଳତା ଏବଂ ପ୍ରତିପତ୍ତିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥା ମଣିଷକୁ ଭିତରୁ ଏକାକୀ ଏବଂ ମାନସିକ ସ୍ତରରେ ଅଶାନ୍ତ କରିଦେଉଛି।

ତେବେ ସମୟ ସବୁବେଳେ ଆହ୍ୱାନ ଆଣିଥାଏ। ଆଜିର ପରିବର୍ତ୍ତିତ ସମାଜ ଏବଂ ମଣିଷ ସମ୍ମୁଖରେ ଅନେକ ଜଟିଳ ସମସ୍ୟା ଠିଆ ହୋଇଛି। ଯଦି ଆମେ ଏହି ଅନ୍ଧ ଅନୁକରଣ ଏବଂ ସ୍ୱାର୍ଥପରତାର ପ୍ରବାହରେ ନିଜକୁ ଭସାଇଦେବା ତେବେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ସମାଜ ଛାଡ଼ିଯାଇପାରିବା ନାହିଁ। ସମୟ ଆସିଛି, ଆମକୁ ଆମର ପୁରାତନ ସଂସ୍କୃତି, ତ୍ୟାଗ, ସହାନୁଭୂତି ଏବଂ ମାନବିକତାର ମୂଲ୍ୟବୋଧକୁ ବୁଝିବାକୁ ପଡ଼ିବ। ମଣିଷ ଯେତେବେଳେ ନିଜର ଭୁଲ୍ ବୁଝିପାରିବ ଏବଂ ନିଜର ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ଆଣିବ ସେତେବେଳେ ସମାଜ ମଧ୍ୟ ସ୍ୱତଃ ବଦଳିଯିବ। ଶେଷରେ ଏତିକି କହିବି ସମୟ ଏବଂ ସମାଜ ଯେତେ ବଦଳିଲେ ମଧ୍ୟ ମାନବିକତାର ମୂଳ ମନ୍ତ୍ର କେବେ ବଦଳିପାରିବ ନାହିଁ। ମଣିଷ ପରିସ୍ଥିତିର ଦାସ ହୋଇପାରେ କିନ୍ତୁ ସେ ନିଜର ବିବେକ ଏବଂ ସଦ୍‌ବୁଦ୍ଧି ପ୍ରୟୋଗ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବ। ଆମେ ଯଦି ଅନ୍ୟମାନଙ୍କଠାରୁ ଭଲ ବ୍ୟବହାର ଏବଂ ସ୍ନେହ ଆଶା କରୁଛେ ତେବେ ପ୍ରଥମେ ଆମକୁ ନିଜ ଆଚରଣରେ ସେହି ପରିବର୍ତ୍ତନ ଆଣିବାକୁ ହେବ। ସମୟର ପ୍ରବାହ ସହ ତାଳ ମିଳାଇ ଚାଲିବା ନିହାତି ଜରୁରୀ କିନ୍ତୁ ନିଜର ମୂଲ୍ୟବୋଧକୁ ହରାଇ ନୁହେଁ। ଯେଉଁଦିନ ପ୍ରତ୍ୟେକ ମଣିଷ ସମାଜ ପ୍ରତି ନିଜର କର୍ତ୍ତବ୍ୟ ବୁଝିବ ଏବଂ ପରସ୍ପରକୁ ସମ୍ମାନ ଦେବା ଶିଖିବ ସେଦିନ ସମୟର ଚକ୍ରରେ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ପ୍ରେମମୟ ସମାଜ ଗଠିତ ହୋଇପାରିବ।

**ଯୁବ ସାମ୍ବାଦିକା, ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍:୯୦୯୦୬୬୧୫୮୬**

# ବିକଶିତ ଭାରତ ପାଇଁ ମୋଦିଙ୍କ ୭ ସୂତ୍ରୀ ପ୍ରସ୍ତାବ

ନୂଆଦିଲ୍ଲୀ,୧୬।୮: ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାର ପ୍ରାଚୀରରୁ ଦେଶକୁ 'ଶକ୍ତିର ସପ୍ତଧାରା'ର ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ବିକଶିତ ଭାରତ ନିର୍ମାଣ ପାଇଁ ଦେଶକୁ ନୂତନ ଶକ୍ତି ଓ ଏକ ନୂତନ ଦିଗ ଆବଶ୍ୟକ। ଭାରତର ୭ଟି ପ୍ରମୁଖ ଶକ୍ତି ଉପରେ ଆଲୋକପାତ କରି, ପ୍ରଧାନମନ୍ତ୍ରୀ ଦେଶ ପାଇଁ ଏକ ନୂତନ ବିଶ୍ୱ ପରିଚୟ ସ୍ଥାପନ କରିବା ପାଇଁ ଏହି କ୍ଷେତ୍ରଗୁଡ଼ିକରେ କ୍ଷମତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, 'ଶକ୍ତିର ସପ୍ତଧାରା'ର ପ୍ରଥମ ଶକ୍ତି ହେଉଛି ଉତ୍ପାଦନ ଶକ୍ତି। ଭାରତକୁ ଡିଜାଇନଠାରୁ ଉତ୍ପାଦନ ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳା ବିକଶିତ କରିବାକୁ ପଡିବ। ଭାରତକୁ ମୂଲ୍ୟ, ଗୁଣବତ୍ତା ଏବଂ ଉତ୍ପାଦନ କ୍ଷମତା ସମ୍ପର୍କରେ ବିଶ୍ୱ ମାନଦଣ୍ଡ ପୂରଣ କରି ଏକ ବିଶ୍ୱସ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳା ଅଂଶୀଦାର ହେବାକୁ ପଡିବ। ସପ୍ତଧାରାର ଦ୍ୱିତୀୟ ଶକ୍ତି ହେଉଛି କୃଷି ଓ ଖାଦ୍ୟ ଉତ୍ପାଦନ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଭାରତ ପାଇଁ ବିଶ୍ୱ ବଜାର ଖୋଲିବାରେ ଲାଗିଛି ଓ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମାଧ୍ୟମରେ ନୂତନ ବଜାରର ପ୍ରବେଶ ବିସ୍ତାରିତ ହେଉଛି। ଭାରତୀୟ ମସଲା ଏବଂ ଶସ୍ୟ ଯେପରି ବାଜରା ବିଶ୍ୱସ୍ତରରେ ନିଜକୁ ସ୍ୱତନ୍ତ୍ର ଭାରତୀୟ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ କରିବା ଉଚିତ।

ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଓ ନବସୃଜନକୁ ସପ୍ତଧାରାର ତୃତୀୟ ଶକ୍ତି ଭାବରେ ଚିହ୍ନଟ କରିଛନ୍ତି। ଏହା ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ ପ୍ରଯୁକ୍ତିବିଦ୍ୟା, ମହାକାଶ ଅନୁସନ୍ଧାନ ଏବଂ ଡାଟା ସେଣ୍ଟରର ଯୁଗ। ଭାରତ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଏକ ବିଶ୍ୱ ନବସୃଜନ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେବା ଉଚିତ।



ସପ୍ତଧାରାର ଚତୁର୍ଥ ଶକ୍ତି ହେଉଛି 'ଗତି ଶକ୍ତି'। ଦ୍ରୁତ ଏବଂ ସୁଗମ ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ସହରଗୁଡ଼ିକୁ ହାଇ-ସ୍ପିଡ ରେଳ ମାଧ୍ୟମରେ ସଂଯୋଗ କରାଯିବା ଆବଶ୍ୟକ। ଏହା ସହିତ ଦେଶର ଆର୍ଥିକ କାର୍ଯ୍ୟକଳାପକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବନ୍ଦର-ନେତୃତ୍ୱାଧୀନ ବିକାଶ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ।

ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ଶକ୍ତିକୁ ପଞ୍ଚମ ଶକ୍ତି ଭାବରେ ଚିହ୍ନଟ କରିଛନ୍ତି। ସେ କହିଛନ୍ତି,ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବେ ଭାରତ ପାଇଁ ଜରୁରୀ। ଭାରତ କେବଳ ବିଶ୍ୱ ପାଇଁ ଏକ ବଜାର ହୋଇ ରହିପାରିବ ନାହିଁ; ବରଂ, ଏହାକୁ ପ୍ରତିରକ୍ଷା କ୍ଷେତ୍ରରେ ଏକ ବିଶ୍ୱ ଯୋଗାଣକାରୀ ହେବା ଦିଗରେ ଅଗ୍ରସର ହେବାକୁ ପଡିବ।

'ସପ୍ତଧାରା'ର ଷଷ୍ଠ ଶକ୍ତି ହେଉଛି ସବୁଜ ଏବଂ ନୀଳ ଅର୍ଥନୀତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତକୁ ସବୁଜ ହାଇଡ୍ରୋଜେନ, ନବୀକରଣୀୟ ଶକ୍ତି ଏବଂ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ହାସଲ କରିବା ପାଇଁ କାର୍ଯ୍ୟ କରିବାକୁ ପଡିବ। ସେ ମତ୍ସ୍ୟଚାଷ, ଉପକୂଳ ପର୍ଯ୍ୟଟନ ଏବଂ ସାମୁଦ୍ରିକ ପ୍ରଯୁକ୍ତିବିଦ୍ୟାକୁ ନୀଳ ଅର୍ଥନୀତି ମଧ୍ୟରେ ଅପାର ସମ୍ଭାବନା ଥିବା କ୍ଷେତ୍ର ଭାବରେ ଚିହ୍ନଟ କରିଛନ୍ତି। ଏହି କ୍ଷେତ୍ରଗୁଡ଼ିକ ଭାରତର ବିକାଶ ପାଇଁ ନୂତନ ରାସ୍ତା ଖୋଲିପାରେ। 'ସପ୍ତଧାରା'ର ସପ୍ତମ ଏବଂ ଗୁରୁତ୍ୱପୂର୍ଣ୍ଣ ଶକ୍ତି ହେଉଛି ଭାରତର ନରମ ଶକ୍ତି। ଯୋଗର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହା ସମଗ୍ର ବିଶ୍ୱକୁ ଭାରତ ସହିତ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯୋଗ ବିଶ୍ୱ ପାଇଁ ଶକ୍ତିର ଏକ ପ୍ରମୁଖ ଉତ୍ସ ଏବଂ ଭାରତ ପାଇଁ ଆତ୍ମବିଶ୍ୱାସର ଉତ୍ସ ପାଲଟିଛି।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, 'ସପ୍ତସିନ୍ଧୁ' (ସାତ ନଦୀ) ଧାରଣା ମାଧ୍ୟମରେ ଭାରତର ସମ୍ଭାବନାକୁ ଐତିହାସିକ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଏବେ ଏକ ବିକଶିତ ଭାରତ ନିର୍ମାଣ କରିବାକୁ, ଦେଶକୁ 'ଶକ୍ତିର ସପ୍ତଧାରା' ସହିତ ଆଗକୁ ବଢ଼ିବାକୁ ପଡ଼ିବ।

'ବନ୍ଦେ ମାତରମ୍' ଅବମାନନା ଅଭିଯୋଗ

## ସୋନିଆଙ୍କ ଉପରେ ବର୍ଷିଲେ ଶାହ



ନୂଆଦିଲ୍ଲୀ,୧୬।୮: ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟାଳୟ (ଏଆଇସିସି) ରେ ଜାତୀୟ ସଂଗୀତ 'ବନ୍ଦେ ମାତରମ୍' ଗାନକୁ ମଝିରୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଥିବା ଅଭିଯୋଗକୁ ନେଇ ରାଜନୀତି ସରଗରମ ହୋଇଛି। ରବିବାର ଚିତ୍ତୋରଗଡ଼ଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦବୋଧନ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ଉପରେ ବର୍ଷିବା ସହ ସୋନିଆ ଗାନ୍ଧୀ ଦେଶବାସୀ ଓ ସଂଗୀତର ରଚୟିତା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ନିକଟରେ ହାତ ଯୋଡ଼ି କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ଭୋଟ-ବ୍ୟାଙ୍କ ରାଜନୀତି ଯୋଗୁଁ କଂଗ୍ରେସ ସ୍ୱାଧୀନତା ସଂଗ୍ରାମର ମନ୍ତ୍ର ସାଜିଥିବା ଏହି ସଂଗୀତକୁ ଭୁଲିଯାଇଛି ବୋଲି ଶାହ ଅଭିଯୋଗ କରିଛନ୍ତି। ସେହିପରି ବଙ୍କିମଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ବଂଶଧର ତଥା ନୈହାଟିର ବିଜେପି ବିଧାୟକ ସୁମିତ୍ର ଚାଟାର୍ଜୀ ମଧ୍ୟ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ବିନା ସର୍ତ୍ତରେ କ୍ଷମାପ୍ରାର୍ଥନା ପାଇଁ ଦାବି କରିଛନ୍ତି। ଘଟଣାର ଏକ ଭିଡିଓରେ ସୋନିଆ ଗାନ୍ଧୀ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ 'ବନ୍ଦେ ମାତରମ୍' ଗାନ ବନ୍ଦ କରିବାକୁ ଇଶାରା କରୁଥିବା ଦେଖାଯାଇଥିବା ବେଳେ, କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି କେବଳ ଖଡଗେଙ୍କ ପାଇଁ ଚୌକି ମଗାଯାଉଥିଲା ବୋଲି ସଫାଇ ଦେଇଛି। ସୁମିତ୍ର ଏହାକୁ ୧୯୩୭ ମସିହାର ଐତିହାସିକ ଭୁଲର ପୁନରାବୃତ୍ତି ଏବଂ ଦେଶଭକ୍ତଙ୍କ ପ୍ରତି ଅପମାନ ବୋଲି ଦର୍ଶାଇଛନ୍ତି।

## ପିସ୍ତଲ ଯାଞ୍ଚ୍ ବେଳେ ଗୁଳି ଫୁଟି ୨ ଆହତ



ବାରାଣସୀ,୧୬।୮: ଉତ୍ତର ପ୍ରଦେଶର ବାରାଣସୀର ବାବତପୁରର ଲାଲ ବାହାଦୁର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲରେ ଅସ୍ତ୍ରଶସ୍ତ୍ର ଯାଞ୍ଚ୍ ସମୟରେ ଜଣେ ଯାତ୍ରୀଙ୍କ ପିସ୍ତଲରୁ ହଠାତ୍ ଗୁଳି ଫୁଟିଛି। ଫଳରେ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆହତ ମହିଳାଙ୍କ ନାମ ସୁମନ କୁମାରୀ ଓ ଯୁବକଙ୍କ ନାମ ରୋହିତ ରାଜ। ମହିଳାଙ୍କ ଡାହାଣ ଜଙ୍ଘରେ ଆଘାତ ଲାଗିଛି। ସେହିପରି ଯୁବକଙ୍କର ହାତରେ ଗୁଳି ଲାଗିଛି। ଘଟଣା ପରେ ଟର୍ମିନାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଆହତଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହରହୁଆର ନ୍ୟୁ ଲକ୍ଷ୍ମୀ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି।

## ବେଙ୍ଗାଲୁରୁରେ 'ଟିଟିପି' ସନ୍ଦିଗ୍ଧ ଆତଙ୍କୀ ଅଟକ



ବେଙ୍ଗାଲୁରୁ, ୧୬।୮: ପାକିସ୍ତାନ ସେନା ଓ ଭାରତରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚୁଥିବା ତଥା ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ତେହେରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି)ର ସଦସ୍ୟ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ବେଙ୍ଗାଲୁରୁ ପୁଲିସ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ଅଟକ ରଖିଛି। ଅଟକ ଯୁବକଜଣକ ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲା ନାଓପାରା ଗ୍ରାମର ଆସାଫୁଲ ମଲ୍ଲିକ ବୋଲି ଚିହ୍ନଟ କରାଯାଇଛି। ସେ ବେଙ୍ଗାଲୁରୁର ଜିଗାନୀ ଅଞ୍ଚଳରେ ରହି ଟାଟା ଆଡଭାନ୍ସଡ୍ ଲିମିଟେଡରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ସନ୍ଦେହଜନକ ଅନଲାଇନ୍ କାର୍ଯ୍ୟକଳାପକୁ ନେଇ ପୁଲିସ ତାଙ୍କୁ କାବୁ କରିବା ସହ ତାଙ୍କ ମୋବାଇଲ୍ ଫୋନ୍ ଜବତ କରିଛି। ପୁଲିସର ପାଟ୍ରୋଲିଂ ସମୟରେ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଆସାଫୁଲଙ୍କୁ ପଚରାଉଚୁରା କରାଯିବାରୁ ସେ ବିଭିନ୍ନ ବିସ୍ଫୋରକ ତଥ୍ୟ ଦେଇଛନ୍ତି। ପାକିସ୍ତାନୀ ସେନା ଦ୍ୱାରା ମୁସଲିମ୍ ଓ ମସଜିଦ୍ ଉପରେ ହେଉଥିବା ଆକ୍ରମଣ ଏବଂ ଇସ୍ରାଏଲ-ପାଲେଷ୍ଟାଇନ୍ ବିବାଦରେ ପାକିସ୍ତାନର ଆଭିମୁଖ୍ୟକୁ ନେଇ ସେ ଅସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି। ଆଫଗାନିସ୍ତାନର ଇମ୍ରାନ୍ ହାଇଦର ନାମକ ଜଣେ ବ୍ୟକ୍ତି ସହ ଫେସବୁକ୍ ମାଧ୍ୟମରେ ଯୋଗାଯୋଗ କରି ସେ ଟିଟିପିରେ ଯୋଗଦେବା ପାଇଁ ଆଫଗାନିସ୍ତାନ ଭିସା ପାଇଁ ଆବେଦନ ମଧ୍ୟ କରିଥିଲେ। ତେବେ ଆର୍ଥିକ ସମସ୍ୟା ଯୋଗୁଁ ସେ ପରବର୍ତ୍ତୀ ସମୟରେ ଏହି ଯୋଜନାରୁ ଓହରି ଯାଇଥିବା କହିଛନ୍ତି। ପୁଲିସ ଅଭିଯୁକ୍ତଙ୍କ ମୋବାଇଲରୁ ବହୁ ଗୁରୁତ୍ୱପୂର୍ଣ୍ଣ ଚାଟ୍, ଭଏସ୍ କଲ୍ ଓ ଅଡିଓ ରେକର୍ଡିଂ ହସ୍ତଗତ କରିଛି। ଏହି ଆତଙ୍କୀ ସଂଗଠନ ସହ ତାଙ୍କର ସମ୍ପର୍କ କେତେ ଗଭୀର ଏବଂ ନେଟୱାର୍କରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେ ନେଇ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ଛାନଭିନ୍ ଆରମ୍ଭ କରିଛନ୍ତି।

## ରାଜନୀତିକୁ ଆସି ମୁଁ ବଡ଼ ଭୁଲ୍ କଲି

● ଆଶିଷ ବାନାର୍ଜୀଙ୍କ ସୁଇସାଇଡ୍ ନୋଟ୍‌କୁ ନେଇ ଚର୍ଚ୍ଚା



କୋଲକାତା, ୧୬।୮: ପଶ୍ଚିମବଙ୍ଗ ବିଧାନସଭାର ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବୀରଭୂମି ଜିଲ୍ଲାର ଏକ ଟିଏମସି କାର୍ଯ୍ୟାଳୟରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ୭୪ ବର୍ଷ ବୟସ୍କ ଆଶିଷ ବାନାର୍ଜୀ ରାମପୁରହାଟର ୱାର୍ଡ ନମ୍ବର ୫ର ହଟଲାପାରା ଅଞ୍ଚଳରେ ରହୁଥିଲେ। ତାଙ୍କ ଘର ପାଖରେ ତୃଣମୂଳ କଂଗ୍ରେସ ପାର୍ଟି ଅଫିସ୍ ଥିଲା। ପୁଲିସର ସୂଚନା ଅନୁଯାୟୀ, ଅଗଷ୍ଟ ୧୬ ତାରିଖ ସକାଳେ କାର୍ଯ୍ୟାଳୟରୁ ଏକ ସୁଇସାଇଡ୍ ନୋଟ ମିଳିଛି। ସେ ପୂର୍ବତନ ଟିଏମସି ବିଧାୟକ ଥିଲେ। ପୁଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ମମତା ବାନାର୍ଜୀଙ୍କ ସରକାରରେ ସେ ମନ୍ତ୍ରୀ ଏବଂ ଉପବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କୁ ମମତାଙ୍କର ଜଣେ ଘନିଷ୍ଠ ବିଶ୍ୱାସୀ ଏବଂ ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ଭାବରେ ବିବେଚନା କରାଯାଉଥିଲା। ସେ ଜୁନ୍ ୨ ତାରିଖରେ ଟିଏମସିର ବୀରଭୂମି ଜିଲ୍ଲା ସଭାପତି ଏବଂ ଜିଲ୍ଲା କୋର କମିଟି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପୁଲିସ୍ ସୂଚନା ଅନୁଯାୟୀ ତାଙ୍କ ମୃତଦେହ ନିକଟରୁ ମିଳିଥିବା ସୁଇସାଇଡ୍ ନୋଟ୍‌ରେ ସେ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ କରି ନାହାନ୍ତି। ତେବେ ଚିଠିରେ ଥିବା ଗୋଟିଏ କଥାକୁ ନେଇ ବ୍ୟାପକ ଆଲୋଚନା ହେଉଛି। ଏହି ଚିଠିରେ ଆଶିଷ ନିଜେ ରାଜନୀତିରେ ପ୍ରବେଶ କରିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ରାଜନୀତିରେ ପ୍ରବେଶ ନକରିବାକୁ ସେ ତାଙ୍କ ପରିବାର ସଦସ୍ୟଙ୍କୁ ପରାମର୍ଶ ମଧ୍ୟ ଦେଇଛନ୍ତି।

|ସୁଖବୀରଙ୍କ ଉପରେ ଖଣ୍ଡା ଆକ୍ରମଣ|

## ଶାହଙ୍କୁ ଚିଠି ଲେଖିଲେ ହରସିମରତ କୌର



ଚଣ୍ଡିଗଡ଼,୧୬।୮: ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓ ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂହ ବାଦଲଙ୍କ ପତ୍ନୀ ଓ ଭଟିଣ୍ଡାର ଲୋକସଭା ସାଂସଦ ହରସିମରତ କୌର ବାଦଲ, ମହାରାଷ୍ଟ୍ରର ନାନ୍ଦେଡରେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଏକ ବିବୃତି ଜାରି କରିଛନ୍ତି। ଏହି ଆକ୍ରମଣକୁ ସୁଚିନ୍ତିତ ରାଜନୈତିକ ଷଡଯନ୍ତ୍ର ବୋଲି ଅଭିହିତ କରି ସେ କହିଛନ୍ତି ଯେ ଏହା ପଛରେ ଯିଏ ବି ଅଛି ତାଙ୍କୁ ଛିଡ଼ ନ୍ୟାୟ... ଶିଖ୍ କୁହାଯାଇପାରିବ ନାହିଁ। ଏହି ଘଟଣାର ମୂଳକୁ ଯିବା ପାଇଁ, ମୁଁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ କରିବାକୁ ଅନୁରୋଧ କରିଛି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖିଛି।

## ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୬।୮: ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀରେ ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ମୋଦି ଦିଲ୍ଲୀରେ ତାଙ୍କ ସ୍ମାରକୀ 'ସଦୈବ ଅଟଳ' ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ ସେ ଅଟଳଜୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କୁ ମନେ ପକାଉଛି।

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦି ମନ୍ତବ୍ୟ ଦେଇଛନ୍ତି ଯେ ଜଣେ ଅସାଧାରଣ ରାଜନେତା ଭାବରେ ଉଲ୍ଲେଖନୀୟ ଦୂରଦୃଷ୍ଟି ସହିତ ସେ ଜାତି ସେବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କର ଚିନ୍ତାଧାରା ଏବଂ ପ୍ରୟାସ ପିଢ଼ିକୁ ପ୍ରେରଣା ଦେଇଥିଲା ଏବଂ ତାଙ୍କ ନେତୃତ୍ୱ ଦେଶକୁ ମଜବୁତ କରିଥିଲା। ସୁଶାସନ ଏବଂ ଜନ କଲ୍ୟାଣ ଉପରେ ତାଙ୍କର ଗୁରୁତ୍ୱ ଆମକୁ ମାର୍ଗଦର୍ଶନ କରି ଚାଲିବ।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିସ୍ତମ୍ଭ 'ସଦୈବ ଅଟଳ'ରେ ତାଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ସହିତ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ସ୍ମାରକୀ ପରିଦର୍ଶନ କରିଥିଲେ।

|ବିମଲ୍ ପାନ୍ ମସଲା ବିବାଦ|

## ଶାହରୁଖ, ଅଜୟ ଓ ଟାଇଗରଙ୍କୁ କାରଣ ଦର୍ଶାଅ ନୋଟିସ୍



ମୁମ୍ବାଇ,୧୬।୮: ମହାରାଷ୍ଟ୍ର ଫୁଡ୍ ଓ ଡ୍ରଗ୍ ଆଡମିନଷ୍ଟ୍ରେସନ୍ (ଏଫଡିଏ)ର କମିଶନର ତୁକାରାମ ମୁଣ୍ଡେଙ୍କ ନିର୍ଦ୍ଦେଶକ୍ରମେ ବଲିଉଡ୍ ତାରକା ଶାହରୁଖ ଖାନ୍, ଅଜୟ ଦେବଗନ୍ ଓ ଟାଇଗର ଶ୍ରଫ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। 'ବିମଲ୍ ଇଲାଇଚି'ର ବିଜ୍ଞାପନରେ ଅଂଶଗ୍ରହଣ କରି ନିଷିଦ୍ଧ ପାନ ମସଲା ଓ ତମାଖୁ ଜାତୀୟ ଦ୍ରବ୍ୟର ପ୍ରଚାର କରିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମ, ୨୦୦୬ ଅନୁସାରେ ଅଗଷ୍ଟ ୧୧ରେ ଜାରି ହୋଇଥିବା ଏହି ନୋଟିସର ୧୫ ଦିନ ମଧ୍ୟରେ ଲିଖିତ ଉତ୍ତର ରଖିବାକୁ କୁହାଯାଇଛି, ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ମହାରାଷ୍ଟ୍ରରେ ପାନ୍ ମସଲା ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିବା ବେଳେ ବଜାରରେ ବିମଲ୍ ବ୍ରାଣ୍ଡ୍ ମୁଖ୍ୟତଃ ପାନ୍ ମସଲା ସହ ଜଡ଼ିତ ବୋଲି ଏଫଡିଏ ଦର୍ଶାଇଛି। ଏହା ପୂର୍ବରୁ ଏଫଡିଏ ରାଜ୍ୟସାରା ହୋଟେଲ୍, କ୍ୟାଣ୍ଟିନ୍ ଓ ୧୦୪ଟି ଚେନ୍ ରେଷ୍ଟୁରାଣ୍ଟରେ ବ୍ୟାପକ ଚଢ଼ାଉ କରିଥିଲା। ଏହି ସ୍ପେଶାଲ୍ ଡ୍ରାଇଭ୍ ସମୟରେ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ କରାଡ଼ସ୍ଥିତ ପିଜା ହଟର ଲାଇସେନ୍ସ ରଦ୍ଦ କରାଯିବା ସହ ଅନେକ ସଂସ୍ଥାକୁ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଓ ସୁଧାର ନୋଟିସ୍ ଜାରି କରାଯାଇଛି।

ନାଲସାର ବିବାଦ

## ଛାତ୍ରମାନଙ୍କୁ କ୍ଷମା ମାଗିଲେ ବିସିଆଇ ଅଧ୍ୟକ୍ଷ





ନୂଆଦିଲ୍ଲୀ,୧୬।୮: ନାଲସାର ଛାତ୍ରଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ବିବାଦ ମଧ୍ୟରେ ବାର କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)ର ଅଧ୍ୟକ୍ଷ ମନନ କୁମାର ମିଶ୍ର ଆଇନ ଛାତ୍ରମାନଙ୍କୁ କ୍ଷମା ମାଗିଛନ୍ତି। ସ୍ୱାଧୀନତା ଦିବସରେ ପ୍ରକାଶିତ ତିନି ପୃଷ୍ଠାର ଚିଠିରେ ମିଶ୍ର କହିଛନ୍ତି ଯେ ଆଇନ ଛାତ୍ରଙ୍କ ଭାବନାକୁ ଆଘାତ ଦେଉଥିବା ବିବାଦ ସହିତ ଜଡିତ ଯେକୌଣସି ମନ୍ତବ୍ୟ କିମ୍ବା ଚିଠି ପାଇଁ ସେ ଦୁଃଖିତ।

ବିସିଆଇର ଅଧ୍ୟକ୍ଷ ମନନ କୁମାର ମିଶ୍ର ତିନି ପୃଷ୍ଠାର ଚିଠିରେ ଲେଖିଛନ୍ତି ଯେ ଗତ କିଛି ଦିନର ଘଟଣା ଛାତ୍ର ସମ୍ପ୍ରଦାୟର ଏକ ବର୍ଗଙ୍କ ମଧ୍ୟରେ ଚିନ୍ତା ଓ ଯନ୍ତ୍ରଣା ସୃଷ୍ଟି କରିଛି। ଯେତେବେଳେ ଛାତ୍ରମାନେ ଆଘାତ କିମ୍ବା ଆଘାତ ଅନୁଭବ କରନ୍ତି, ସେମାନଙ୍କର ଚିନ୍ତାକୁ ଧୈର୍ଯ୍ୟ, ସମ୍ବେଦନଶୀଳତା ଓ ସମ୍ମାନର ସହିତ ସମାଧାନ କରାଯିବା ଉଚିତ। ଯଦି ମୁଁ ବର୍ତ୍ତମାନର ବିବାଦ ସହିତ ଜଡିତ କିଛି କହିଛି କିମ୍ବା ଲେଖିଛି, ତାହା ଆମର ଆଇନ ଛାତ୍ରଙ୍କ ଭାବନାକୁ ଆଘାତ ଦେଇଛି। ତେବେ ମୁଁ ଏଥିପାଇଁ ଗଭୀର ଭାବରେ ଦୁଃଖିତ ଏବଂ କ୍ଷମା ପ୍ରାର୍ଥନା କରୁଛି। ଏପରି କହିବାରେ କୌଣସି ଦ୍ୱିଧା ରହିବା ଉଚିତ ନୁହେଁ। ଦୁଃଖ ପ୍ରକାଶ କରିବା ପ୍ରତିଷ୍ଠା କିମ୍ବା ଅହଂକାରର ବିଷୟ ନୁହେଁ। ଏହା କେବଳ ଏକ ସ୍ୱୀକାରୋକ୍ତି ଯେ ଆମ ଛାତ୍ରଙ୍କ ଭାବନା ଓ ଚିନ୍ତା ଗୁରୁତ୍ୱପୂର୍ଣ୍ଣ।

ମିଶ୍ର ତାଙ୍କ ଚିଠିରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପ୍ରଶଂସା କରି ସେମାନଙ୍କୁ ଦେଶର ସବୁଠାରୁ ଅବଗତ ଏବଂ ବିଚକ୍ଷଣ ଯୁବପିଢ଼ି ମଧ୍ୟରୁ ଜଣେ ବୋଲି କହିଥିଲେ। ସେ କହିଥିଲେ ଯେ ଏହି ଛାତ୍ରମାନେ ସମ୍ବିଧାନ, ଆଇନର ଶାସନ, ନିରପେକ୍ଷତା ଏବଂ ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମସ୍ତ ପକ୍ଷ ଶୁଣିବାର ଗୁରୁତ୍ୱ ଅଧ୍ୟୟନ କରନ୍ତି।

ସାଙ୍ଗ କାରରେ ଯାଉଥିଲେ ପ୍ରେମିକା

## ଅଟକାଇବା ବେଳେ ପ୍ରେମିକ ଉପରେ ଚଢ଼ାଇଦେଲେ କାର



ନୂଆଦିଲ୍ଲୀ,୧୬।୮: ପାଖାପାଖି ୪ ବର୍ଷ ପ୍ରେମ ସମ୍ପର୍କରେ ରହିଥିଲେ। ଏମିତିକି ପରିବାର ଲୋକେ ମଧ୍ୟ ଜାଣିଥିଲେ। ଆଉ ବିବାହ ମଧ୍ୟ ଠିକ୍ ହୋଇଯାଇଥିଲା। ହେଲେ ହଠାତ୍ ନିଜ ପ୍ରେମିକାକୁ ସାଙ୍ଗ କାରରେ ବସି ଯିବାର ଦେଖିଲେ ଯୁବକ। ଏହାପରେ ତାଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଗଲା। ଆଉ ନିଜ ପ୍ରେମିକାଙ୍କ ସହ ସାଙ୍ଗକୁ ଅଟକାଇବା ପାଇଁ କାର ବନେଟ୍ ଉପରେ ଚଢ଼ିଯାଇଥିଲେ। ହେଲେ ସେମାନେ ସିଧା ଗାଡ଼ିକୁ ୨୦୦ ମିଟର ପର୍ଯ୍ୟନ୍ତ ଚଢ଼ାଇ ନେଇଥିଲେ। ଆଉ ଯୁବକଙ୍କ ଅକାଳରେ ମୃତ୍ୟୁ ହୋଇଛି। ଛତିଶଗଡ଼ର ରାୟପୁରରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିବାବେଳେ ଘଟଣାର ତଦନ୍ତ କରୁଛି। ଉଭୟ ଯୁବକ-ଯୁବତୀ ଫେରାର ହୋଇଯାଇଛନ୍ତି। ମୃତ ଯୁବକଙ୍କ ନାମ ପରମପ୍ରୀତ ସିଂହ। ସେ ଓ ତାଙ୍କ ପ୍ରେମିକାଙ୍କ ମଧ୍ୟରେ ପ୍ରାୟ ୩-୪ ବର୍ଷ ଧରି ସମ୍ପର୍କ ଥିଲା। ପରିବାର ମଧ୍ୟ ବିବାହ ପାଇଁ ରାଜି ଥିଲେ। କିନ୍ତୁ କୌଣସି କାରଣରୁ ପ୍ରେମିକା ଜଣକ ପରମପ୍ରୀତଙ୍କ ବନ୍ଧୁ ଭରତ ମଙ୍ଗନାନୀଙ୍କ କାରରେ ବସି ଯାଉଥିବା ଦେଖି ପରମପ୍ରୀତ ରାଗିଯାଇଥିଲେ।

## ବୁର୍ଜ୍ ଖଲିଫାରେ ଚମକିଲା ତ୍ରିରଙ୍ଗା



ନୂଆଦିଲ୍ଲୀ,୧୬।୮: ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଦୁବାଇର ପ୍ରସିଦ୍ଧ ବୁର୍ଜ ଖଲିଫା ତ୍ରିରଙ୍ଗାର ରଙ୍ଗରେ ଝଲସି ଉଠିଥିଲା। ଶୁକ୍ରବାର ରାତିରେ ବିଶ୍ୱର ଉଚ୍ଚତମ କୋଠା ବୁର୍ଜ ଖଲିଫାରେ କେଶର, ଧଳା ଓ ସବୁଜ ଆଲୋକର ଚମତ୍କାର ପ୍ରଦର୍ଶନ ଭାରତ ପ୍ରତି ୟୁଏଇର ଶୁଭେଚ୍ଛା ଓ ବନ୍ଧୁତ୍ୱର ବାର୍ତ୍ତା ଦେଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଦୁବାଇସ୍ଥିତ ଭାରତୀୟ କନସୁଲେଟ୍ ଜେନେରାଲ୍ ଏହି ବିଶେଷ ମୁହୂର୍ତ୍ତର ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି। ବୁର୍ଜ ଖଲିଫାରେ ତ୍ରିରଙ୍ଗାର ଆଲୋକକୁ ଭାରତର ଗୌରବ, ଯାତ୍ରା ଓ ଜାତୀୟ ଭାବନା ପ୍ରତି ଏକ ସମ୍ମାନ ଭାବେ ଦର୍ଶାଯାଇଥିଲା। ଭାରତ ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ପ୍ରଯୁକ୍ତିବିଦ୍ୟା ଓ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ରହିଛି। ୟୁଏଇରେ ବହୁ ସଂଖ୍ୟକ ଭାରତୀୟ ପ୍ରବାସୀ ରହୁଥିବାରୁ ସେଠାରେ ଭାରତୀୟ ଜାତୀୟ ପର୍ବପର୍ବାଣୀର ମଧ୍ୟ ବିଶେଷ ଗୁରୁତ୍ୱ ରହିଛି।

ଟ୍ରେନ୍‌ରେ ଅଭିନେତ୍ରୀଙ୍କ ହଙ୍ଗାମା

## ବ୍ଲେଡ୍‌ରେ ଆରପିଏଫ୍ ଅଧିକାରୀଙ୍କୁ ଆକ୍ରମଣ



ନୂଆଦିଲ୍ଲୀ, ୧୬।୮: ୩୧ ବର୍ଷୀୟ ମଡେଲ୍ ଓ ୱେବ୍ ସିରିଜ୍ ଅଭିନେତ୍ରୀ ଅନ୍ତରା ବାନାର୍ଜୀଙ୍କୁ ଅଗଷ୍ଟ ୧୨ ତାରିଖରେ ଆରାବଲ୍ଲୀ ଏକ୍ସପ୍ରେସରେ ଘଟିଥିବା ଏକ ଘଟଣା ପରେ ଗିରଫ କରାଯାଇଥିଲା। ସଂରକ୍ଷିତ ସିଟ୍‌କୁ ନେଇ ବିବାଦ ସମୟରେ ସେ ନିଜ ପୋଷାକ ଖୋଲିବା ସହ ରେଜର ବ୍ଲେଡ୍‌ରେ ରେଳ ସୁରକ୍ଷା ବଳର ଜଣେ ଅଧିକାରୀଙ୍କୁ ଆକ୍ରମଣ କରିଥିବା ପୁଲିସ ଅଭିଯୋଗ କରିଛି। ବାନାର୍ଜୀ ସୁଟିଂ ପାଇଁ ସୁରଟ ଯାତ୍ରା କରୁଥିଲେ। ତାଙ୍କ ପାଖରେ କେବଳ ସ୍ଲିପର୍ କ୍ଲାସ୍‌ର ଟିକେଟ୍ ଥିବା ସତ୍ତ୍ୱେ ସେ ଏକ ସଂରକ୍ଷିତ ଏସି କୋଚ୍‌ରେ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅନୁଯାୟୀ, ବୋରିଭଲି ଓ ଦହାନୁ ମଧ୍ୟରେ ରାତି ପ୍ରାୟ ୯ଟା ୩୦ରୁ ୧୦ଟା ୫୦ ମଧ୍ୟରେ ଘଟଣାଟି ଘଟିଥିଲା। ଏଫଆଇଆରରେ ଉଲ୍ଲେଖ ଅନୁଯାୟୀ, ଜଣେ ଯାତ୍ରୀ ବାନାର୍ଜୀଙ୍କୁ ଦଖଲ କରିଥିବା ସଂରକ୍ଷିତ ସିଟ୍ ଖାଲି କରିବାକୁ କହିଥିଲେ। ସେ ମନା କରିବା ପରେ ଯାତ୍ରୀ ଟିକେଟ୍ କଲେକ୍ଟର ହରିକେଶ ତ୍ରିପାଠୀ ଏବଂ ଆରପିଏଫ୍‌କୁ ଏନେଇ ଜଣାଇ ଥିଲେ।

ଆରପିଏଫ୍‌ର ସହାୟକ ଉପ- ନିରୀକ୍ଷକ ଯାମିନୀକାନ୍ତ ମିଶ୍ର ଓ କନଷ୍ଟେବଲ୍ ରାଜେଶ କୁମାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ।

ଅନ୍‌ଲାଇନ୍ ଗେମ୍ କବଳରେ ନାବାଳକ

## ଏଆଇ ଫଟୋ ଦେଖାଇ ବାପାଙ୍କୁ ବ୍ଲାକ୍‌ମେଲ୍





ଲକ୍ଷ୍ନୌ,୧୬।୮: ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାର ଜଣେ ୧୬ ବର୍ଷୀୟ ନାବାଳକ ଅନଲାଇନ୍ ଗେମରେ ପ୍ରାୟ ୩ ଲକ୍ଷ ଟଙ୍କା ହରାଇଥିଲେ। ପରେ ନିଜ ଅପହରଣର ନାଟକ ରଚିଥିବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଅପହରଣକୁ ସତ୍ୟ ପ୍ରମାଣିତ କରିବା ପାଇଁ ସେ ନିଜ୍ଜ ବାପାଙ୍କ ପାଖକୁ ଏକ ଏଆଇ -ଜେନେରେଟେଡ୍ ଫଟୋ ପଠାଇଥିଲା।

ରିପୋର୍ଟ ଅନୁଯାୟୀ, ଏକାଦଶ ଶ୍ରେଣୀର ଏହି ଛାତ୍ରଜଣକ ଅପହରଣକୁ ସତ୍ୟର ରୂପ ଦେବା ପାଇଁ ଦିଲ୍ଲୀରେ ରହୁଥିବା ତାଙ୍କ ଗର୍ଲଫ୍ରେଣ୍ଡଙ୍କ ସାହାଯ୍ୟ ନେଇଥିଲେ। ସେମାନେ ଏଆଇ ବ୍ୟବହାର କରି ଏକ ଫଟୋ ତିଆରି କରିଥିଲେ। ଫଟୋରେ ନାବାଳକର ମୁହଁ ସାରା ରକ୍ତର ଦାଗ ଓ ପାଟିରେ ଟେପ୍ ଲଗାଯାଇଥିଲା। ନାବାଳକ ଜଣକ ହ୍ୱାଟ୍ସଆପରେ ତାଙ୍କ ବାପାଙ୍କ ପାଖକୁ ଏହି ଫଟୋ ପଠାଇ ତୁରନ୍ତ ୧ ଲକ୍ଷ ଟଙ୍କା ପଠାଇବାକୁ କହିଥିଲେ। ଏପରିକି ଟଙ୍କା ନଦେଲେ ମାରିଦିଆଯିବ ବୋଲି ଧମକ ଦେଇଥିଲେ। ଯେତେବେଳେ ତାଙ୍କ ବାପା ଏତେ ଟଙ୍କା ଯୋଗାଡ଼ କରିପାରିବେ ନାହିଁ ବୋଲି କହିଥିଲେ, ସେତେବେଳେ ସେ ୨ ଲକ୍ଷ ଟଙ୍କା ନଗଦ ମାଗିଥିଲେ।

ପୁଅର ସୁରକ୍ଷାକୁ ନେଇ ଚିନ୍ତିତ ବାପା ପୁଲିସକୁ ଖବର ଦେଇଥିଲେ। ପୁଲିସ ସୂଚନା ଅନୁଯାୟୀ, ନାବାଳକର ବାପା ସନ୍ତ କବୀର ନଗରରେ ଏକ ଲୁଗା ବ୍ୟବସାୟ କରନ୍ତି। ଅନଲାଇନ୍ ଗେମିଂ ପାଇଁ ନାବାଳକଜଣକ ତାଙ୍କ ସାଙ୍ଗ ଓ ପରିଚିତ ଲୋକଙ୍କଠାରୁ ଟଙ୍କା ଧାର ନେଇଥିଲେ। ଟଙ୍କା ଫେରସ୍ତ କରିବାକୁ ଚାପ ବଢ଼ିବାରୁ ସେ ନିଜ ପରିବାରଠାରୁ ଟଙ୍କା ଆଦାୟ କରିବା ପାଇଁ ଏହି ମିଛ ଅପହରଣର ଷଡ଼ଯନ୍ତ୍ର ରଚିଥିଲା।

ମଙ୍ଗଳବାର ସନ୍ଧ୍ୟାରେ ସେ ସିକ୍ରିଗଞ୍ଜ ଯାଉଛନ୍ତି ବୋଲି ଘର ଲୋକଙ୍କୁ କହି ବାହାରି ଯାଇଥିଲେ ଏବଂ ନିଜ ଫୋନକୁ ଏରୋପ୍ଲେନ୍ ମୋଡରେ ରଖିଦେଇଥିଲେ। ଏହାପରେ ସେ ଜଣେ ସାଙ୍ଗଙ୍କ ୱାଇ-ଫାଇ କନେକ୍ସନ୍ ବ୍ୟବହାର କରି ଟଙ୍କା ପାଇଁ ମେସେଜ୍ ପଠାଇଥିଲେ।

### ଅନୁଗୋଳରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ

# ବିକାଶର ମନ୍ତ୍ର ସ୍କିଲ୍, ସ୍କେଲ୍ ଓ କ୍ୱାଲିଟି: ଧର୍ମେନ୍ଦ୍ର



ଅନୁଗୋଳ, ୧୬।୮ (ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲାର ସର୍ବାଙ୍ଗୀନ ପ୍ରଗତି ଓ ସ୍ଥାନୀୟ ଯୁବସମାଜକୁ ଆଧୁନିକ ଅର୍ଥନୀତି ସହ ଯୋଡ଼ିବା ପାଇଁ ସ୍କିଲ, ସ୍କେଲ ଓ କ୍ୱାଲିଟି ବା ଦକ୍ଷତା, ବ୍ୟାପକତା ଓ ଗୁଣବତ୍ତାକୁ ମୂଳମନ୍ତ୍ର କରିବାକୁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି।

ଅନୁଗୋଳ କଦମ ପଡ଼ିଆଠାରେ ଆୟୋଜିତ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ଜିଲ୍ଲାରେ ଭିତ୍ତିଭୂମିର ସୁଦୃଢ଼ୀକରଣ, କୃଷିର ଆଧୁନିକୀକରଣ ଓ ସ୍ଥାନୀୟ ଯୁବକଯୁବତୀଙ୍କୁ ନୂତନ ସ୍କିଲ୍ ସହ ଯୋଡ଼ି ରୋଜଗାରକ୍ଷମ କରାଗଲେ ଅନୁଗୋଳ ଏକ ଆଦର୍ଶ ଓ ସମୃଦ୍ଧ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିଉଠିବ। କଦମ ପଡ଼ିଆଠାରେ ଫ୍ଲଡ ଲାଇଟ୍ ଓ ନୂତନ ପ୍ଲେୟାର୍ ପ୍ୟାଭିଲିୟନର ବ୍ୟବସ୍ଥା ଦ୍ୱାରା ଯୁବଖେଳାଳିମାନେ ଉପକୃତ ହେବେ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଅନୁଗୋଳ ଜିଲ୍ଲା ଆଜି ପ୍ରାୟ ୧୦୦ ମିଲିୟନ ଟନରୁ ଅଧିକ କୋଇଲା ଉତ୍ପାଦନ, ୧୦ ହଜାର ମେଗାୱାଟ୍ ବିଜୁଳି ଉତ୍ପାଦନ ଓ ୨୦ ମିଲିୟନ ଟନର ଲୁହା ଉତ୍ପାଦନ କରି ଦେଶର ଶିଳ୍ପ ଓ ଉର୍ଜା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ଖଣି ଓ ଖଣିଜ ପଦାର୍ଥ ସଂଶୋଧନ ଆଇନ' ଅଧୀନରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଗଠନ ହେବା ପରେ ଖଣିଜ ରାଜସ୍ୱର ବଡ଼ ଅଂଶ ସ୍ଥାନୀୟ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପାନୀୟ ଜଳ ଓ ଭିତ୍ତିଭୂମି ବିକାଶରେ ବିନିଯୋଗ ହେଉଛି।

ଶ୍ରୀ ପ୍ରଧାନ କହିଛନ୍ତି ଓଡ଼ିଶାର ଗ୍ରାମାଞ୍ଚଳ ବିକାଶ, ଗ୍ରାମପଞ୍ଚାୟତଗୁଡ଼ିକର ସଶକ୍ତୀକରଣ ପାଇଁ 'ବିକଶିତ ଭାରତ' ଯୋଜନାରେ ଡବଲ ଇଞ୍ଜିନ ସରକାର ୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆମକୁ ସ୍କିଲ, ସ୍କେଲ ଓ କ୍ୱାଲିଟିକୁ ପ୍ରାଥମିକତା ଦେଇ ଜିଲ୍ଲାକୁ ଏକ ନୂଆ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ହେବ। ଯୁବପିଢ଼ିଙ୍କୁ ନୂତନ ସ୍କିଲ୍ ସହ ଯୋଡ଼ି ରୋଜଗାରକ୍ଷମ କରିବା, ମାଆମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ କୃଷିର ଆଧୁନିକୀକରଣ ଉପରେ ଶ୍ରୀ ପ୍ରଧାନ କହିଥିଲେ ଯେ ଏଠାରେ ଅନେକ ସମ୍ଭାବନା ଅଛି। ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ଏବଂ ୨୦୪୭ରେ ଦେଶର ସ୍ୱାଧୀନତା ଶତାବ୍ଦୀ ପୂରଣ ବେଳକୁ 'ଡବଲ ଇଞ୍ଜିନ' ସରକାରଙ୍କ ଅଧୀନରେ ଆଗାମୀ ୨୦ ବର୍ଷ ମଧ୍ୟରେ ଅନୁଗୋଳକୁ ଶିକ୍ଷା, ସୁରକ୍ଷା ଓ ଅର୍ଥନୀତିରେ ଏକ ମଡେଲ ଜିଲ୍ଲା ଭାବେ ଗଢ଼ିତୋଳିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରଙ୍ଗତୁଳି-୨୦୨୬ରେ ସୃଜନଶୀଳତାର ଅନନ୍ୟ ପ୍ରଦର୍ଶନ



ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଟୋଜ୍ ପକ୍ଷରୁ ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା 'ରଙ୍ଗତୁଳି-୨୦୨୬'ର ପଞ୍ଚମ ସଂସ୍କରଣ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର ୧୦୦ରୁ ଅଧିକ ବିଦ୍ୟାଳୟର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରୋଟାରିଆନ୍ ଅନିଲ କୁମାର ସାମଲ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ସମାରୋହରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଓ ଅନିଲ କୁମାର ସାମଲ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତାମାନଙ୍କୁ ମୋଟ ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର, ପ୍ରମାଣପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହ ପ୍ରତ୍ୟେକ ବର୍ଗରେ ୧୦ଟି ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଟୋଜ୍‌ର ସଭାପତି ରୋଟାରିଆନ୍ ବିକାଶ ଗରାବଡ୍ଡୁ, କ୍ଲବ୍ ସେକ୍ରେଟାରୀ ରୋଟାରିଆନ୍ ଦୀପକ ଜେନା ଓ ପିପି ସନ୍ତୋଷ ସେନାପତି ମଧ୍ୟ ଅଭିଭାଷଣ ଦେଇଥିଲେ।

## 'ଆମ କଳାକାର' ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଆମ କଳାକାର' ୱେବ୍‌ସାଇଟ ଉନ୍ମୋଚିତ ହୋଇଛି। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ୱେବ୍‌ସାଇଟର ଉନ୍ମୋଚନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସାଂସ୍କୃତିକ ଦଳଗୁଡ଼ିକୁ ନିୟୋଜନ କରି ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ଏହାର ମୂଳ ଲକ୍ଷ୍ୟ। 'ଆମ କଳାକାର' ୱେବ୍‌ସାଇଟ କାର୍ଯ୍ୟକାରୀ ହେବା ଫଳରେ କାର୍ଯ୍ୟ ପ୍ରବାହ ସରଳ ହେବ। ଏହାକୁ ସୁବିଧାରେ ବ୍ୟବହାର କରାଯିବା ସହ ମୋବାଇଲ ଆଧାରିତ ଜିଓ ଟ୍ୟାଗିଂକୁ ନିରୀକ୍ଷଣ କରାଯାଇପାରିବ। ଏକ ସୁଦୃଢ଼ ଶୃଙ୍ଖଳିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇପାରିବ। କଳା ପ୍ରଦର୍ଶନ ନିମନ୍ତେ ସାଂସ୍କୃତିକ ଦଳ ଗୁଡ଼ିକକୁ କାର୍ଯ୍ୟାଦେଶ ପ୍ରଦାନ କରିବା ଓ ସେମାନଙ୍କର ନିୟୋଜନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ପାରଦର୍ଶିତା ଆସିବ। 'ଆମ କଳାକାର' ୱେବ୍‌ସାଇଟରେ କଳାକାରମାନଙ୍କର ଆଧାର କାର୍ଡ ଯୋଡ଼ାଯାଉଥିବାରୁ ଏକାଧିକ ବାର ନିୟୋଜନର ଅପବ୍ୟବହାରକୁ ରୋକାଯାଇପାରିବ ଓ କେବଳ ଯୋଗ୍ୟ କଳାକାରମାନଙ୍କୁ ନିୟୋଜିତ କରାଯାଇପାରିବ। କଳା ପ୍ରଦର୍ଶନ ସମୟର ଜିଓ ଟ୍ୟାଗିଂ ଫଟୋ ଓ ୩୬୦ ଡିଗ୍ରୀ ଭିଡିଓ ଅପଲୋଡ ହେବା ଫଳରେ ପ୍ରଶାସନିକ ଅଧିକାରୀଙ୍କ ପାଖରେ ସଠିକ୍ ତଥ୍ୟ ତୁରନ୍ତ ପହଞ୍ଚିପାରିବ ଏବଂ କଳାକାରମାନଙ୍କୁ ଅର୍ଥ ପ୍ରଦାନ ବ୍ୟବସ୍ଥାକୁ ମଧ୍ୟ ତ୍ୱରାନ୍ୱିତ କରାଯାଇପାରିବ।

## ସ୍ୱାଧୀନତା ଦିବସରେ ବିଭିନ୍ନ ପ୍ରତିଯୋଗିତା



କେନ୍ଦୁଝର,୧୬।୮ (ସଂଚାର ବ୍ୟୁରୋ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ଶାସ୍ତ୍ରୀ ସ୍ମୃତି ପାଠାଗାର ପକ୍ଷରୁ କୋଡ଼ିପଶା ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ଆଠ-ଦଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତର ନିତ୍ୟାନନ୍ଦପୁର ଗ୍ରାମସ୍ଥିତ ଶାସ୍ତ୍ରୀ ସ୍ମୃତି ପାଠାଗାର ଆଞ୍ଚଳିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରିଥିଲା।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, ୧୬।୮ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନକରି ସ୍ୱାଧୀନତା ଦିବସର ଶୁଭାରମ୍ଭ କରିଥିଲେ। ସ୍ୱାଧୀନତା ଦିବସର ମହନୀୟତାକୁ ଉପଲବ୍ଧକରି ସମସାମୟିକ ଯୁବପିଢ଼ି ଭାରତର ସାମଗ୍ରିକ ବିକାଶକୁ ନିଜର କର୍ତ୍ତବ୍ୟ ମନେକରି ସଂକଳ୍ପବଦ୍ଧ ହେବା ନିମନ୍ତେ ସେ ଆହ୍ୱାନ କରିଥିଲେ। କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ସ୍ୱାଧୀନତା ଦିବସର ପ୍ରାସଙ୍ଗିକତା ସଂପର୍କରେ ଆଲୋଚନା କରିବା ସହ ଦେଶ ମାତୃକାର ସେବା କରିବାକୁ ଆଗେଇ ଆସିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା, ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ଅଜୟ କୁମାର ବିଶ୍ୱାଳ ଓ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଧୀନତା ଦିବସର ମହନୀୟତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଚିତ୍ରକଳା ବିଭାଗ ପକ୍ଷରୁ ଏକ ବିଶାଳ କାନ୍‌ଭାସରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଙ୍କିତ ଏକ ଦେଶାତ୍ମବୋଧ ଚିତ୍ରକଳାର ପ୍ରଦର୍ଶନ କରାଯାଇଥିଲା। କଣ୍ଠସଂଗୀତ ବିଭାଗ ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ ।

## ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଗୋଲକଙ୍କ ଆହ୍ୱାନ




ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): 'ଫ୍ରେଣ୍ଡସ ଅଫ୍ ନେଚର' କ୍ଲବ୍, ଭୁବନେଶ୍ୱର ପକ୍ଷରୁ ୪ର୍ଥ ପ୍ରତିଷ୍ଠା ଦିବସ ଓ ସମ୍ମାନ ସମାରୋହ ଆୟୋଜିତ ହୋଇଛି। ସମାରୋହରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସଭାକୁ ସମ୍ବୋଧନ କରି ଶ୍ରୀ ମହାପାତ୍ର କହିଥିଲେ ଯେ ପରିବେଶ ସୁରକ୍ଷା ଆଜି ସମଗ୍ର ମାନବ ସମାଜ ପାଇଁ ଏକ ବଡ଼ ଦାୟିତ୍ୱ। ବଢୁଥିବା ପ୍ରଦୂଷଣ, ପ୍ଲାଷ୍ଟିକର ଅତ୍ୟଧିକ ବ୍ୟବହାର, ଜଙ୍ଗଲ ଧ୍ୱଂସ ଓ ବୃକ୍ଷ ହ୍ରାସ ଯୋଗୁଁ ପରିବେଶର ସନ୍ତୁଳନ ପ୍ରଭାବିତ ହେଉଛି। ଏହାର ପ୍ରଭାବ ମଣିଷ ସମେତ ସମସ୍ତ ଜୀବଜଗତ ଉପରେ ପଡୁଛି। ତେଣୁ ପରିବେଶକୁ ସୁସ୍ଥ ଓ ସୁରକ୍ଷିତ ରଖିବା ପାଇଁ କେବଳ ସରକାରୀ ପଦକ୍ଷେପ ଯଥେଷ୍ଟ ନୁହେଁ, ଜନସାଧାରଣଙ୍କ ସକ୍ରିୟ ସହଯୋଗ ମଧ୍ୟ ଆବଶ୍ୟକ। ସେ ଆହୁରି କହିଥିଲେ ଯେ ପ୍ରକୃତି ଆମକୁ ଜୀବନ ଦେଇଥାଏ, ତେଣୁ ପ୍ରକୃତିର ସୁରକ୍ଷା କରିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ପ୍ରତ୍ୟେକ ପରିବାର ପ୍ଲାଷ୍ଟିକ ବ୍ୟବହାର କମାଇବା, ବର୍ଜ୍ୟବସ୍ତୁକୁ ଠିକ୍ ଭାବରେ ପରିଚାଳନା କରିବା, ଅଧିକରୁ ଅଧିକ ଗଛ ଲଗାଇବା ଓ ନିଜ ଚାରିପାଖକୁ ସ୍ୱଚ୍ଛ ରଖିବା ଭଳି ଛୋଟ ଛୋଟ ପଦକ୍ଷେପ ନେଲେ ଏହାର ବଡ଼ ପ୍ରଭାବ ପଡ଼ିପାରିବ। ବିଶେଷକରି ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇ ସେ କହିଥିଲେ ଯେ ଆଜିର ଯୁବପିଢ଼ି ହିଁ ଆଗାମୀ ଦିନର ପରିବେଶର ଦାୟିତ୍ୱ ନେବେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ପରିବେଶ ସଚେତନତା ସୃଷ୍ଟି କରାଗଲେ ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ।

## ନୂଆ ପାଠ୍ୟପୁସ୍ତକରେ ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି




୨୦ରୁ ଅନିର୍ଦ୍ଦିଷ୍ଟକାଳୀନ ଅନଶନ

ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): ନୂଆ ପାଠ୍ୟପୁସ୍ତକରେ ତ୍ରୁଟି ଓ କୋଟି କୋଟି ଟଙ୍କାର ଦୁର୍ନୀତିକୁ ନେଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀ ଆସନ୍ତା ୨୦ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ନୂଆ ପାଠ୍ୟପୁସ୍ତକରେ ଦେଖାଦେଇଥିବା ବିଭିନ୍ନ ତ୍ରୁଟିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିକ୍ଷାର୍ଥୀମାନଙ୍କ ଭବିଷ୍ୟତ ସହ ଜଡ଼ିତ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନରେ ଏଭଳି ତ୍ରୁଟି ଗୁରୁତର ଅବହେଳାର ପରିଚୟ ବୋଲି ଶ୍ରୀ କୁମାର ଅଭିଯୋଗ କରିଛନ୍ତି। ପାଠ୍ୟପୁସ୍ତକ କେବଳ ଛାତ୍ରଛାତ୍ରୀଙ୍କ ପାଠପଢ଼ାର ମାଧ୍ୟମ ନୁହେଁ, ଏହା ସେମାନଙ୍କ ଜ୍ଞାନ, ଚିନ୍ତନଶକ୍ତି ଓ ଭବିଷ୍ୟତ ଗଠନର ଏକ ମୁଖ୍ୟ ଆଧାର। ତେଣୁ ପାଠ୍ୟପୁସ୍ତକରେ ତଥ୍ୟଗତ, ଭାଷାଗତ କିମ୍ବା ଐତିହାସିକ ତ୍ରୁଟି ରହିବା ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ଗୁରୁତର ଅନ୍ୟାୟ। ଏଭଳି ତ୍ରୁଟି ସାମ୍ନାକୁ ଆସିବା ପରେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ପଦକ୍ଷେପ ନିଆଯାଉନାହିଁ। ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଯଦି ନିଜ ବିଭାଗକୁ ଠିକ୍ ଭାବେ ପରିଚାଳନା କରିପାରୁନାହାଁନ୍ତି, ତା'ହେଲେ ମନ୍ତ୍ରୀ ନିଜେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ, ନଚେତ୍ ମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ବରଖାସ୍ତ କରିବା ଉଚିତ। ମନ୍ତ୍ରୀ ଯଦି ଇସ୍ତଫା ନ ଦିଅନ୍ତି, ତା'ହେଲେ ଆଗାମୀ ଦିନରେ ଲୋୟର ପିଏମଜି ଦ୍ୱିତୀୟ ଜନ୍ତରମନ୍ତର ହେବ ବୋଲି ଶ୍ରୀ କୁମାର କହିଛନ୍ତି। ସେହିପରି ଶ୍ରୀ ଅଲ୍ଲୀ କହିଛନ୍ତି ଯେ ନୂଆ ପାଠ୍ୟପୁସ୍ତକରେ ବନାନ, ବ୍ୟାକରଣ ଓ ମୁଦ୍ରଣଗତ ତ୍ରୁଟି ସହ ବିଜ୍ଞାନ, ଇତିହାସ, ଭୂଗୋଳ ଓ ଚିତ୍ର ସମ୍ପର୍କିତ ଭୁଲ ତଥ୍ୟ ମଧ୍ୟ ରହିଛି। ପ୍ରଥମେ ୫୫ଟି ପୁସ୍ତକରେ ୧,୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ପ୍ରଥମ, ଦ୍ୱିତୀୟ ଶ୍ରେଣୀ ପୁସ୍ତକରେ ଅସଂଖ୍ୟ ତ୍ରୁଟି ସାମ୍ନାକୁ ଆସିଛି। ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ସହିତ ନୈତିକତା ଆଧାରିତ ନିଯୁକ୍ତିଭିତ୍ତିକ ଶିକ୍ଷା ତଥା ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ପାଇଁ ଆସନ୍ତା ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିବେ ବୋଲି ଶ୍ରୀ କୁମାର ଚେତାବନୀ ଦେଇଛନ୍ତି।

## ଏମ୍‌ଏମଡିଆର ପ୍ରତ୍ୟାହାର ନ ହେଲେ ସବୁ ଖଣି ବନ୍ଦ ହେବ: ଭକ୍ତ

- ଖଣି ବିଲ ବିରୋଧରେ ମିଳିତ ଅଭିଯାନର ଆହ୍ୱାନ
- ଓଡ଼ିଶାର ବାର୍ଷିକ ପ୍ରାୟ ୧୫ ହଜାର କୋଟି କ୍ଷତି ହେବ




ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): ଖଣି ଓ ଖଣିଜଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ-୨୦୨୬ ଲାଗୁ ହେବା ଦ୍ୱାରା ରାଜ୍ୟର ବୃହତ୍ତର ସ୍ୱାର୍ଥହାନୀ ହେଉଛି। ଏହି ଆଇନ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି କଂଗ୍ରେସ। ଏହି ବିଲ୍ ବିରୋଧରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ନିଜ ପ୍ରତିକ୍ରିୟା ପ୍ରକାଶ କରି ସାରିଥିବା ବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନୀରବ ରହିବା ନେଇ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

ସେ କହିଛନ୍ତି ଯେ ଏମଏମଡିଆର ସଂଶୋଧିତ ବିଧେୟକ ଲାଗୁ ହେବା ପରେ ନିଜ ରାଜ୍ୟର ଖଣିଖାଦାନ ଉପରେ ରାଜ୍ୟ ସରକାର ଆଉ ଟିକସ/ଶୁଳ୍କ/ସେସ୍ ଆଦାୟ କରିପାରିବେ ନାହିଁ। ଓଡ଼ିଶା ପରି ପ୍ରଚୁର ଖଣି ଓ ଖଣିଜଜାତ ଦ୍ରବ୍ୟ ଥିବା ରାଜ୍ୟଗୁଡ଼ିକ ଅକଳନୀୟ ରାଜସ୍ୱ କ୍ଷତିକୁ ସାମନା କରିବେ। ରାଜ୍ୟଗୁଡ଼ିକର ବିକାଶ ଘୋର ବାଧାପ୍ରାପ୍ତ ହେବ। ସ୍ୱାସ୍ଥ୍ୟସେବା, ମୌଳିକ ଶିକ୍ଷା, ଭିତ୍ତିଭୂମି ଆଦିର ଉନ୍ନତି ପାଇଁ ରାଜ୍ୟ ନିଜ ସମ୍ବଳର ଉପଯୋଗ କରିବାର ଅଧିକାର ମଧ୍ୟ ଏଣିକି ହରାଇଲେ। ବେରୋଜଗାରୀ ରାଜ୍ୟର ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଖଣିଖାଦାନରୁ ଉପଲବ୍ଧ ଅର୍ଥ ଦ୍ୱାରା ରାଜ୍ୟର ଗଣଦାରିଦ୍ର୍ୟ କିଛିଟା ଉପଶମ କରିବାର ସୁଯୋଗ ରହୁଥିଲା। ସେତକ ମଧ୍ୟ ହାତରୁ ଗଲା। ରାଜ୍ୟ କଂଗ୍ରେସର ଏକ ପ୍ରତିନିଧି ଦଳ ଏହି ଗୁରୁତର ବିଷୟକୁ ହାଇକମାଣ୍ଡଙ୍କଠାରେ ଉପସ୍ଥାପନା କରି ସଂସଦରେ ଆଲୋଚନା କରିବା ପାଇଁ ଅନୁରୋଧ କରିବ। ପରେ ମଧ୍ୟ ଯଦି ଏହି ରାଜ୍ୟ ସ୍ୱାର୍ଥହାନୀ ବିଲ୍‌ରେ ସରକାର ସୁଧାର ନ ଆଣନ୍ତି, ତେବେ ଜନଜାଗରଣ ମାଧ୍ୟମରେ ରାଜ୍ୟର ସମସ୍ତ ଖଣିକୁ ବନ୍ଦ କରି ଦିଆଯିବ ବୋଲି ଶ୍ରୀ ଦାସ ସରକାରଙ୍କୁ ସତର୍କ କରିଦେଇଛନ୍ତି ।

ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଖଣି ବିଧେୟକ ଉପରେ କହିଛନ୍ତି ଯେ ରାଜ୍ୟ ଏତେ ଲକ୍ଷ ଟଙ୍କାର କ୍ଷତି ହେବ ବୋଲି ଜାଣିସୁଦ୍ଧା ଡବଲ ଇଞ୍ଜିନ ସରକାର ରାଜ୍ୟକୁ ତଳିତଳାନ୍ତ କରୁଛି। ଏଭଳି ବିଧେୟକ ପାଇଁ ରାଜ୍ୟ ତଥା ରାଜ୍ୟବାସୀଙ୍କ ସହମତି ନେବା ଆବଶ୍ୟକ। କିନ୍ତୁ ଏଭଳି କିଛି ବି ହୋଇନାହିଁ। ସାରା ଦେଶରେ ଜେନ-ଜି' ଆନ୍ଦୋଳନ ଚାଲିଥିବା ବେଳେ ତଥା ଗୃହମନ୍ତ୍ରୀ ଅମିତ ଶାହା ସଂସଦକୁ ପ୍ରବେଶ କରିପାରୁ ନ ଥିବା ବେଳେ ବିଧେୟକ ପାସ ହୋଇଯାଉଛି। ଏହି ବିଲ୍ ଅଦାନୀ, ଅମ୍ବାନୀ ଓ କିଛି କମ୍ପାନୀଙ୍କ ଚାପ ଫଳରେ ବିଲ୍ ପାସ କରିବାକୁ ସରକାର ବାଧ୍ୟ ହୋଇଛନ୍ତି ବୋଲି ସେ କହିଛନ୍ତି।

### କ୍ରାନ୍ତି, ବ୍ରହ୍ମପୁରର 'ମା' ତୁଝେ ସଲାମ୍-୨୦୨୬'

## ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଆହ୍ୱାନ




ବ୍ରହ୍ମପୁର,୧୬।୮ (ସଂଚାର ବ୍ୟୁରୋ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମପୁରର ସାମାଜିକ ଅନୁଷ୍ଠାନ କ୍ରାନ୍ତି ପକ୍ଷରୁ ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପ୍ରେକ୍ଷାଳୟ ପରିସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମା' ତୁଝେ ସଲାମ୍- ୨୦୨୬'ରେ ଆହ୍ୱାନ ଦିଆଯାଇଛି। କ୍ରାନ୍ତିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ ଦେବାନନ୍ଦ ଦାଶ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଭଗବାନ ଗନ୍ତାୟତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡଃ ନାରାୟଣ ମିଶ୍ର, ଅବସରପ୍ରାପ୍ତ ଏସ୍‌ପି ଜୟରାମ ଶତପଥୀ, ଏମ୍‌କେସିଜି ଶିଶୁ ବିଭାଗ ପ୍ରଫେସର ମାନସ ରଞ୍ଜନ ମଲ୍ଲିକ, ବ୍ରହ୍ମପୁର ରୋଟାରୀ ସେଣ୍ଟ୍ରାଲର ସଭାପତି ଶ୍ରୀକାନ୍ତ ସାବତ, ଆଇଏସଆର୍‌ଡି ନିର୍ଦ୍ଦେଶକ ସୁଧୀର ସାବତ, ସମାଜସେବୀ କେ. ରାଜକୁମାର ସେନାପତି, ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ରବିନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

'ମା' ତୁଝେ ସଲାମ୍-୨୦୨୬'ରେ ୧୦ଟି ସ୍କୁଲ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। କ୍ରାନ୍ତିର କୁନି କଳାକାର 'ସନ୍ଦେଶେ ଆତେ ହେଁ...'ପରିବେଷଣ କରିଥିଲେ। ଗଞ୍ଜାମ ଜିଲ୍ଲାର ୪୦ଟି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କ୍ରାନ୍ତିର ଦେବରାଜ ରାଉତ, ପରମାନନ୍ଦ ପଣ୍ଡା, ଅନିଲ୍ କୁମାର ସେଠୀ, ୱାଇ ଲାବଣ୍ୟା, ଧନଞ୍ଜୟ ପାଣିଗ୍ରାହୀ, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ, ସଞ୍ଜୟ ପାତ୍ର, ଓମ୍ ପ୍ରସାଦ ଗୌଡ଼ଙ୍କ ସମେତ ଆଇଏସଆରଡିର ପ୍ରଭାତ କୁମାର ପାଢ଼ୀ, ଶୟନୀ ମଲ୍ଲିକ ଉପସ୍ଥିତ ଥିଲେ। ଶେଷରେ ଦେବରାଜ ରାଉତ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅପରାଧ ନିୟନ୍ତ୍ରଣ...

ପ୍ରାୟ ୬୦ ହଜାର ପୁଲିସ କର୍ମଚାରୀ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସମସ୍ତ ଜିଲ୍ଲାରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ସୁନିଶ୍ଚିତ କରିବେ ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ। ଲୋକମାନେ ଯେପରି ନିର୍ଭୟ ଓ ଆନନ୍ଦର ସହ ପର୍ବପର୍ବାଣି ପାଳନ କରିପାରିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ରାଜ୍ୟର କିଛି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ଓଡ୍ରାଫ୍ ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ସହ ଯାନବାହନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ସବୁ ପ୍ରକାର ପଦକ୍ଷେପ ନେବ ବୋଲି ସେ କହିଥିଲେ। ଓଡ଼ିଶା ପୁଲିସର ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ସଚ୍ଚୋଟତା ଓ ଦାୟିତ୍ୱବୋଧର ସହ କର୍ତ୍ତବ୍ୟ ସମ୍ପାଦନ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଡିଜିପି କହିଥିଲେ। ପୁଲିସ କେବଳ ଏକ ଚାକିରି ନୁହେଁ, ଏହା ଏକ ମହତ୍ ସେବା ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ସେ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯେ ୧୯୯୩ ବ୍ୟାଚର ଆଇପିଏସ୍ ଅଧିକାରୀ ଶ୍ରୀ ମିଶ୍ର ବିହାର ରାଜ୍ୟର ମୂଳବାସିନ୍ଦା। ତାଙ୍କର ଚାକିରି ଜୀବନ ମଧ୍ୟରେ ସେ ବାଲେଶ୍ୱର, ତାଳଚେର, ବ୍ରହ୍ମପୁର, ଯାଜପୁର, କ୍ରାଇମବ୍ରାଞ୍ଚ ଆଦି ବିଭିନ୍ନ ସ୍ଥାନରେ ଏସଡିପିଓ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଡିଆଇଜି ଭାବେ ଅତିରିକ୍ତ ପରିବହନ କମିଶନର (ଏନଫୋର୍ସମେଣ୍ଟ, କଟକ), ଅଗ୍ନିଶମ ସେବା ଏବଂ ଗୃହରକ୍ଷୀ, ଗୁଇନ୍ଦା (ଓଡ଼ିଶା, କଟକ) ଓ ସିଆଇଏସଏଫ (ବୋକାରୋ)ରେ କାର୍ଯ୍ୟ କରିଥିଲେ। ସେହିପରି ଆଇଜିପି ଭାବେ ସିଆଇଏସଏଫ (ମୁଖ୍ୟାଳୟ, ଚେନ୍ନାଇ), ଆଇଜିପି (ରେଳବାଇ, ଓଡ଼ିଶା, କଟକ) ଏବଂ ଆଇଜିପି (ପୂର୍ବାଞ୍ଚଳ, ବାଲେଶ୍ୱର) ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ), ନିର୍ଦ୍ଦେଶକ (ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ) ଓ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ)ରେ ସଫଳତାର ସହ କାର୍ଯ୍ୟ କରିଥିଲେ। ପରେ ୨୦୨୫ ଜାନୁଆରୀ ୧ ତାରିଖରୁ ସେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଭାବେ କାର୍ଯ୍ୟରତ ଅଛନ୍ତି।

### ସରକାରୀ ଅଫିସରଙ୍କ...

ଯାଜପୁର ଜିଲ୍ଲାକୁ ପି. ଅନ୍ୱେଷା ରେଡ୍ଡୀଙ୍କ ସହ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କୁ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନାରେ ସହାୟତା ଓ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ବର୍ଷା ଓ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ବର୍ଷାରେ ୪୯ଟି ବ୍ଲକ, ୫ଟି ସହର ଓ ୩୩୧ଟି ଗ୍ରାମ ପଞ୍ଚାୟତ ପ୍ରଭାବିତ ହୋଇଛି। ପ୍ରାୟ ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୨୯୩ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ଏବେସୁଦ୍ଧା ୨୯୩ଟି ଶିବିରରେ ରନ୍ଧାଖାଦ୍ୟ, ଚୁଡ଼ା, ଗୁଡ଼ ଆଦି ଯୋଗାଇ ଦିଆଯାଉଛି। ୩୬ଟି ଓଡ୍ରାଫ୍ ଟିମ୍, ୭ଟି ଏନ୍‌ଡିଆରଏଫ୍ ଏବଂ ୪୩ ଅଗ୍ନିଶମ ସେବା ବାହିନୀ ବିଭିନ୍ନ ଜିଲ୍ଲାରେ ମୁତୟନ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ଗାଁରେ ପାଣି ପଶିଥିବାରୁ ପ୍ରାୟ ୭୫ ହଜାର ବିଜୁଳି ଉପଭୋକ୍ତାଙ୍କୁ ବିଜୁଳି ସରବରାହ ବନ୍ଦ ରହିଛି। ଯେଉଁସବୁ ଅଞ୍ଚଳରେ ପାଣି କମିଛି, ସେସବୁ ଅଞ୍ଚଳରେ ଆଜି ସନ୍ଧ୍ୟା ସୁଦ୍ଧା ପରିସ୍ଥିତିକୁ ଦେଖି ବିଦ୍ୟୁତ ସଂଯୋଗ କରାଯିବ। ବନ୍ୟା ପ୍ରଭାବିତ ଅଞ୍ଚଳକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୨୦୨୭ ସୁଦ୍ଧା ସବୁ...

ପରିବେଶ ପ୍ରଦାନ କରିବା ପାଇଁ ମୁଁ ସମ୍ପୃକ୍ତ ଅଧିକାରୀ ଓ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦେଇଛି। ପରୀକ୍ଷାରେ ସାମାନ୍ୟତମ ତ୍ରୁଟି ବିଚ୍ୟୁତି ହେଲେ, ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛି। ସେହିପରି ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ ହେଉଛନ୍ତି ଦେଶର ଭବିଷ୍ୟତ, ନୂତନ ଚିନ୍ତା ଓ ଚେତନାର ଉତ୍ସ। ଆପଣଙ୍କ ସାମର୍ଥ୍ୟ, ଶକ୍ତି ଏବଂ ସୃଜନଶୀଳତାରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ। ଆମ ସରକାର ଅବଗତ ଅଛନ୍ତି ଯେ ଆଜିର ଯୁବ ସମାଜ ପାଇଁ ରୋଜଗାର ସୃଷ୍ଟି ଏକ ବଡ ଆହ୍ୱାନ। ତେଣୁ ଏହି ପ୍ରସଙ୍ଗକୁ ସମାଧାନ କରିବା ପାଇଁ ଯୁବ ସମାଜର ଦକ୍ଷତାକୁ ବିକାଶ କରିବା ଅତ୍ୟନ୍ତ ଆବଶ୍ୟକ। କାରଣ ଆଗାମୀ ଏକ କି ଦୁଇ ବର୍ଷରେ ଅତି କମ୍'ରେ ୩ ଲକ୍ଷ, ଏବଂ ପାଞ୍ଚ ବର୍ଷ ମଧ୍ୟରେ ୨୦ ଲକ୍ଷ ଆକର୍ଷଣୀୟ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି। ଏହି ସୁଯୋଗର ଲାଭ ଉଠାଇବା ପାଇଁ ଆମେ ରାଜ୍ୟର ଯୁବଗୋଷ୍ଠୀଙ୍କୁ ଶିଳ୍ପସଂସ୍ଥା ଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଦକ୍ଷତାରେ ପ୍ରଶିକ୍ଷିତ କରିବାକୁ ପଦକ୍ଷେପ ନେଇଛୁ। ସେ କହିଛନ୍ତି, ଆଜି ଓଡ଼ିଶାର ଦକ୍ଷତା ମଡେଲ ବେଷ୍ଟ ପ୍ରାକ୍ଟିସେସ୍ ସର୍ଭେରେ ଦେଶର ଅନ୍ୟତମ ଶ୍ରେଷ୍ଠ ମଡେଲ ଭାବରେ ପରିଗଣିତ ହୋଇଛି। ଆଇଟିଆଇ ଗୁଡ଼ିକର ଆଧୁନିକୀକରଣ ପାଇଁ ଉତ୍କର୍ଷ ଆଇଟିଆଇ ଯୋଜନା ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୨୫ଟି ଆଇଟିଆଇରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପ୍ରତିଷ୍ଠା କରାଯାଉଛି। ୧୩ଟି ଆଇଟିଆଇରେ ଏଆଇ ଲାବ୍ ସ୍ଥାପନ କରାଯାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ କିଛି ଦିନ ଧରି ଦେଶର ଯୁବ ସମାଜକୁ ବିଭ୍ରାନ୍ତ କରିବା ପାଇଁ ଦେଶ ଭିତର ତଥା ଦେଶ ବାହାରର କିଛି ବାହ୍ୟଶକ୍ତି ଚେଷ୍ଟା କରୁଛନ୍ତି। କାରଣ, ସେମାନେ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ଦେଖିବାକୁ ଚାହୁଁ ନାହାନ୍ତି। ସରକାର ଯେତେ ଯୋଜନା କରନ୍ତୁ ନା କାହିଁକି, ଯଦି ସୁଶାସନ ନ ଥିବ, ତାହା କାର୍ଯ୍ୟରେ ରୂପାନ୍ତରିତ ହୋଇ ପାରିବ ନାହିଁ। ସୁଶାସନର ଦୁଇଗୋଟି ମୁଖ୍ୟ ଦିଗ ହେଉଛି ଅଭିଯୋଗ ଶୁଣାଣି ଏବଂ ଦୁର୍ନୀତିର ମୂଳୋତ୍ପାଟନ। ସେହିଭଳି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ଯୁବବର୍ଗଙ୍କ ପାଇଁ ଆଗାମୀ ୫ ବର୍ଷରେ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ରାଜ୍ୟରେ ଏପର୍ଯ୍ୟନ୍ତ ୨୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀ ଦିନରେ ଆଉ ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ଓ ୧୮ଟି ନୂଆ ସରକାରୀ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗାଁକୁ ସଡ଼କ, ବିଜୁଳି ଓ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ୩ଟି ବଡ଼ ଏକ୍ସପ୍ରେସ୍‌ୱେ ପ୍ରକଳ୍ପ ପାଇଁ ୩୧ ହଜାର କୋଟି ଟଙ୍କା ବିନିଯୋଗ କରିବାର ଯୋଜନା ରହିଛି।

### ରୋଜଗାରକୁ ଦିଆଯିବ...

ଉଦ୍ୟମ ତାଳଚେରକୁ ଏକ ବିକଶିତ ଅଞ୍ଚଳ ଭାବେ ଗଢ଼ିତୋଳିବ। ଯୋଗାଯୋଗ ବ୍ୟବସ୍ଥା ସୁଗମ ହେଲେ ସ୍ଥାନୀୟ ଲୋକଙ୍କ ଜୀବିକା ସୁଦୃଢ଼ ହେବ। ଏଠାକାର ଶିଳ୍ପ ଓ କଳକାରଖାନା ଯେପରି ଲୋକଙ୍କ ହିତରେ ଲାଗିବ ଏବଂ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବ, ସେହି ଦିଗରେ ଯୋଜନାର ସଫଳ ରୂପାୟନ ଆବଶ୍ୟକ। ତାଳଚେରର ବିକାଶ ହେଲେ ସାରା ଓଡ଼ିଶା ଓ ଦେଶର ବିକାଶ ହେବ। ସହରରେ ପରିବେଶ ଓ ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରି ସେ କହିଛନ୍ତି ଯେ, ଅନେକ ଜାଗାରେ ପାଉଁଶ ପ୍ରଦୂଷଣ ବଢ଼ାଉଛି, ଯାହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବା ଦରକାର। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଆମ ସମସ୍ତଙ୍କର ନାଗରିକ ଦାୟିତ୍ୱ ରହିଛି, ସେଥିପାଇଁ ସମସ୍ତେ ବ୍ୟାପକ ଗଛ ଲଗାଇବା ଆବଶ୍ୟକ। ଏଥିସହ ତାଳଚେରକୁ ଏକ ନୂଆ ପରିଚୟ ଦେବା ପାଇଁ ଏଠାରେ ଏକ ଆର୍ଟ କଲେଜ ଓ ଚିଡ଼ିଆଖାନା ପ୍ରତିଷ୍ଠା ପାଇଁ ସାମୂହିକ ପ୍ରୟାସ କରାଯିବ। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତାଳଚେରର ଏହି ସର୍ବାଙ୍ଗୀନ ବିକାଶ ହିଁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନର ପଥକୁ ସୁଗମ କରିବ ବୋଲି ସେ ଦୃଢ଼ ପ୍ରକାଶ କରିଥିଲେ। ଏହି ସମାରୋହରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଉପସ୍ଥିତ ଥିଲେ।

## ବଦଳିବ ବିଏମ୍‌ସି ମାନଚିତ୍ର, ବଢ଼ିବ ପରିସୀମା

**ମିଶିବ ଆଉ ୨୬ ଗାଁ; ୱାର୍ଡ ସଂଖ୍ୟା ହେବ ୮୨**

ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ): ବଦଳିବ ଭୁବନେଶ୍ୱର ମହାନଗର ନିଗମର ମାନଚିତ୍ର। ଆସନ୍ତା ପୌର ନିର୍ବାଚନ ପୂର୍ବରୁ ବିଏମ୍‌ସିରେ ବୃଦ୍ଧି ପାଇବ ୱାର୍ଡ ସଂଖ୍ୟା। ଏଥିପାଇଁ ରାଜଧାନୀ ଉପକଣ୍ଠର ୨୬ଟି ଗାଁକୁ ବିଏମ୍‌ସିରେ ମିଶାଇବା ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ସରକାରୀ ସ୍ତରରେ ପ୍ରକ୍ରିୟା ବି ଆରମ୍ଭ ହୋଇଛି। ଭୁବନେଶ୍ୱରର କଳେବର ବୃଦ୍ଧି ସହ ଏବେ ବୃଦ୍ଧି ପାଇବ ବିଏମ୍‌ସି ୱାର୍ଡ ସଂଖ୍ୟା। ଆସନ୍ତା ପୌର ନିର୍ବାଚନକୁ ଆଖି ଆଗରେ ରଖି ୱାର୍ଡ ପୁନର୍ଗଠନ ପ୍ରକ୍ରିୟା ଜୋରଦାର ହୋଇଛି। ବିଏମ୍‌ସିରେ ଆଉ ୨୬ଟି ନୂଆ ଗ୍ରାମକୁ ଶୀଘ୍ର ସାମିଲ କରାଯିବ, ଯେଉଁଥିରେ ଧଉଳି, ତମାଣ୍ଡୋ, ରଘୁନାଥପୁର, କଳାରାହାଙ୍ଗ, ବାରଙ୍ଗ ଓ ପାତ୍ରପଡ଼ା ଭଳି ପ୍ରମୁଖ ଅଞ୍ଚଳ ରହିଛି। ୨୦୧୧ ଜନଗଣନା ଅନୁସାରେ ସହରର ଜନସଂଖ୍ୟା ପ୍ରାୟ ୮.୩୭ ଲକ୍ଷ ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ପ୍ରାୟ ୧୫ ଲକ୍ଷରେ ପହଞ୍ଚିଲାଣି। ଏହି ଜନସଂଖ୍ୟାକୁ ଆଧାର କରି ନୂଆ ୧୩ରୁ ୧୫ଟି ୱାର୍ଡ ସୃଷ୍ଟି ହେବାକୁ ଯାଉଛି। ଫଳରେ ୱାର୍ଡ ସଂଖ୍ୟା ୬୭ରୁ ବଢ଼ି ୮୨ରେ ପହଞ୍ଚିବ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ସର୍ଭେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଭୁବନେଶ୍ୱର ମହାନଗର ନିଗମରେ ଏବେ ବି ମାଳମାଳ ସମସ୍ୟା ରହିଛି। ନୂଆ ୱାର୍ଡ ସାମିଲ ହେଲେ ବିଏମସି ପାଇଁ ଚ୍ୟାଲେଞ୍ଜ ବଢ଼ିବ। ଅନ୍ୟପଟେ ୱାର୍ଡ ସଂଖ୍ୟା ବଢ଼ିବା କଥା ଶୁଣି ଏବେଠୁ କର୍ପୋରେଟର ନିଜ ୱାର୍ଡ ଜଗିଲେଣି। ଏବେ ବିଏମ୍‌ସିର ପ୍ରତି ୱାର୍ଡ ସମସ୍ୟା ରୁନ୍ଧି ହୋଇଥିବା ବେଳେ ୱାର୍ଡ ସଂଖ୍ୟା ବଢ଼ିଲେ ବିଏମ୍‌ସିର ପରିସୀମା ବଢ଼ିବ। ଗାଁ ପଞ୍ଚାୟତ ମିଶିଲେ ସେଠାକାର ଭିତ୍ତିଭୂମି ବିକାଶ କରିବା ବିଏମ୍‌ସି ପାଇଁ କାଠିକର ପାଠ ହେବ। ଅନ୍ୟପଟେ ୱାର୍ଡ ସଂଖ୍ୟା ବଢ଼ିବା ଖବର ଆସିବା ପରେ ରାଜଧାନୀର ରାଜନୈତିକ ମାହୋଲ ସରଗରମ ହୋଇଛି। ନିଜ ନିଜର ସୀମା ଓ ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଏବେଠୁ ହିଁ କର୍ପୋରେଟର ଓ ସ୍ଥାନୀୟ ନେତାମାନେ ଅଙ୍କ କଷିବା ଆରମ୍ଭ କଲେଣି।

# ପ୍ରଶଂସନୀୟ ସେବା ପଦକ ସମ୍ମାନରେ ସମ୍ମାନିତ ହେଲେ ପୁଲିସ ଅଧିକାରୀ



ବୈପାରୀଗୁଡ଼ା,୧୬।୮ (ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ଠାରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଠାରୁ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଏହି ସେବା ପଦକ ଗ୍ରହଣ କରି ବୈପାରୀଗୁଡ଼ା ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି | ସୂଚନା ଥାଉକି, ଶ୍ରୀ ମୁଦୁଲି ୨୦୧୪ ମସିହାରେ ନକ୍ସଲ ଦମନ କ୍ଷେତ୍ରରେ ତାଙ୍କ ବଳିଷ୍ଠ ଅବଦାନ ପାଇଁ ଗେଲ୍ଲାନ୍ତ୍ରୀ ପଦକ, ଯାହାକି ରାଷ୍ଟ୍ରପତି ଙ୍କ ସାହାସିକତା ପୁରସ୍କାର ପାଇଥିଲେ | ପୁଣି ଏବେ ପ୍ରଶଂସନୀୟ ସେବା ପଦକ ଗ୍ରହଣ କରି କୋରାପୁଟ ଜିଲ୍ଲାରୁ ଏକମାତ୍ର ପୋଲିସ ଅଧିକାରୀ ଭାବେ ଲକ୍ଷ୍ମୀନାରାୟଣ ମୁଦୁଲି ଏହି ସମ୍ମାନ ପାଇଛନ୍ତି। ଏବଂ ତାଙ୍କୁ ଉତ୍କୃଷ୍ଟ ଓ ପ୍ରଶଂସନୀୟ ସେବା ପାଇଁ ମୁଖ୍ୟମନ୍ତ୍ରୀ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସେଥିପାଇଁ ଜିଲ୍ଲାର ପୁଲିସ ଅଧିକାରୀ ଠାରୁ ବିଭିନ୍ନ ମହଲରୁ ଥାନାଧିକାରୀ ଶ୍ରୀ ମୁଦୁଲିଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି |

## ବ୍ରାହ୍ମଣୀରେ ୩ୟ ବନ୍ୟା

# ବ୍ୟାପକ ଅଞ୍ଚଳ ଜଳମଗ୍ନ





ପଟ୍ଟାମୁଣ୍ଡାଇ,୧୬।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ଲଘୁଚାପ ଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡ଼ିବା ଯୋଗୁଁ ବ୍ରାହ୍ମଣୀ ଓ କାଣୀ ନଦୀରେ ୩ୟ ବନ୍ୟା ଆସିଛି। ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅଳପୁଆ ପଂଚାୟତ ଗୋଳିଆଜଣ, ବିଲମାଳକ ସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଂଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଳିକସାହି ଘାଗରାଡିଆ ପେଣ୍ଡପାଳ ପଂଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଝରା ପଂଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମ୍ରମନୋହି ପଂଚାୟତର ନୂଆଡିଆ,ଜଗନ୍ନାଥ ପୁର, ଶାନ୍ତିପତା, ସିଦ୍ଧବାଲି, ବଲୁରିଆ ପଂଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ପଡିଛି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି। ଧୋୟାଞ୍ଚଳର ପେଣ୍ଠ ସ୍ଥଳୀ ଦାଣ୍ଡିସାହି ବଜାର ମଧ୍ୟରେ ବନ୍ୟା ପାଣି ସୁଅ ଛୁଟିବା ଫଳରେ ଧୋୟାଞ୍ଚଳର ବହୁ ପଂଚାୟତ ସହିତ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି।

କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟା ବିପନ୍ନ ଲୋକ ମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରିଛନ୍ତି।

ଗତବର୍ଷ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇ ଜଣ ଓ ଚଳିତ ବର୍ଷ ଜଣକ ମୃତ୍ୟୁ ଘଟିଛି । ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି।

ସେହିପରି କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡି ରହିଛି। ସୁବଳପୁର -ଗୋଳିଆଜଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି। ତରଡ଼ିପାଳ ପଂଚାୟତର ବିଭିନ୍ନ ଅଂଚଳ ବନ୍ୟାଜଳରେ ବୁଡି ରହିଛି । ଗୋପାଳସାହିରେ ସ୍ଥିତି ଅଧିକ ଖରାପ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ତଳା ପଡିଆ ବଜାର ଓ ସଂଲଗ୍ନ ଅଂଚଳ ବୁଡି ଯାଇଛି। ଧୋୟା ଅଞ୍ଚଳର ୩ଟି ସ୍ୱାସ୍ଥ୍ୟକେନ୍ଦ୍ର ଅଝରା ଅଳପୁଆ ଓ ତୁଳସିପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ୟା ଘେରରେ ରହିଥିବାରୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ବିଦ୍ୟୁତ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ଅନେକ ସ୍ଥାନରେ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଛି। କିରୋସିନର ଉତ୍କଟ ଅଭାବ ଦେଖାଦେଇଛି। ଧୋୟାଞ୍ଚଳର ବହୁ ସ୍କୁଲ କଲେଜରେ ବନ୍ୟା ପାଣି ପଶି ଶିକ୍ଷାଦାନ ଠପ ହୋଇଯାଇଛି।

# ପତାକା ଉତ୍ତୋଳନ କରିବାକୁ ଭୁଲିଗଲା ବଗଡ଼ା ଆର୍‌ଆଇ ଅଫିସ



କେନ୍ଦ୍ରାପଡ଼ା,୧୬।୮(ସଂଚାର ବ୍ୟୁରୋ): ସାରା ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ କେନ୍ଦ୍ରାପଡ଼ା ତହସିଲର ବଗଡ଼ା ସର୍କଲର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପଡି ରହିଥିବା ଚିତ୍ର ସାମ୍ନାକୁ ଆସିଛି। ବଗଡ଼ା ରାଜସ୍ ନିରୀକ୍ଷକ ଚାର୍ଜରେ ଥିବା ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେଫିକର ମନୋଭାବକୁ ପଦାରେ ପକାଇଛି।

ସାରା ଦେଶ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ବଗଡ଼ା ଆରାଇ ଅଫିସରେ ନାଁ ଖୋଲା ଯାଇଛି ଅଫିସ ନାଁ ପାଳନ କରାଯାଇଛି ପତାକା ଉତ୍ତୋଳନ। ଏଭଳି ଜଣେ ସରକାରୀ କର୍ମଚାରୀ ହୋଇ ସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ନକରିବା ସାଧାରଣରେ ନାପସନ୍ଦ କରିଛନ୍ତି କିଛି ବୁଦ୍ଧିଜୀବି। ଖାଲି ଏତିକି ନୁହେଁ ଅଫିସ ଖୋଲିବା ତ ଦୂରର କଥା ଅଫିସ୍ ଆଗରେ ଥିବା ଗେଟ୍ ମଧ୍ୟ ଖୋଲା ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି। ସହକାରୀ ରାଜସ୍ୱ ନିରୀକ୍ଷକ ତାଲା ପକାଇବାକୁ ଭୁଲି ଯାଉଛନ୍ତି ନାଁ ସମୟ ହେଉନାହି ତାହା ମଧ୍ୟ ବଡ଼ ପ୍ରଶ୍ନବାଚୀ।

# ମାସେ ପରେ ଶଶିକାନ୍ତଙ୍କ ହତ୍ୟାକାଣ୍ଡର ମୁଖ୍ୟ ହତ୍ୟାକାରୀ ଗିରଫ



ଡେରାବିଶ, ୧୬।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ନରଣପଡ଼ା ଗ୍ରାମରେ ଗତ ଜୁଲାଇ ମାସ ୫ ତାରିଖ ସନ୍ଧ୍ୟାରେ ପ୍ରଦିପ୍ତ କିଶୋର ଦାଶ ଓ ତାଙ୍କ ପୁଅ ନିଳାଦ୍ରୀ ଦାଶଙ୍କ ଶାବଳ ଆକ୍ରମଣରେ ଗ୍ରାମର ଶଶିକାନ୍ତ ଦାଶଙ୍କ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୮ ତାରିଖରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଚହଳ ପକାଇଥିବା ବେଳେ ପୋଲିସ୍ ଆକ୍ରମଣକାରୀ ପ୍ରଦିପ୍ତଙ୍କୁ ଗିରଫ କରିଥିଲା ବେଳେ ମୁଖ୍ୟ ଅଭିଯୁକ୍ତ ପୁଅ ନିଳାଦ୍ରୀ ଗତ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପୋଲିସ୍ ଆଖିରୁ ଧୂଳିଦେଇ ଫେରାର ହୋଇ ବୁଲୁଥିଲା। ହେଲେ ଆଜି ସଦର ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମୁଖ୍ୟ ଅଭିଯୁକ୍ତ ନିଳାଦ୍ରୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଗ୍ୟାସ୍ ଚୁଲା ରିପ୍ୟାରିଂ ଆଳରେ ବେଆଇନ୍ ଗ୍ୟାସ୍ ସିଲିଣ୍ଡର୍ ବିକ୍ରି ଅଭିଯୋଗ



ଯାଜପୁର ରୋଡ୍,୧୬।୮(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଗ୍ୟାସ୍ ସିଲିଣ୍ଡର କଳାବଜାରିକୁ ନେଇ ମହାକେଳେଙ୍କାରୀର ଚିତ୍ର ସାମ୍ନାକୁ ଆସିଛି। ଗ୍ୟାସ୍ ଚୁଲା ରିପ୍ୟାରିଂ ଆଳରେ ବେଆଇନ୍ ଗ୍ୟାସ୍ ସିଲିଣ୍ଡର୍ ବିକି, କଷ୍ଟମରଙ୍କ ଠାରୁ ଲୁଟୁଥିଲେ ପୁଳା ପୁଳା ଟଙ୍କା। ଆଜି ନୁହେଁ କି କାଲି ନୁହେଁ, ଦୀର୍ଘ ବର୍ଷ ଧରି ଆଇନ୍ ଆଖିରେ ଧୂଳି ଦେଇ ମାଲେମାଲ ହେଉଥିଲେ ଯାଜପୁର ଜିଲ୍ଲା ଖଣ୍ଡରା ଛକ ଠାରେ ଦୋକାନ କରିଥିବା ଭଦ୍ର ମୁଖା ପିନ୍ଧା ରିପ୍ୟାରିଂ ମିସ୍ତ୍ରୀ ଜଗା ପଣ୍ଡା ବୋଲି ସାଧାରଣରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ନାଁ ଯାଙ୍କ ପାଖରେ ଗ୍ୟାସ୍ ସିଲିଣ୍ଡର୍ ବିତରଣ ପାଇଁ ଲାଇସିନ୍ସ ଅଛି, ନା ସିଲିଣ୍ଡର ରଖିବାକୁ ସେଫ୍ଟି ଷ୍ଟୋର ଅଛି, ଏମିତିକି ଦୈବ ଦୁର୍ଘଟଣା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ରଟିଏ ବି ଯାଙ୍କ ପାଖରେ ନାହିଁ। କିନ୍ତୁ ବିଟ୍ ରାସ୍ତା କଡ଼ରେ ବର୍ଷ ବର୍ଷ ଧରି ପଡିଆରା ଜମେଇ ଲୋକମାନଙ୍କୁ ଭୁଆଁ ବୁଲାଇ ଆସୁଥିବା ଏହି ବ୍ୟକ୍ତି ଜିଲ୍ଲା ପ୍ରଶାସନର ଯୋଗାଣ ବିଭାଗର ଏକ ତଦନ୍ତକାରୀ ଟିମ୍ ହାତରେ ଧରାପଡ଼ିଛନ୍ତି। ତାଙ୍କ ଦୋକାନରେ ଚଢ଼ାଉ ସମୟରେ ୪୪ଟି ସିଲିଣ୍ଡର ଜବତ ହୋଇଥିବାବେଳେ, ସେଥିରୁ ୧୫ଟି ଭାରତ ଗ୍ୟାସର ଖାଲି ସିଲିଣ୍ଡର, ୧୧ଟି ବିପିସିଏଲର ଗ୍ୟାସ ଭର୍ତ୍ତି ସିଲିଣ୍ଡର, ୨ଟି ଇଣ୍ଡେନ ଗ୍ୟାସ ଭର୍ତ୍ତି ସିଲିଣ୍ଡର, ୧୬ ଟିଏଚପି ସିଲିଣ୍ଡରରୁ ୭ଟି ଟାଙ୍କି ଫୁଲ ରହିଥିବା ବେଳେ ୯ଟି ଖାଲି ଟାଙ୍କି ଜବତ କରାଯାଇଥିବା ନେଇ କଥାଏବେ ପଦାକୁ ଆସିବା ସହ ଆଲୋଚନା ହେଉଛି।

# 'ସଂଚାର' ପ୍ରତିନିଧି ଓ ସାଂସଦ ପ୍ରତିନିଧିଙ୍କୁ 'କଳିଙ୍ଗ ରତ୍ନ' ସମ୍ମାନ



କାକଟପୁର/ଅସ୍ତରଙ୍ଗ,୧୬।୮ (ସଂଚାର ବ୍ୟୁରୋ): ତ୍ରିରଙ୍ଗାର ରଙ୍ଗ ଯେତେବେଳେ ଆକାଶରେ ଝଲସୁଥିଲା, ସେତେବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ପାଲଟିଥିଲା ସତ୍ୟ, ସାହସ ଓ ସମ୍ମାନର ମହାତୀର୍ଥ। ଦେଶର ୮୦ତମ ସ୍ୱାଧୀନତା ଦିବସରେ ଅସ୍ତରଙ୍ଗ ପ୍ରେସ କ୍ଲବର ୧୦ମ ବାର୍ଷିକ ଉତ୍ସବ ଓ "କଳିଙ୍ଗ ରତ୍ନ ସମ୍ମାନ ୨୦୨୬" କେବଳ ଏକ କାର୍ଯ୍ୟକ୍ରମ ନଥିଲା, ଏହା ଥିଲା ଗଣମାଧ୍ୟମର ଗର୍ବ ଓ ଗୌରବର ଜୀବନ୍ତ ପ୍ରମାଣ।

ଏହି ଐତିହାସିକ ମଞ୍ଚକୁ ଆଲୋକିତ କରିଥିଲେ ରାଜ୍ୟ ନାରୀ ସଶକ୍ତିକରଣ ଆୟୋଗ ଚେୟାରମ୍ୟାନ ନମ୍ରତା ଚଢ଼ା। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ତାଙ୍କ ଜ୍ୱଳନ୍ତ ବକ୍ତବ୍ୟରେ ସାମ୍ବାଦିକତାର ଆତ୍ମାକୁ ଜାଗ୍ରତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା ଓ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ପ୍ରେସ କ୍ଲବ ସଭାପତି ଶରତ କୁମାର ପରିଡ଼ା।

ଏହି ବର୍ଷର ଆଲୋଚ୍ୟ ବିଷୟ ଥିଲା ସ୍ୱାଧୀନ ଭାରତ ବନାମ ଗଣମାଧ୍ୟ୍ୟମ । ମୁଖ୍ୟ ବକ୍ତା ଶ୍ରୀ ଚୌଧୁରୀ କହିଥିଲେ "୮୦ବର୍ଷର ସ୍ୱାଧୀନତା ପରେ ମଧ୍ୟ ଗଣମାଧ୍ୟମ ହିଁ ଗଣତନ୍ତ୍ରର ଶେଷ ଆଶା। ଯେଉଁ ଦିନ କଲମ ସତ୍ୟ ଲେଖିବା ବନ୍ଦ କରିବ, ସେଦିନ ଗଣତନ୍ତ୍ର ଶ୍ୱାସରୁଦ୍ଧ ହେବ"। ଚେୟାରମ୍ୟାନ ଶ୍ରୀମତୀ ଚଢ଼ା କହିଥିଲେ, ମହିଳା ସଶକ୍ତିକରଣର ଆନ୍ଦୋଳନକୁ ଘରେ ଘରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ।

ଉତ୍ସବର ସବୁଠୁ ଭାବପ୍ରବଣ ମୁହୂର୍ତ୍ତ ଥିଲା "କଳିଙ୍ଗ ରତ୍ନ ସମ୍ମାନ-୨୦୨୬" ପ୍ରଦାନ। ଶିକ୍ଷା, ସେବା, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ନିରବରେ କାର୍ଯ୍ୟ କରୁଥିବା ୫୦ରୁ ଅଧିକ ବିଶିଷ୍ଟଙ୍କୁ ପୁଷ୍ପମାଲ୍ୟ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।ସମ୍ମାନିତଙ୍କ ମଧ୍ୟରେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଥିଲେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ଲୋକଙ୍କ ଦୁଃଖରେ ସାମିଲ ହେବା ଏବଂ ଅସ୍ତରଙ୍ଗ-କାକଟପୁର ର ବିକାଶ ପାଇଁ ତାଙ୍କର ନିରନ୍ତର ସଂଘର୍ଷ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଥିଲା। ସମ୍ମାନ ପାଇ ସେ କହିଥିଲେ "ଏହା ମୋର ନୁହେଁ, ଏହା ମାଟିର ସମ୍ମାନ।

ଏହି ମହାସମାରୋହରେ "ସଂଚାର" ଖବରକାଗଜର ପ୍ରତିନିଧି ମଳୟ ବେହେରାଙ୍କୁ ତାଙ୍କର ନିରପେକ୍ଷ ଓ ନିଷ୍ଠାପର ସାମ୍ବାଦିକତା ପାଇଁ "କଳିଙ୍ଗ ରତ୍ନ"ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଳ୍ପ ଦିନ ମଧ୍ୟରେ ନିଜର ତୀକ୍ଷ୍ଣ ଲେଖନୀ ଓ ସତ୍ୟ ପ୍ରତି ଅଟଳ ଆସ୍ଥା ପାଇଁ ମଳୟ ବାବୁ ସମସ୍ତଙ୍କ ଆଦର ପାତ୍ର ହୋଇପାରିଛନ୍ତି। ମଞ୍ଚରୁ ଘୋଷଣା ହେଲା, "ମଳୟଙ୍କ ପରି ଯୁବ କଲମ ହିଁ ଆଗାମୀ ଦିନରେ ଗଣମାଧ୍ୟମକୁ ନୂଆ ଦିଗ ଦେଖାଇବ"। ଏହି ସମ୍ମାନ ସଂଚାର ପରିବାର ପାଇଁ ଏକ ବଡ ଗର୍ବର ବିଷୟ।

ସଭାପତି ଶରତ ପରିଡ଼ା କହିଥିଲେ "ଗତ ୧୦ ବର୍ଷ ହେଲା ଆମେ ସତ୍ୟକୁ ପୁଞ୍ଜି କରି ଚାଲିଛୁ। ଆଗାମୀ ଦିନରେ ଏଭଳି ଆୟୋଜନ ଆହୁରି ବିରାଟ ହେବ"। ଶେଷରେ ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଜାତୀୟ ସଂଗୀତ ଓ ତ୍ରିରଙ୍ଗା ବନ୍ଦନା ମଧ୍ୟରେ ସମାପନ ହୋଇଥିଲା ଏହି ସ୍ମରଣୀୟ ଦିନ।

## ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ

# ଓଲଟା ଉଡ଼ିଲା ତ୍ରିରଙ୍ଗା, କାର୍ଯ୍ୟାନୁଷ୍ଠାନ ଦାବି



ମହାକାଳପଡ଼ା, ୧୬।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଓଲଟା ଜାତୀୟ ପତାକା ଉଡ଼ାଯାଇଛି। ଶନିବାର ସକାଳ ପ୍ରାୟ ସାଢ଼େ ୬ଟାରେ ପତାକା ଉତ୍ତୋଳନ ପରେ ବିଭାଗୀୟ ଅଧିକାରୀ କାର୍ଯ୍ୟାଳୟ ଛାଡ଼ି ଚାଲିଯାଇଥିଲେ। ଘଟଣା ପ୍ରଘଟିତ ହେବା ପରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପତାକାକୁ ତଳକୁ ନେଇ ସଠିକ୍ ଭାବେ ପୁନଃ ଉତ୍ତୋଳନ କରିଥିବା ଜଣାପଡ଼ିଛି। ଜାତୀୟ ପତାକା ପ୍ରତି ଏଭଳି ଅବହେଳାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲାପାଳ ଏ ଘଟଣାର ତଦନ୍ତ କରି ଜାତୀୟ ପତାକାକୁ ଅସମ୍ମାନ କରିଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଜେଏମଏଫସି ସମେତ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ



ସତ୍ୟବାଦୀ, ୧୬।୮(ସଂଚାର ବ୍ୟୁରୋ): ସତ୍ୟବାଦୀ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ଅନୁଷ୍ଠାନରେ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସମଗ୍ର ଅଞ୍ଚଳ ଦେଶପ୍ରେମର ଭାବନାରେ ଉତ୍ସବମୁଖର ହୋଇଥିଲା।

ସତ୍ୟବାଦୀସ୍ଥିତ ଜେଏମଏଫସି ଅଦାଲତ ପରିସରରେ ପ୍ରଥମଥର ପାଇଁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ବିଚାରପତି ସିଦ୍ଧାନ୍ତ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଆଇନଜୀବୀ ଓ ଅଦାଲତ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅଦାଲତ ପରିସରରେ ବିଚାରପତିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ସତ୍ୟବାଦୀ ବାର ଆସୋସିଏସନର ସଭାପତି ବାଳକୃଷ୍ଣ ମହାପାତ୍ର, ଉପସଭାପତି ପ୍ରଭାକର ମିଶ୍ର, ସମ୍ପାଦକ ଦେବଦତ୍ତ ସାମନ୍ତରାୟଙ୍କ ସମେତ ବାରର ସମସ୍ତ ସଦସ୍ୟ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ସତ୍ୟବାଦୀ ପଞ୍ଚାୟତ ସମିତି ପରିସରରେ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓଙ୍କ ସମେତ ବ୍ଲକର ବିଭିନ୍ନ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ।

# ବିଦ୍ୟାଳୟ ପରିସର ପାଲଟିଛି ପୋଖରୀ

## ମାସ ମାସ ଧରି ଜମି ରହୁଛି ପାଣି, ଦୁର୍ଦ୍ଦଶା ଭୋଗୁଛନ୍ତି ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ



ଆନନ୍ଦପୁର,୧୬।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ଫକୀରପୁର ବୋଡାବିଲ ସାହିର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମାସ ମାସ ଧରି ଜମି ରହୁଛି ବର୍ଷା ପାଣି। ବିଦ୍ୟାଳୟର ଶ୍ରେଣୀଗୃହଠାରୁ ଆରମ୍ଭ କରି ରୋଷେଇ ଗୃହ ଓ ଖେଳ ପଡ଼ିଆ, ସବୁଠି ପାଣି ଜମି ରହୁଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ହେଉଛନ୍ତି ହଇରାଣ। ସବୁଠୁ ବଡ଼ ଅଭିଯୋଗ ହେଉଛି ବିଦ୍ୟାଳୟ ପରିସର ଏବଂ ଶ୍ରେଣୀ ଗୃହରେ ଛୋଟ ଛୋଟ ସାପ ପ୍ରବେଶ କରିଥିବାରୁ ଏକ ପ୍ରକାର ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

ବର୍ଷା ହେଲେ ପୂରା ପରିସର ପାଣିରେ ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଲଗାଣ ବର୍ଷା ହେଲେ ବିଦ୍ୟାଳୟ ପରିସରର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଏପରିକି ଶ୍ରେଣୀଗୃହ, ରୋଷେଇ ଗୃହ ଓ ଖେଳ ପଡ଼ିଆ ମଧ୍ୟ ଏଥିରୁ ବାଦ ପଡୁନାହିଁ। ପାଣି ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥା ନଥିବାରୁ ଦିନ ଦିନ ଧରି ଜମି ରହୁଛି ପାଣି। ଫଳରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ତେବେ ପ୍ରଶ୍ନ ଉଠୁଛି, ବିଦ୍ୟାଳୟ ପରିସରରେ ମାସ ମାସ ଧରି ଏଭଳି ପାଣି ଜମି ରହୁଥିଲେ ମଧ୍ୟ ପ୍ରଶାସନର ନଜର କାହିଁକି ପଡୁନାହିଁ? ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଓ ସୁସ୍ଥ ପରିବେଶ ପାଇଁ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି, ପ୍ରଶାସନ କେବେ ନେଉଛି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ।

## ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ

# ଶତାଧିକ ସମର୍ଥକଙ୍କ ସହ ଆଡମା ରାବା




ମାଲକାନଗିରି,୧୬।୮ (ସଂଚାର ବ୍ୟୁରୋ): ବିଜେଡି ରାଜନୀତିରେ ଏକ ନୂଆ ମୋଡ଼ ଦେଖାଦେଇଛି। ବିଜୁ ଜନତା ଦଳ (ବିଜେଡି)ରୁ ଇସ୍ତଫା ଦେବାର ଦୁଇଦିନ ପରେ ପୂର୍ବତନ ଜିଲ୍ଲା ଛାତ୍ର ସଭାପତି ତଥା ଦୁଇଥର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଥିବା ଆଡମା ରାବା ଆଜି ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦେଇଛନ୍ତି। ନିଜର ଶତାଧିକ ସମର୍ଥକଙ୍କ ସହ ଆଡମା ରାବା ଆଜି ବିଜେପିର ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ଦଳରେ ସାମିଲ ହୋଇଥିଲେ। ତାଙ୍କ ସହ ଅନେକ ବୁଦ୍ଧିଜୀବୀ ଓ ସମର୍ଥକ ମଧ୍ୟ ଦଳରେ ଯୋଗଦେଇଥିବା ଜଣାପଡ଼ିଛି।

ଏହି ମିଶ୍ରଣ ପର୍ବରେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଜେପି ଜିଲ୍ଲା ସଭାପତି ଅଶୋକ ପରିଡ଼ା, ବିଧାୟକ ନରସିଂହ ମାଡକାମୀଙ୍କ ସମେତ ଜିଲ୍ଲା ଟିମ୍‌ର ବହୁ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନୂତନ ଭାବେ ଦଳରେ ସାମିଲ ହୋଇଥିବା ଆଡମା ରାବା ଓ ତାଙ୍କ ସମର୍ଥକମାନଙ୍କୁ ଦଳୀୟ ନେତୃତ୍ୱ ପକ୍ଷରୁ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଆଡମା ରାବାଙ୍କ ରାଜନୈତିକ ଅଭିଜ୍ଞତା, ସାଙ୍ଗଠନିକ ପରିଚୟ ଏବଂ ସ୍ଥାନୀୟ ସ୍ତରରେ ତାଙ୍କ ସମର୍ଥକ ଗୋଷ୍ଠୀ ଆଗାମୀ ଦିନରେ ବିଜେପିର ସାଙ୍ଗଠନିକ ଶକ୍ତି କୁ ପ୍ରଭାବିତ କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି।

ବିଶେଷକରି ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜଣେ ପରିଚିତ ଆଞ୍ଚଳିକ ନେତାଙ୍କ ଦଳ ପରିବର୍ତ୍ତନକୁ ନେଇ ଜିଲ୍ଲାର ରାଜନୈତିକ ସମୀକରଣରେ ଏହାର ପ୍ରଭାବ ପଡ଼ିପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

# ସ୍ୱାଧୀନତାର ୮୦ ବର୍ଷ ପରେ ବି ବାଉଁଶିଆପଡ଼ା ଅବହେଳିତ

## ■ ଶ୍ମଶାନକୁ ନାହିଁ ରାସ୍ତା ■ ଚାରିଚକିଆ ଗାଡ଼ି ସାତ ସପନ ■ ଆମ୍ବୁଲାନ୍ସ ବି ପହଞ୍ଚି ପାରୁନି



ଛତ୍ରପୁର,୧୬।୮ (ସଂଚାର ବ୍ୟୁରୋ): ଗାଁଠୁ ସହର ସବୁଠି ବିକାଶ ଓ ପ୍ରଗତିର କଥା ଚର୍ଚ୍ଚା ହେଉଛି। ସରକାରଙ୍କ ମାଳମାଳ ଯୋଜନାର ପ୍ରଚାର ମଧ୍ୟ ଜୋରଦାର ଚାଲିଛି। ହେଲେ ସ୍ୱାଧୀନତାର ୮୦ ବର୍ଷ ପରେ ବି ଗଞ୍ଜାମ ବ୍ଲକ ହୁମ୍ମା ପଞ୍ଚାୟତର ବାଉଁଶିଆପଡ଼ା ଗାଁରେ ବିକାଶର ବାସ୍ତବ ଚିତ୍ର ଭିନ୍ନ। ଗାଁ ମଶାଣିକୁ ରାସ୍ତା ନଥିବାରୁ ଗତ ଶୁକ୍ରବାର ଗାଁର ୭୯ ବର୍ଷୀୟ ଉଦୟନାଥ ନାୟକଙ୍କ ମୃତ୍ୟୁ ପରେ ଶେଷକୃତ୍ୟ ପାଇଁ ମୃତଦେହ ନେବା ସମୟରେ ଏହି ଅବ୍ୟବସ୍ଥାର ଅମାନବୀୟ ଚିତ୍ର ପୁଣିଥରେ ସାମ୍ନାକୁ ଆସିଛି।

ଶ୍ମଶାନକୁ ଯିବା ପାଇଁ ରାସ୍ତା ନଥିବାରୁ ପରିବାର ଓ ଗ୍ରାମବାସୀ ମୃତଦେହକୁ କାନ୍ଧରେ ବୋହି ବିଲ-ମାଳ ଦେଇ ପାଣିଭରା ନାଳ ପାର କରି ଶ୍ମଶାନକୁ ନେଇଥିଲେ।

ବାଉଁଶିଆପଡ଼ାର ଏହି ରାସ୍ତା ସମସ୍ୟା ଆଜିର ନୁହେଁ। ଘଟଣା ବି ଏମାନଙ୍କ ପାଇଁ ନୂଆଁ ନୁହେଁ। ଦୀର୍ଘଦିନ ଧରି ଶ୍ମଶାନକୁ ରାସ୍ତା ନଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଖରାଦିନେ ଯେମିତି ସେମିତି ଚଳିଯାଉଥିବା ବେଳେ ବର୍ଷାଦିନେ ସ୍ଥିତି ଅଧିକ ଖରାପ ହୋଇପଡ଼େ। ରାସ୍ତାରେ ଆଣ୍ଠୁଏ କାଦୁଅ। ନାଳରେ ପାଣି ଭରିଯିବାରୁ ମୃତଦେହକୁ ନାଳ ପାର କରାଇବା ମଧ୍ୟ କଷ୍ଟକର ହୋଇପଡ଼େ। ଏପରିକି ବର୍ଷାଦିନେ ଯଦି କେହି ରାତିରେ ମୃତ୍ୟୁବରଣ କରନ୍ତି, ତେବେ ଶବଦାହ ପାଇଁ ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ।

କେବଳ ଶ୍ମଶାନ ନୁହେଁ, ଗାଁର ଯାତାୟାତ ବ୍ୟବସ୍ଥା ମଧ୍ୟ ଦୟନୀୟ। ଚାରିଚକିଆ ଗାଡ଼ି ଗାଁ ଭିତରକୁ ଯାଇପାରୁନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିପାରୁନାହିଁ। ରୋଗୀଙ୍କୁ ଗାଁ ବାହାର ପର୍ଯ୍ୟନ୍ତ ବୋହି ନେଇ ଆମ୍ବୁଲାନ୍ସରେ ଚଢ଼ାଇବାକୁ ପଡୁଛି।

ଏହି ଦୀର୍ଘଦିନର ସମସ୍ୟାକୁ ନେଇ ଗ୍ରାମବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଛନ୍ତି। ତଥାପି ପ୍ରଶାସନିକ ଅଧିକାରୀ କିମ୍ବା ଜନ ପ୍ରତିନିଧିଙ୍କ ପାଦ ଏହି ଗାଁରେ ଏପର୍ଯ୍ୟନ୍ତ ପଡି ନାହିଁ।

ଜନପ୍ରତିନିଧିଙ୍କ ଆନ୍ତରିକତା ଓ ପ୍ରଶାସନର ଉଦାସୀନତା ଯୋଗୁଁ ଗାଁର ଏହି ସମସ୍ୟା ଦୀର୍ଘଦିନ ଧରି ଅସମାଧାନ ହୋଇରହିଛି ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ତତ୍ପରତା ଦେଖାଦେଇଛି। ସମସ୍ୟାର ସମାଧାନ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି।

# ଲଗାଣ ବର୍ଷାରେ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ୧୦ ଫୁଟର ପାଣି

## ଆସନ୍ତାକାଲି କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସାମୂହିକ ଦର୍ଶନ ବନ୍ଦ

## ଭାସିଗଲା ଦୁଇ ଦୋକାନ



ନୀଳଗିରି,୧୬।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ହେତୁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ପଞ୍ଚଲିଙ୍ଗେଶ୍ୱରରେ ୧୦ଫୁଟର ପାଣି ଆସିବାରୁ ପୀଠସ୍ଥଳୀ ଏବଂ ବାବାଙ୍କ ଉପରେ ପ୍ରାୟ ୧୦ ଫୁଟ ଉଚ୍ଚତାରେ ଜଳ ସ୍ରୋତ ଆସୁଥିବା ଦେଖିବାକୁ ମିଳିଛି। ତେବେ ଆସନ୍ତାକାଲି ଶ୍ରାବଣ ମାସର ପଞ୍ଚମ ସୋମବାରରେ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ପାଇଁ ସାମୂହିକ ଦର୍ଶନ ବନ୍ଦ ରହିବା ଏନେଇ ଟ୍ରଷ୍ଟ ବୋର୍ଡ ମ୍ୟାନେଜର ଶିଶିର କୁମାର ମିଶ୍ରଙ୍କ ପକ୍ଷରୁ ସୂଚନା ମିଳିଛି।

ଏହି ଲଗାଣ ବର୍ଷାରେ ପଞ୍ଚଲିଙ୍ଗେଶ୍ୱର ବିଟ ହାଉସ ନିକଟରେ ଥିବା ଗୋପୀନାଥ ବେହେରା ଏବଂ ମହେନ୍ଦ୍ର ବେହେରାଙ୍କର ଦୁଇ ଗୋଟି ଗୁମୁଟି ଦୋକାନ ଉପରେ ବନ୍ୟଜଳ ମାଡ ଦେବାରୁ ଦୋକାନ ଓ ଆଜବେଷ୍ଟସ ଛପର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ଦୋକାନ ପାଣିରେ ଭାସି ଯାଇଛି। ତେବେ ଏଥିରେ ଦୋକାନ ଭିତରେ ଥିବା ଶୁଖିଲା ଖାଦ୍ୟ ପକେଟ, ପାନ ମସଲା, ପାଣି ବୋତଲ, ଟଙ୍କା ପଇସା ସମ୍ପୂର୍ଣ୍ଣ ଭାବେ ପାଣିରେ ଭାସି ଯାଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ଜଣା ପଡ଼ିଛି।

### ଛାତ୍ରଛାତ୍ରୀ, ହିତାଧିକାରୀ ଓ ଉଦ୍ୟୋଗୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

# ଜନଜାତି ଶିକ୍ଷା ଓ ଗ୍ରାମୋଦ୍ୟୋଗର ବିକାଶକୁ ପ୍ରାଥମିକତା

- ଗୋଲାବନ୍ଧଠାରେ 'ସୁଭଦ୍ରା ଶକ୍ତି କେନ୍ଦ୍ର' ଉଦ୍‌ଘାଟିତ
- ବାଉଁଶ ଶିଳ୍ପ ତାଲିମ ନେଉଥିବା ମିଶନ ଶକ୍ତି ସଦସ୍ୟାଙ୍କୁ ଭେଟିଲେ



ଦେବଗଡ଼,୧୫।୮ (ସଂଚାର ବ୍ୟୁରୋ): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଧୀନତା ଦିବସ ଅବସରରେ ଦେବଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ପୃଥକ ଭାବେ ଜନସାଧାରଣ, ଜନଜାତି ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ସହ ଆଲୋଚନା କରିଛନ୍ତି।

ଶ୍ରୀ ପ୍ରଧାନ ବାରକୋଟ ଝରବାହାଲ ଏସଏସଡି ହାଇସ୍କୁଲ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ବାରକୋଟ ବ୍ଲକ୍‌ର ଗୋଲାବନ୍ଧଠାରେ 'ଗ୍ରାମ ପଞ୍ଚାୟତ ସୁଭଦ୍ରା ଶକ୍ତି କେନ୍ଦ୍ର'ର ଉଦ୍‌ଘାଟନ କରିଥିଲେ। ସେଠାରେ ମିଶନ ଶକ୍ତିର ସଦସ୍ୟା, 'ଲକ୍ଷପତି ଦିଦି', ସୁଭଦ୍ରା ଯୋଜନାର ହିତାଧିକାରୀ, ପିଡିଏସ ଓ ସାମାଜିକ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପରେ କେଟେଇସାହିସ୍ଥିତ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାରେ ପଢୁଥିବା ଶିଶୁ, ଅଭିଭାବକ ଓ ଅଙ୍ଗନୱାଡ଼ି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କେହି ଶିଶୁ ଯେପରି ବିକାଶରୁ ବଞ୍ଚିତ ନ ହୁଅନ୍ତି, ତାହା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ଠିଆନାଳ ସିଆରିହୁଲି ଗ୍ରାମର 'ପିଏମ୍ ଜନ ମନ୍' ଯୋଜନାର ହିତାଧିକାରୀ ସୁକୁଟୁ ପ୍ରଧାନଙ୍କ ଧର୍ମପତ୍ନୀ ବୁଦ୍ଧେଇ ପ୍ରଧାନଙ୍କୁ ଭେଟି ଯୋଜନାର ସୁଫଳ ସମ୍ପର୍କରେ ପଚାରି ବୁଝିଛନ୍ତି। ଦେବଗଡ଼ ଗୁରୁସଙ୍ଗଠାରେ ବାଉଁଶ ଶିଳ୍ପ ତାଲିମ ନେଉଥିବା ମିଶନ ଶକ୍ତି ଏସଏଚଜିର ସଦସ୍ୟାମାନଙ୍କୁ ଭେଟି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବାଉଁଶ ସାମଗ୍ରୀଗୁଡ଼ିକୁ ବୃହତ୍ ବଜାର ସହ ଯୋଡ଼ିବା ଓ ଉଚିତ୍ ମୂଲ୍ୟ ଦେବା ନେଇ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି।

ଗସ୍ତ କାଳରେ ଶ୍ରୀ ପ୍ରଧାନ ଗୋପାଳପାଲିଠାରେ ଯୁବ ଉଦ୍ୟୋଗୀ ସତ୍ୟବ୍ରତ ଜିତ୍‌ଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ' ଯୋଜନାରେ ପ୍ରତିଷ୍ଠିତ ଟ୍ରାନ୍ସଫର୍ମର ଉତ୍ପାଦନ ୟୁନିଟ୍ 'ସାଇ ଇଲେକ୍ଟ୍ରୋଟେକ୍' ଓ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ସହାୟତାରେ ସ୍ଥାପିତ 'ପ୍ରତୀକ୍ଷା ଡାଏରୀ' ପରିଦର୍ଶନ କରିଛନ୍ତି। ସ୍ଥାନୀୟ ମା' ଓ ଯୁବକଙ୍କୁ ରୋଜଗାର ଯୋଗାଇବା ସହ ଆଞ୍ଚଳିକ ଅର୍ଥନୀତିର ବିକାଶରେ ଏହି ଉଦ୍ୟୋଗୀଙ୍କ ସଫଳ ପ୍ରଚେଷ୍ଟାକୁ ସାଂସଦ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି।

## ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି, ୩ ଦିନ ଭିଜିବ



ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଆଗାମୀ ୨୪ ଘଣ୍ଟାରେ ଉତ୍ତର ଦିଗରେ ଏହା ଗତି କରିବା ସହ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ଆଗାମୀ ତିନି ଦିନ ବର୍ଷା ଲାଗି ରହିବ। ଆଜି ପ୍ରାତଃ ସାଢ଼େ ୫ଟାରେ ଲଘୁଚାପ ସୃଷ୍ଟି ହୋଇଛି।

ଏହି ଅନୁସାରେ, ଆଜି ସକାଳ ସାଢ଼େ ୮ଟାରୁ ସୋମବାର ସକାଳ ସାଢ଼େ ୮ଟା ମଧ୍ୟରେ କେନ୍ଦୁଝର ଓ ମୟୂରଭଞ୍ଜର କିଛି ସ୍ଥାନରେ ୧୨ରୁ ୨୦ ସେମି ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି କାରଣରୁ ଉଭୟ ଦୁଇ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ଏଥିସକାଶେ ଏହି ଜିଲ୍ଲାଗୁଡ଼ିକ ପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଏଥିସହ ରାଜ୍ୟର ଅନେକ ସ୍ଥାନରେ ଘଡ଼ଘଡ଼ି, ବଜ୍ରପାତ ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବର୍ଷାର ପ୍ରକୋପ ଅଧିକ ରହିବ। ଏଥିସହ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବାର ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରି ଆସିବାକୁ ମଧ୍ୟ କୁହାଯାଇଛି।

### ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପଦକ ପ୍ରଦାନ ଉତ୍ସବ-୨୦୨୬

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଧିକାରୀ ଓ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ): ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ-୨୦୨୬ ଅବସରରେ ରାଜ୍ୟ ଆରକ୍ଷୀ, ଅଗ୍ନିଶମ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ଓ କାରାଗାର ସଂସ୍ଥାରେ ଉଲ୍ଲେଖନୀୟ ଓ ନିଷ୍ଠାପର ସେବା ପ୍ରଦାନ କରିଥିବା କୃତୀ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପଦକ ପ୍ରଦାନ ଉତ୍ସବ ଆୟୋଜିତ ହୋଇଛି। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପୁଲିସ, ଅଗ୍ନିଶମ ଓ କାରାଗାର କର୍ମଚାରୀଙ୍କୁ ସାହସିକତା, କର୍ତ୍ତବ୍ୟନିଷ୍ଠା ଓ ପ୍ରଶଂସନୀୟ ସେବା ପାଇଁ ପଦକ ଓ ଅର୍ଥ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି।

ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଘନଶ୍ୟାମ ସାହୁ ଏବଂ କନଷ୍ଟେବଲ ଅବିର ମାଝୀଙ୍କୁ ପୁଲିସ ସେବା ପାଇଁ ସାହସିକତା ପଦକ ପ୍ରଦାନ କରାଯାଇଛି। ସେହିପରି ପ୍ରତୀକ ମହାନ୍ତି (ଆଇପିଏସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ) ଓ ପ୍ରଫୁଲ୍ଲ କୁମାର ସିଂ (ଡିସିପି, ଆର୍ମଡ ଓଏସଏପି ୭ମ ବାଟାଲିୟନ) ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଆହୁରି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, ପ୍ରସାଦ ତମାଙ୍ଗ, ଦୁର୍ଗପତି, ଓଏସଏପି. ୨ୟ ବାଟାଲିୟନ୍, ଝାରସୁଗୁଡ଼ା, ଅଶୋକ କୁମାର ମହାନ୍ତି, ଦୁର୍ଗପତି, ଓଏସଏପି ୩ୟ ବାଟାଲିୟନ୍, ଗଜପତି, ଶୁଭନାରାୟଣ ମୁଦୁଲି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କଟକ, ପ୍ରଣୀତା କୁମାରୀ ରାୟ, ଡିଏସପି, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ, ପ୍ରଦୀପ କୁମାର ଆଇନ୍ଦ, ଡିଏସପି, ଦୁର୍ନୀତି ନିବାରଣ, କୋରାପୁଟ ଡିଭିଜନ, ଲକ୍ଷ୍ମୀ ନାରାୟଣ ମୁଦୁଲି, ଆରକ୍ଷୀ ନିରୀକ୍ଷକ,ଏସଆଇଡବ୍ଲ୍ୟୁ, ଭୁବନେଶ୍ୱର, ଅରୁଣ କୁମାର ନାୟକ, ଆରକ୍ଷୀ ନିରୀକ୍ଷକ, ଏସଟିଏଫ, ଭୁବନେଶ୍ୱର, ମହମ୍ମଦ ହାଫିଜ, ଆରକ୍ଷୀ ନିରୀକ୍ଷକ, ଭଦ୍ରକ, ନିଗମାନନ୍ଦ ମହାପାତ୍ର, ଏଏସଆଇ, କଟକ ଓ ଲବଙ୍ଗଲତା ନାଏକ, ଏପିଆର ହାବିଲଦାର, ବଲାଙ୍ଗୀରଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିଛି। ଏହାଛଡ଼ା ବିଶିଷ୍ଟ ସେବା ପାଇଁ ଅର୍ଜ୍ଜୁନ ବେହେରା ରାଷ୍ଟ୍ରପତି ପଦକ ପାଇଥିବା ବେଳେ ନରେନ୍ଦ୍ର କୁମାର ପିଙ୍ଗ, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର, କଣ୍ଟାମାଲ ଅଗ୍ନିଶମ କେନ୍ଦ୍ର, ଲକ୍ଷ୍ମଣ ମାଝୀ, ଲିଡିଂ ଫାୟାର ଫାଇଟର, ହିନ୍ଦୋଳ ଫାୟାର ଷ୍ଟେସନ,



ଅଲେଖ ଚନ୍ଦ୍ର ରାଉତ, ଫାୟାର ଫାଇଟର, ଭୁବନ ଫାୟାର ଷ୍ଟେସନଙ୍କୁ ଅଗ୍ନିଶମ ସେବା ପାଇଁ ପ୍ରଶଂସନୀୟ ସେବା ପଦକ ମିଳିଛି। ଆହୁରି ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା: ରମେଶ ଚନ୍ଦ୍ର ମହାନ୍ତି,ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର ,ଭଦ୍ରକଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ପ୍ରଭାତ କୁମାର ସାହୁ,ଗୃହରକ୍ଷୀ ଓ ରୋନିତା ବଡ଼ଜେନା,ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ପଦକ ପ୍ରଦାନ କରାଯାଇଛି।

## ମାଖନା ହାତୀର ଉତ୍ପାତ, ନଜର ରଖିଛି ବନ ବିଭାଗ



ନୀଲଗିରି,୧୬।୮(ସଂଚାର ବ୍ୟୁରୋ):କୁଲଡିହା ବନ୍ୟପ୍ରାଣୀ ରେଞ୍ଜ ଅଧୀନସ୍ଥ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରେ ଗତ ୧୫/୨୦ ଦିନ ଧରି ଏକ ମାଖନା ହାତୀ ପାହାଡ଼ ପାଦଦେଶର ଥିବା ଧାନ କ୍ଷେତ ଓ ଗାଁମାନଙ୍କରେ ବୁଲି ଉତ୍ପାତ କରୁଛି। ଫଳତଃ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏନେଇ ଖବର ପାଇବା ପରେ ବନ ବିଭାଗ ନିୟମିତ କ୍ଷେତ୍ର ତଦାରଖ ସମୟରେ ଏକ ମାଖନା (ଦାନ୍ତହୀନ ପୁରୁଷ) ହାତୀର ଗତିବିଧି ଓ ଆଚରଣ ଉପରେ କଡ଼ା ନଜର ରଖିଛି। ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖିବା ପରେ ବନ ବିଭାଗ ପକ୍ଷରୁ ତୁରନ୍ତ ଏକ ପଶୁ ଚିକିତ୍ସା ଦଳ ଦ୍ୱାରା ତା'ର ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ମୂଲ୍ୟାଙ୍କନ ପରେ ପଶୁ ଚିକିତ୍ସା ଦଳ ଆଖି ସଂକ୍ରମଣର ଲକ୍ଷଣ ଦେଖିଥିଲା। ପର୍ଯ୍ୟବେକ୍ଷଣ ଜାରି ରଖିବା ପାଇଁ ପଶୁ ଚିକିତ୍ସା ଦଳ ପରାମର୍ଶ ଦେଇଥିଲା। ହାତୀଟି ଏବେ ବି ବନ ବିଭାଗର ପଶୁ ଚିକିତ୍ସା ଦଳର କଡ଼ା ନଜରରେ ରହିଛି। କ୍ଷେତ୍ର କର୍ମଚାରୀମାନେ ନିୟମିତ ଭାବେ ହାତୀର ଗତିବିଧି, ଆଚରଣ ଓ ସ୍ୱାସ୍ଥ୍ୟର ମୂଲ୍ୟାଙ୍କନ କରୁଛନ୍ତି।

● ଧାମନଗର ପୁଲିସକୁ ସଫଳତା

## ଜଣେ ଗିରଫ, ଚୋରି ସୁନା ଗହଣା ଜବତ



ଧାମନଗର,୧୬।୮(ସଂଚାର ବ୍ୟୁରୋ): ଧାମନଗର ପୁଲିସକୁ ମିଳିଛି ସଫଳତା। ଖୁବ କମ ସମୟରେ ଚୋରି ସୁନା ଗହଣା ଉଦ୍ଧାର କରିବା ସହ ପୁଲିସ୍ ଜଣଙ୍କୁ ଗିରଫ କରିଛି। ଧାମନଗର ଥାନା ଅନ୍ତର୍ଗତ କରଞ୍ଜି ଗୁଣୁପୁର ଅଞ୍ଚଳରେ ଗତ ୧୪ ତାରିଖ ରାତିରେ କେତେକ ଦୁର୍ବୃତ୍ତ ହିରାମଣୀ ସାହୁଙ୍କ ଘରେ ପଶି ସୁନା ଗହଣା ଆଦି ଚୋରି କରି ଚମ୍ପଟ ମାରିଥିଲେ। ଏନେଇ ଧାମନଗର ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ହିରାମଣୀଙ୍କ ଅଭିଯୋଗ ମୂଳେ ସଙ୍ଗେ ସଙ୍ଗେ ଅଧିକାରୀ ଶୁଭ୍ରଜିତ ଦାଶ ଏକ ମାମଲା ରୁଜୁ କରି ଏଏସଆଇ ନରେନ୍ଦ୍ର କୁମାର ରାଉତଙ୍କୁ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦେଇଥିଲେ। ଗତକାଲି ଦିନ ଧାମନଗର ଥାନା ଆଇଆଇସି ଶୁଭ୍ରଜିତ ଦାଶଙ୍କ ନେତୃତ୍ୱରେ ଏଏସଆଇ ନରେନ୍ଦ୍ର କୁମାର ରାଉତ ଓ ପୁଲିସ ଟିମ୍ କରଞ୍ଜି ଗୁଣୁପୁର ଅଞ୍ଚଳରେ ଚଢ଼ାଉ କରି ଚୋରି ହୋଇଥିବା ସୁନା ଗହଣା ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ କରଞ୍ଜି ଗୁଣୁପୁର ଅଞ୍ଚଳର ବାସିନ୍ଦା ବାବୁଲି ସାହୁଙ୍କ ପୁଅ ଗୋବିନ୍ଦ ବୋଲି ଜଣାପଡ଼ିଛି।

● ଆର୍‌ଆଇଙ୍କୁ ମରଣାନ୍ତକ ଆକ୍ରମଣ

## ଜମି ବିବାଦରୁ ମାରପିଟ ଅଭିଯୋଗ

ପିପିଲି,୧୬।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ମାଟିଆପଡା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଆଶୁତୋଷ ସାହୁଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପିପିଲି ଆଠବାଟିଆରେ କେତେକ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଜମିବାଡ଼ି ବିବାଦ ଓ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାନୁସାରେ, ଆଶୁତୋଷ ସାହୁଙ୍କ ମୁଣ୍ଡକୁ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ଆହତ ହୋଇଛନ୍ତି।

● ଅଟୋରେ ମଧ୍ୟାହ୍ନଭୋଜନ ଚାଉଳ ନେବା ଘଟଣା

## ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

ଝରିଗାଁ,୧୬।୮(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ଅନ୍ତର୍ଗତ ମାଝୀଗୁଡ଼ା ସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗତ ଶୁକ୍ରବାର ବିଦ୍ୟାଳୟ ଛୁଟି ହେବା ପରେ ଏକ ଅଟୋରେ ମଧ୍ୟାହ୍ନଭୋଜନ ଚାଉଳ ଓ ସଖୀ ସାନିଟାରି ନାପ୍‌କିନ୍ ଲୋଡ୍ କରିବା ସମୟରେ ଗ୍ରାମବାସୀ ଦେଖି ଉକ୍ତ ଗାଡ଼ିକୁ ଅଟକାଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ଚାଉଳ କ'ଣ ପାଇଁ ଓ କେଉଁଠିକୁ ଯାଉଥିଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ । ଏହି ଘଟଣାରେ ଝରିଗାଁ ବିଇଓ ଉମରସିଂ ନାୟକ ତଦନ୍ତ କରି ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣକାନ୍ତି ମହାପାତ୍ରଙ୍କୁ ଗତକାଲି ନିଲମ୍ବନ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଶୁକ୍ରବାର ସ୍କୁଲ ଛୁଟି ହେବା ପରେ ମାଝୀଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଅଟୋରେ ମଧ୍ୟାହ୍ନଭୋଜନ ଚାଉଳ ଓ ଛାତ୍ରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖୁସି ସାନିଟାରି ପ୍ୟାଡ୍ ଲୋଡ୍ ହେଉଥିବା ଦେଖି ଗ୍ରାମବାସୀ ଅଟୋକୁ ଘେରିଥିଲେ। ଶ୍ରୀମତୀ ମହାପାତ୍ର ତରବରିଆ ଭାବେ ଅଟୋ ଡ୍ରାଇଭରଙ୍କୁ ଧରି ପୁଣି ସେସବୁକୁ ଅନ୍‌ଲୋଡ୍ କରିଦେଇଥିଲେ। ଅଟୋରେ ଲୋଡ ଓ ଅନ୍‌ଲୋଡ୍ ସମୟର ଭିଡିଓ ଗ୍ରାମବାସୀ ଉତ୍ତୋଳନ କରିଥିଲେ। ଚାଉଳ ମିଲିଂ ପାଇଁ ଉମରକୋଟ ଯାଉଥିବା ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ମଧ୍ୟାହ୍ନଭୋଜନ ସାମଗ୍ରୀର ଅପବ୍ୟବହାର ଅଭିଯୋଗରେ ଶ୍ରୀମତୀ ମହାପାତ୍ରଙ୍କୁ ନିଲମ୍ବନ କରାଯିବା ସହ ତାଙ୍କୁ ଏକମ୍ବା- ଖ'ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରହିବା ପାଇଁ କୁହାଯାଇଥିବା ବିଇଓ କହିଛନ୍ତି।

# ଧସିଲା ନିର୍ମାଣାଧୀନ ରାସ୍ତା, ୩ ଟ୍ରକ୍ ଓଲଟିପଡ଼ିଲା

### ୨.୫ ହଜାର କୋଟି ଟଙ୍କାର କାମକୁ ନେଇ ଉଠିଲା ପ୍ରଶ୍ନ



କେନ୍ଦ୍ରାପଡ଼ା,୧୬।୮(ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅନ୍ତର୍ଗତ ନୀଳାଞ୍ଚଳ ବଜାର ନିକଟରେ ନିର୍ମାଣାଧୀନ ରାସ୍ତାର ଏକ ଶହ ମିଟର ଧସିଯାଇଛି। ଫଳତଃ ଏହି ରାସ୍ତା ଉପରେ ଛିଡ଼ା ହୋଇଥିବା ୩ଟି ଟ୍ରକ ତଳକୁ ଓଲଟି ପଡ଼ିଛି। ସୌଭାଗ୍ୟବଶତଃ ଘଟଣା ସମୟରେ ଟ୍ରକ୍ ଭିତରେ କେହି ନ ଥିଲେ। ଫଳତଃ ଏକ ବଡ଼ ଅଘଟଣ ଟଳିଯାଇଛି। ଘଟଣା ପରେ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣାଧୀନ ରାସ୍ତାର ଗୁଣବତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାକଡ଼ରେ ମାଟି ଠିକ୍ ଭାବେ ଜମା ଓ ସଘନୀକରଣ କରାଯାଇ ନ ଥିବାରୁ ଲଗାଣ ବର୍ଷାରେ ସେହି ମାଟି ଧସିଯାଇଛି। ଏଥିସହ ରାସ୍ତା ନିର୍ମାଣରେ ପାଉଁଶ ଓ ଜିପସମ୍ ଭଳି ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ରାସ୍ତା ଧସିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ନିର୍ମାଣକାରୀ ସଂସ୍ଥାର ଜଣେ ଅଧିକାରୀଙ୍କୁ ଅଟକ ରଖି ପ୍ରତିବାଦ କରିଥିଲେ। ରାସ୍ତା ନିର୍ମାଣର ଗୁଣବତ୍ତା ଯାଞ୍ଚ ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ନିର୍ମାଣ କାର୍ଯ୍ୟରେ ଅବହେଳା ଯୋଗୁଁ ଏହି ରାସ୍ତାରେ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରାୟ ଅଢ଼େଇ ହଜାର କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତା ପ୍ରକଳ୍ପରେ ନିର୍ମାଣର ମାନ ଓ କାର୍ଯ୍ୟର ଗୁଣବତ୍ତା ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଗତ ୬ ମାସ ତଳେ କେନ୍ଦ୍ରାପଡ଼ା ସହର ଉପକଣ୍ଠ ଶ୍ୟାମସୁନ୍ଦର ଗଡ଼ା ନିକଟରେ ଏକ ଶହ ମିଟର ରାସ୍ତା ଧସିପଡ଼ିଥିଲା। ଲଗାଣ ବର୍ଷା ଯୋଗୁଁ ରାସ୍ତା ଧସିଛି ନା ନିର୍ମାଣରେ କୌଣସି ତ୍ରୁଟି ରହିଛି, ତାହାର ବିଧିବଦ୍ଧ ତଦନ୍ତ କରାଯିବାକୁ ଯୁବ ସ୍ୱାଭିମାନ ମଞ୍ଚର ସଭାପତି ସ୍ମୃତିରଞ୍ଜନ ଜେନା ଦାବି କରିଛନ୍ତି। ସେ କହିଛନ୍ତି ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ବାରମ୍ବାର ନିମ୍ନମାନର କାର୍ଯ୍ୟ କରୁଛି। ଏ ନେଇ ଜାତୀୟ ରାଜପଥ ର କର୍ତ୍ତୃପକ୍ଷଙ୍କ ନିକଟରେ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଛି। ହେଲେ କର୍ତ୍ତୃପକ୍ଷ ତାହାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ଯାହାର ଫଳ ସ୍ୱରୂପ ପୂର୍ବରୁ ଶ୍ୟାମସୁନ୍ଦରପୁର ଓ ଏବେ ନୀଳାଞ୍ଚଳ ବଜାର ନିକଟରେ ନିର୍ମାଣାଧିନ ରାସ୍ତା ଧସିପଡିଲା। ଆଗକୁ ଆହୁରି ଅନେକ ସ୍ଥାନରେ ରାସ୍ତା ଧସିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଜନସାଧାରଣଙ୍କ ଟିକସ ଅର୍ଥକୁ ଏହିପରି ଭାବରେ ବରବାଦ କରାଯାଉଛି। ଏହାର ଉତ୍ତର ଦାୟିତ୍ୱ କାହାର ତାହାକୁ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଚିନ୍ତା କରିବା ଉଚିତ ବୋଲି ସେ କହିଛନ୍ତି। ତଦନ୍ତ ପରେ କାରଣ ସ୍ପଷ୍ଟ ହୋଇପାରିବ। ଘଟଣାସ୍ଥଳରେ ବିଶେଷଜ୍ଞ ଟିମ୍ ଦ୍ୱାରା ରାସ୍ତାର ଗୁଣବତ୍ତା ଓ ନିର୍ମାଣ ସାମଗ୍ରୀ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ କହିଛନ୍ତି।

# ମରାମତି ବେଳେ ବିଦ୍ୟୁତ ଝଟ୍‌କାରେ କର୍ମଚାରୀ ମୃତ

### କ୍ଷତିପୂରଣ ଘୋଷଣା ପରେ ଶବ ଛାଡ଼ିଲେ ପରିବାର ଲୋକେ

ଦେବଗଡ଼,୧୬।୮(ସଂଚାର ବ୍ୟୁରୋ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା କଲା ଗ୍ରାମରେ ଘଟିଛି ଅଘଟଣ। ବିଦ୍ୟୁତ ସ୍ପର୍ଶରେ ଆସି ଜଣେ ବିଦ୍ୟୁତ କର୍ମଚାରୀଙ୍କ ଜୀବନ ଚାଲିଯାଇଛି। ମୃତ କର୍ମଚାରୀ ଜଣଙ୍କ ହେଲେ ରିଆମାଳ ଥାନା ଧରମପୁର ଗାଁର ଟୁନା ସାହୁ।

ସୂଚନାନୁସାରେ, ଟିପିଡବ୍ଲ୍ୟୁଓଡିଏଲରେ ହେଲ୍‌ପର ଭାବେ କାମ କରୁଥିବା ଟୁନା ଖୁଣ୍ଟ ଉପରେ ଚଢ଼ି ମରାମତି କରୁଥିବା ବେଳେ ହଠାତ୍ ବିଦ୍ୟୁତ ଝଟ୍‌କାରେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ବମ୍ପରଡ଼ା ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ଡାକ୍ତରଖାନାରେ ମୃତ ଘୋଷଣା କରାଯିବା ପରେ ଟୁନାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ଓ ସ୍ଥାନୀୟ ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ମୃତଦେହକୁ ଛାଡ଼ି ନ ଥିଲେ। ପରେ ବିଭାଗୀୟ ଅଧିକାରୀ ବୁଝାସୁଝା କରି କ୍ଷତିପୂରଣ ପ୍ରଦାନ ସକାଶେ ରାଜି ହେବାରୁ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛଡ଼ାଯାଇଥିଲା। କଲା ଗ୍ରାମର ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ କଟିଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ବିଦେଇ-ବଡ଼କୁଦର ସେକ୍ସନରେ ସହାୟକ ଭାବେ କାମ କରୁଥିବା ଟୁନା ମରାମତି ପାଇଁ ସେଠାକୁ ଯାଇ ବିଦ୍ୟୁତ ଖୁଣ୍ଟରେ ଚଢ଼ିଥିଲେ। ମାତ୍ର ବିଦ୍ୟୁତ ସ୍ପର୍ଶରେ ଆସି ଖୁଟରୁ ତଳେ ପଡି ଯାଇଥିଲେ। ପରେ ତାଙ୍କର ମୃତ୍ୟୁ ଖବର ପାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁଙ୍କ ସମେତ ବହୁ ଜନସାଧାରଣ ଡାକ୍ତରଖାନାକୁ ଯାଇ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନହେଲେ ବ୍ୟବଚ୍ଛେଦ ପାଇଁ ମୃତଦେହ ଛଡ଼ାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ତେବେ ଟିପିଡବ୍ଲ୍ୟୁଓଡିଏଲର ଏସଡିଓ ଦିବ୍ୟଲୋଚନ ନାୟକ ଓ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସୁନାନୀ ଲୋକଙ୍କୁ ବୁଝାସୁଝା କରିବା ସହ ବିଭାଗ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାର ସହାୟତା, ପରିବାରରେ ଜଣଙ୍କୁ ଚାକିରି ଓ ବିଧବା ସ୍ତ୍ରୀଙ୍କୁ ପେନ୍‌ସନ ପ୍ରଦାନ ସମେତ ମୃତକଙ୍କ ଇନସ୍ୟୁରାନ୍ସରେ ୧୫ ଲକ୍ଷ ଟଙ୍କା ସହାୟତା ଯୋଗାଇବା ନେଇ ପ୍ରତିଶ୍ରୁତି ଦେବା ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଛଡ଼ାଯାଇଥିଲା।

## ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ



ନୀଳଗିରି,୧୬।୮(ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ଅବସରରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ ନୀଳଗିରି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି। ଗତକାଲି ସକାଳେ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ପତାକା ଉତ୍ତୋଳନ କରିସାରିବା ପରେ ନିଜ ନିଜ ଘରକୁ ଚାଲିଯାଇଥିଲେ। କିନ୍ତୁ ଉତ୍ତୋଳନ ହେବାର କିଛି ସମୟ ପରେ ଜାତୀୟ ପତାକା ତଳକୁ ଖସିପଡ଼ିଥିଲା। ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟର କୌଣସି କର୍ମଚାରୀ ଦୃଷ୍ଟି ଦେଇନଥିଲେ। ତେବେ ଉକ୍ତ କାର୍ଯ୍ୟାଳୟ ଦେଇ ଯାଉଥିବା ବାଟୋଇମାନେ ଏହା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଯୁବକ ରଞ୍ଜିତ ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ଅତୁଲ ସ' ସେଠାରେ ପହଞ୍ଚି ପତାକାକୁ ଉଠାଇ ପୁଣିଥରେ ଉତ୍ତୋଳନ କରିଥିଲେ। ଉକ୍ତ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଇଂ. ଦେବବ୍ରତ ଗାରୁଙ୍କ ଦାୟିତ୍ୱହୀନତା ପାଇଁ ଓ କର୍ମଚାରୀଙ୍କ ଜାତୀୟ ପତାକା ପ୍ରତି ଏପରି ଅବହେଳା ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସାଧାରଣରେ ଦାବି ହେଉଛି।

## କୋଇଲା ବୋଝେଇ ଟ୍ରକ୍‌କୁ ପିଟିଲା ଲୁହା ବୋଝେଇ ଟ୍ରେଲର



ରେଢ଼ାଖୋଲ,୧୬।୮(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ନିକଟସ୍ଥ ଦଳଖମଣ ବ୍ରିଜ୍ ଉପରେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରେଲର-ଟ୍ରକ୍ ପରସ୍ପର ସହ ମୁହାଁମୁହିଁ ଭାବେ ଧକ୍କା ହୋଇଛନ୍ତି। ଫଳରେ ଏଥିରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ଭାବେ ଆହତ ହୋଇଛନ୍ତି। ସମ୍ବଲପୁର ରେଢାଖୋଲ ସହର ନିକଟ ଦଳଖମଣ ବ୍ରିଜ୍ ଉପରେ ଏହି ଦୁର୍ଘଟଣାଟି ଘଟିଛି। ସମ୍ବଲପୁରରୁ ଏକ କୋଇଲା ବୋଝେଇ ଟ୍ରକ ଅନୁଗୋଳ ଯାଉଥିବା ସମୟରେ ଏକ ଲୁହା ବୋଝେଇ ଟ୍ରେଲର ସହ ଏହାର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ବୁର୍ଲା ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଯୋଗୁ ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଛି। ଦୁର୍ଘଟଣା ପରେ ବ୍ରିଜ୍ ଉପରେ ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିବାରୁ ଯାତାୟାତ ପ୍ରଭାବିତ ହୋଇଛି। ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହିବାରୁ ଯାତ୍ରୀ ଓ ଅନ୍ୟ ଗାଡ଼ି ଚାଳକମାନେ ଅସୁବିଧାରେ ପଡ଼ିଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାର କାରଣ ଓ ପରିସ୍ଥିତି ନେଇ ତଦନ୍ତ ଆରମ୍ଭ କରିଛି। ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଇ ପୁଲିସ୍ ଯାତାୟାତ ସ୍ୱାଭାବିକ କରିବା ସକାଶେ ଉଦ୍ୟମ ଚଳାଇଛି।

## ପାହାଡ଼ରୁ ଧସିଲା ପଥର, ଯାତାୟାତ ପ୍ରଭାବିତ



କେନ୍ଦୁଝର,୧୬।୮(ସଂଚାର ବ୍ୟୁରୋ): ପାହାଡ଼ରୁ ଧସିଲା ପଥର। କେନ୍ଦୁଝର ସହରରେ ଲଗାଣ ବର୍ଷା ଯୋଗୁ ଜୁଡ଼ିଆ ଘାଟିର ବିଭିନ୍ନ ସ୍ଥାନର ପାହାଡ଼ରୁ ପଥର ଧସିଛି। ଫଳରେ ଗୋଟିଏ ପାର୍ଶ୍ୱରେ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ଘଟଣାକୁ ଗୋଟିଏ ଦିନ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ରାସ୍ତା ସଫା ହୋଇନାହିଁ। ମିଳିଥିବା ସୂଚନାନୁସାରେ, ଲଗାଣ ବର୍ଷା ପରେ ଜୁଡ଼ିଆ ଘାଟିର ବିଭିନ୍ନ ସ୍ଥାନରେ ପାହାଡ଼ରୁ ପଥର ଓ ମାଟି ଧସିଥିଲା। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ଅବରୋଧ ହୋଇପଡ଼ିଛି। ରାସ୍ତା ଉପରେ ବଡ଼ ବଡ଼ ପଥର ପଡ଼ିଥିବାରୁ ଯାନବାହନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଘଟଣା ପରେ ରାସ୍ତା ସଫା କରିବା ଏବଂ ପଥର ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆଶା କରାଯାଉଥିଲେ ମଧ୍ୟ ଦୀର୍ଘ ସମୟ ପରେ ବି ସ୍ଥିତିରେ ସୁଧାର ଆସିପାରିନାହିଁ।

## ବ୍ୟବସାୟୀ ଅପହରଣ ମାମଲାରେ ଜଣେ ଗିରଫ



ମାମଲା ପଛରେ ହନୁମାନ ପଇସା କାରବାର

ବଲାଙ୍ଗୀର,୧୬।୮(ସଂଚାର ବ୍ୟୁରୋ): ବଲାଙ୍ଗୀରର ଜଣାଶୁଣା ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡା ଅପହରଣ ମାମଲାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳର କ୍ଷୀତିଶ ସାହୁଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ନରେନ୍ଦ୍ରଙ୍କୁ ଅପହରଣ କରିବା ପରେ ଅଭିଯୁକ୍ତ ୫୦ ଲକ୍ଷ ଟଙ୍କା ଦାବି କରୁଥିଲେ। ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଓ ଭୁବନେଶ୍ୱରର ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ହୋଟେଲରୁ ଅପହୃତ ବ୍ୟବସାୟୀ ସାହୁଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଗତ ଶୁକ୍ରବାର ବ୍ୟବସାୟୀ ନରେନ୍ଦ୍ରଙ୍କୁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ଜଣ ଅପହରଣ କରି ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ତାଙ୍କୁ ବନ୍ଦୀ କରି ରଖି ସେମାନେ ୫୦ ଲକ୍ଷ ଟଙ୍କା ଦେବାକୁ ଦାବି କରୁଥିଲେ ବୋଲି ଏସ୍‌ପି ଅଭିଲାଷ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ କ୍ଷୀତିଶ ହନୁମାନ ଟଙ୍କା ଦେବାକୁ କହି ତାଙ୍କଠାରୁ ନରେନ୍ଦ୍ର ସାହୁ ୨ କୋଟି ୭୦ ଲକ୍ଷ ଟଙ୍କା ନେଇଛନ୍ତି ଓ ଫେରାଇ ନ ଥିବାରୁ ତାଙ୍କୁ ଏଠାରୁ ଉଠାଇ ନେଇଥିବା କହିଛନ୍ତି। ଅଭିଯୁକ୍ତ ଓ ଅପହୃତଙ୍କ ବୟାନକୁ ନେଇ ପୁଲିସ୍ ତଦନ୍ତ କରୁଛି। ଅପହର୍ତ୍ତାଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କୁ ଖୁବ୍‌ଶୀଘ୍ର କୋର୍ଟ ଚାଲାଣ କରାଯିବ। ଅଧିକ ତଦନ୍ତ ପାଇଁ ତାଙ୍କୁ ପରେ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ଅଭିଲାଷ କହିଛନ୍ତି। ଏଥିସହ ଅପହୃତ ବ୍ୟବସାୟୀ ନରେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାଙ୍କୁ ଛଡ଼ାଯିବ ବୋଲି ସେ ସୂଚନା ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବିଶାଖାପାଟଣାରୁ ସମସ୍ତ ଉଡ଼ାଣ ବାତିଲ କଲା ଇଣ୍ଡିଗୋ



ଚେନ୍ନାଇ,୧୬।୮ : ଘରୋଇ ବିମାନ କମ୍ପାନି ଇଣ୍ଡିଗୋ ଘୋଷଣା କରିଛି ଯେ ୨୦୨୬ ଅଗଷ୍ଟ ୧୭ ଠାରୁ ବିଶାଖାପାଟଣାକୁ ଏବଂ ବିଶାଖାପାଟଣାରୁ ଏହାର ସମସ୍ତ ଉଡ଼ାଣ ଆଉ ଚଳାଚଳ କରିବ ନାହିଁ। ସମସ୍ତ ଉଡ଼ାଣ ନୂତନ ଆଲୁରି ସୀତାରାମ ରାଜୁ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଉଛି। ଏହି ନୂତନ ବିମାନବନ୍ଦର ବିଶାଖାପାଟଣା ସହର କେନ୍ଦ୍ରରୁ ପ୍ରାୟ ୪୮ କିଲୋମିଟର ଦୂରରେ ଅବସ୍ଥିତ ଏବଂ ଟ୍ରାଫିକ୍ ପରିସ୍ଥିତି ଉପରେ ନିର୍ଭର କରି ପହଞ୍ଚିବାକୁ ପ୍ରାୟ ୬୦-୧୦୦ ମିନିଟ୍ ସମୟ ଲାଗିବ ବୋଲି ଆଶା କରାଯାଉଛି। ବିମାନ ଯାତ୍ରୀମାନଙ୍କୁ ଅତିରିକ୍ତ ଯାତ୍ରା ସମୟକୁ ବିଚାରକୁ ନେଇ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦେଇଛି। ପରିବର୍ତ୍ତନ ସମୟରେ ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ ଇଣ୍ଡିଗୋ କହିଛି ଯେ ଏହାର ଦଳ ଉପଲବ୍ଧ ରହିବେ। ପୂର୍ବରୁ, ଇଣ୍ଡିଗୋ ବିଜୟୱାଡାରୁ ବାରାଣସୀ ଏବଂ କୋଲକାତାକୁ ନୂତନ ଉଡ଼ାଣ ସେବା ଘୋଷଣା କରିଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏବଂ ମଛଲିପାଟନମ ସାଂସଦ ବଲ୍ଲଭନେନୀ ବାଲାଶୌରୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷ ଏକ ବିବୃତ୍ତିରେ କହିଛନ୍ତି ଯେ ଇଣ୍ଡିଗୋ ବିଜୟୱାଡାକୁ ବାରାଣସୀ ଏବଂ କୋଲକାତା ସହିତ ସଂଯୋଗ କରୁଥିବା ନୂତନ ବିମାନ ସେବା ଆରମ୍ଭ କରିଛି ଏବଂ ପ୍ରାରମ୍ଭିକ ଉଡ଼ାଣଗୁଡ଼ିକୁ ଯାତ୍ରୀମାନଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଛି।

ଆଲୁରି ସୀତାରାମ ରାଜୁ ଅନ୍ତର୍ଜାତୀୟ ବିମାନବନ୍ଦର ଅଗଷ୍ଟ ୧୭ରୁ କାର୍ଯ୍ୟ ଆରମ୍ଭ କରିବ। ଭୋଗପୁରମର ନୂତନ ଆଲୁରି ସୀତାରାମ ରାଜୁ ଅନ୍ତର୍ଜାତୀୟ ଗ୍ରୀନଫିଲ୍ଡ ବିମାନବନ୍ଦର ଅଗଷ୍ଟ ୧୭ରୁ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷ ଆଗାମୀ କିଛି ମାସ ମଧ୍ୟରେ ପ୍ରମୁଖ ଘରୋଇ ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳଗୁଡ଼ିକୁ ଅଧିକ ଉଡ଼ାଣ ଯୋଡିବା ପାଇଁ କାର୍ଯ୍ୟ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ବିଶାଖାପାଟଣାରୁ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, କୋଲକାତା, ଚେନ୍ନାଇ ଏବଂ ଅନ୍ୟାନ୍ୟ ସହରକୁ ଉଡ଼ାଣ ସଂଖ୍ୟା ବୃଦ୍ଧି କରିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ବିମାନ କମ୍ପାନୀଗୁଡ଼ିକ ସହିତ ଯୋଗାଯୋଗ କରିଛନ୍ତି।

ଅକ୍ଟୋବର ଶେଷ ସୁଦ୍ଧା ଆଉ ଦୁଇଟି ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳ ଯୋଡା ହେବାର ଆଶା କରାଯାଉଛି। ବର୍ତ୍ତମାନ, ସିଙ୍ଗାପୁର ଏବଂ ଆବୁଧାବି ହେଉଛି ବିଶାଖାପାଟଣା ସହିତ ସଂଯୁକ୍ତ ଦୁଇଟି ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳ। ଭୋଗପୁରମ ବିମାନବନ୍ଦର ଅଗଷ୍ଟ ୧ ତାରିଖରେ ଖୋଲାଯାଇଥିଲା ଏବଂ ଅଗଷ୍ଟ ୧୭ରୁ ସମସ୍ତ ନିର୍ଦ୍ଧାରିତ ଘରୋଇ ଏବଂ ଆନ୍ତର୍ଜାତୀୟ ଯାତ୍ରୀ ସେବା ବିଦ୍ୟମାନ ବିଶାଖାପାଟଣା ବିମାନବନ୍ଦରରୁ ନୂତନ ସୁବିଧାକୁ ସ୍ଥାନାନ୍ତରିତ ହେବ। ନିୟମିତ ବ୍ୟବଧାନରେ ବିମାନବନ୍ଦରରୁ ପୂର୍ବରୁ ଅନେକ ସ୍ୱତନ୍ତ୍ର ଉଡ଼ାଣ ପରିଚାଳିତ ହେଉଛି।

ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ବିମାନ ଯାତ୍ରୀ ସଂଗଠନଗୁଡ଼ିକ କୋଲକାତା, ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁକୁ ସକାଳର ବିମାନ ଚଳାଚଳ ପାଇଁ ଭୋଗପୁରମରେ ରାତି ପାର୍କିଂ ସୁବିଧା ବ୍ୟବହାର କରିବାକୁ ଇଣ୍ଡିଗୋକୁ ଅନୁରୋଧ କରିଛନ୍ତି। ଆନ୍ଧ୍ର ପ୍ରଦେଶର ଟୁର୍ ଆଣ୍ଡ୍ ଟ୍ରାଭେଲ୍ ଅପରେଟର୍ସ ଆସୋସିଏସନ୍ ପ୍ରମୁଖ ମେଟ୍ରୋ ସହରଗୁଡ଼ିକୁ ସକାଳର ସେବା ସୁବିଧାଜନକ କରିବା ପାଇଁ ଅତି କମରେ ପାଞ୍ଚଟି ଇଣ୍ଡିଗୋ ବିମାନ ପାଇଁ ରାତି ପାର୍କିଂ ଦାବି କରିଛି। TTAA ସଭାପତି କେ. ବିଜୟ ମୋହନ କହିଛନ୍ତି ଯେ ଅତି କମରେ ତିନୋଟି ରାତି ପାର୍କିଂ ବିମାନ ବିମାନ ଯାତ୍ରୀଙ୍କ ପାଇଁ ଲାଭଦାୟକ ହେବ। ସକାଳ ସେବା ବ୍ୟବସାୟ କ୍ଷେତ୍ର ପାଇଁ ବିଶେଷ ଉପଯୋଗୀ, କାରଣ ଅନେକ ବ୍ୟବସାୟୀ ସକାଳେ ଯାତ୍ରା କରିବାକୁ, ଦିନରେ ସେମାନଙ୍କର କାମ ସମାପ୍ତ କରିବାକୁ ଏବଂ ରାତିରେ ଘରକୁ ଫେରିବାକୁ ପସନ୍ଦ କରନ୍ତି।

# ବୁଲାବୁଲିରେ ମାତ୍ର ୫% ଖର୍ଚ୍ଚ କରୁଛନ୍ତି ଜେନ୍-ଜି

ନୂଆଦିଲ୍ଲୀ,୧୬।୮ :ଜେନ୍ ଜି। ଦେଶର ଯୁବପିଢ଼ି। ଲାଇଫ ଷ୍ଟାଇଲ, ନୂଆ ଟ୍ରେଣ୍ଡ ଏବଂ ଚିନ୍ତାଧାରାକୁ ନେଇ ସବୁବେଳେ ଚର୍ଚ୍ଚାରେ। ଅନେକ ସମୟରେ ଧାରଣା ରହିଥାଏ ଯେ, ଆଜିର ଯୁବପିଢ଼ି ନିଜ ରୋଜଗାରର ଅଧିକାଂଶ ଟଙ୍କା ବୁଲାବୁଲି, ବ୍ରାଣ୍ଡେଡ୍ ପୋଷାକ ଓ ମହଙ୍ଗା ସଉକରେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବିକ ଏହା ସତ କି ? ଜେନ ଜିଙ୍କ ଖର୍ଚ୍ଚକୁ ନେଇ ଚକିତ କଲା ପରି ରିପୋର୍ଟ ପ୍ରକାଶ ପାଇଛି।

ଇକୋନୋମିକ ପ୍ଲାଟଫର୍ମ Salaryse ପକ୍ଷରୁ କରାଯାଇଥିବା ଏକ ଷ୍ଟଡି ରିପୋର୍ଟରେ ଜେନ ଜି ଖର୍ଚ୍ଚ ଉପରେ ବିସ୍ତୃତ ତଥ୍ୟ ଦେଇଛି। ୫୨ ଲକ୍ଷରୁ ଅଧିକ ଜେନ୍ ଜି ଯୁବକ-ଯୁବତୀଙ୍କ UPI ଟ୍ରାଞ୍ଜାକ୍ସନକୁ ଗୁରୁତ୍ୱ ଦିଆଯାଇଛି। ଏଥିରୁ ଜଣାପଡ଼ିଛି ଯେ, ଜେନ୍ ଜିଙ୍କ ଖର୍ଚ୍ଚ କେବଳ ମଉଜମସ୍ତି ମଧ୍ୟରେ ସୀମିତ ନୁହେଁ। ସେମାନେ ନିଜ ଦରମାର ବଡ଼ ଅଂଶ ଘରର ଆବଶ୍ୟକତା, ବିଲ୍, ସଞ୍ଚୟ ଓ ପରିବାରର ଦାୟିତ୍ୱରେ ଖର୍ଚ୍ଚ କରୁଛନ୍ତି। ରିପୋର୍ଟ ଅନୁସାରେ, ଯୁବ କର୍ମଚାରୀମାନେ ନିଜ ଦରମାର ପ୍ରାୟ ୭୦% ଟଙ୍କା ଜରୁରୀ ଆବଶ୍ୟକତା ଏବଂ ଘରୋଇ ଦାୟିତ୍ୱ ପୂରଣରେ ଖର୍ଚ୍ଚ କରୁଛନ୍ତି।



ଏଥିରେ ଘର ଭଡ଼ା, ବିଦ୍ୟୁତ ଓ ଫୋନ୍ ବିଲ୍, ରାସନ ଏବଂ ଖାଦ୍ୟପେୟ ଭଳି ଖର୍ଚ୍ଚ ସାମିଲ ରହିଛି। ଜେନ୍ ଜି ନିଜ ଦରମାର ପ୍ରାୟ ୧୫.୭% ଟଙ୍କା ଘରର ରାସନ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କିଣିବାରେ ଖର୍ଚ୍ଚ କରୁଛନ୍ତି। ଅର୍ଥାତ୍ ଘରର ଦୈନନ୍ଦିନ ଆବଶ୍ୟକତା ଏବେବି ସେମାନଙ୍କ ଖର୍ଚ୍ଚ ତାଲିକାର ଏକ ବଡ଼ ଅଂଶ। ବିଦ୍ୟୁତ ବିଲ୍, ମୋବାଇଲ୍ ଓ ଅନ୍ୟାନ୍ୟ ବିଲ୍ ସହିତ OTT ଏବଂ ଡିଜିଟାଲ୍ ସବ୍ସକ୍ରିପସନ୍ ପାଇଁ ଜେନ୍ ଜି ପ୍ରାୟ ୨୦.୧% ଟଙ୍କା ଖର୍ଚ୍ଚ କରୁଛନ୍ତି। Netflix, Spotify ଭଳି ଡିଜିଟାଲ୍ ସେବା ସେମାନଙ୍କ ମାସିକ ଖର୍ଚ୍ଚର ଏକ ଅଂଶ ହୋଇଥିଲେ ମଧ୍ୟ ଏହା ସହିତ ଅନ୍ୟ ଆବଶ୍ୟକ ବିଲ୍ ମଧ୍ୟ ରହିଛି। ଜେନ୍ ଜିଙ୍କ ଆର୍ଥିକ ଅଭ୍ୟାସର ଆଉ ଏକ ଦିଗ ହେଉଛି ସଞ୍ଚୟ ଓ ନିବେଶ। ରିପୋର୍ଟ ଅନୁସାରେ, ସେମାନେ ନିଜ ଆୟର ପ୍ରାୟ ୧୨.୨% ଟଙ୍କା ବୀମା, ସଞ୍ଚୟ ଓ ନିବେଶ ଭଳି ଭବିଷ୍ୟତ ପାଇଁ ବ୍ୟବହାର କରୁଛନ୍ତି। ଏଥିରୁ ଜଣାପଡୁଛି- ଯୁବପିଢ଼ି ନିଜ ଭବିଷ୍ୟତ ଆର୍ଥିକ ସୁରକ୍ଷା ବା ସେଭିଙ୍ଗସକୁ ନେଇ ସଚେତନ ହେଉଥିବା ସଙ୍କେତ ମିଳୁଛି। ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବାରେ ଜେନ୍ ଜିଙ୍କ ପ୍ରାୟ ୧୧.୯% ଖର୍ଚ୍ଚ ହେଉଛି। ସେହିପରି ବାହାରେ ଖାଇବା କିମ୍ବା ଅନଲାଇନ୍ ଫୁଡ୍ ଅର୍ଡର କରିବାରେ ପ୍ରାୟ ୧୧.୫% ଟଙ୍କା ଖର୍ଚ୍ଚ ହେଉଛି। ଜେନ୍ ଜିଙ୍କୁ ନେଇ ରହିଥିବା 'ଅଧିକ ଖର୍ଚ୍ଚ କରୁଥିବା ପିଢ଼ି'ର ଧାରଣାକୁ ସବୁଠାରୁ ଅଧିକ ଭୁଲ୍ ପ୍ରମାଣିତ କରୁଥିବା ତଥ୍ୟ ହେଉଛି ଟ୍ରାଭେଲ୍ ଖର୍ଚ୍ଚ। ରିପୋର୍ଟ ଅନୁସାରେ, ଯାତାୟାତ ଓ ବୁଲାବୁଲି ପାଇଁ ସେମାନଙ୍କ ମାସିକ ଆୟର ପ୍ରାୟ ୫% ହିଁ ଖର୍ଚ୍ଚ କରୁଛନ୍ତି।

Salaryseର ସହ-ପ୍ରତିଷ୍ଠାତା ପୀୟୂଷ ବଗଡ଼ିଆଙ୍କ ଅନୁସାରେ, ଜେନ୍ ଜି ନିଜ ଆର୍ଥିକ ଜୀବନର ପ୍ରାୟ ପ୍ରତ୍ୟେକ ଦିଗକୁ ଡିଜିଟାଲ୍ ଟ୍ରାଞ୍ଜାକ୍ସନକୁ ଫୋକସ ଦେଉଛନ୍ତି। Salaryseର ଏହି ରିପୋର୍ଟ ଦର୍ଶାଉଛି ଯେ, ଜେନ୍ ଜିଙ୍କୁ କେବଳ ମଉଜମସ୍ତି ଓ ଫ୍ୟାଶନ୍ ପଛରେ ଟଙ୍କା ଖର୍ଚ୍ଚ କରୁଥିବା ପିଢ଼ି ଭାବେ ଦେଖିବା ଠିକ୍ ନୁହେଁ। ଆବଶ୍ୟକତା, ପରିବାରର ଦାୟିତ୍ୱ, ସଞ୍ଚୟ, ନିବେଶ ଏବଂ ନିଜ ଇଚ୍ଛା-ସବୁକୁ ସନ୍ତୁଳିତ କରି ଆଗକୁ ବଢ଼ୁଛି ଏହି ନୂଆ ପିଢ଼ି।




## କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

# ପେଟ୍ରୋଲ, ଡିଜେଲ ଓ ଏଟିଏଫ୍ ଉପରେ ଟ୍ୟାକ୍ସ ହ୍ରାସ

ନୂଆଦିଲ୍ଲୀ,୧୫।୮: ବିଶ୍ୱସ୍ତରରେ ଏବେ ବି ଏନର୍ଜୀକୁ ନେଇ ଅସ୍ଥିରତା ଜାରି ରହିଛି। ଏହା ଭିତରେ ଭାରତ ସରକାର ଫୁଏଲ ଏକ୍ସପର୍ଟଙ୍କୁ ନେଇ ବଡ ଆଶ୍ୱସ୍ତି ଦେଇଛନ୍ତି। ସରକାର ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ଓ ଅଟୋମୋବାଇଲ ଫୁଏଲ (ପେଟ୍ରୋଲ-ଡିଜେଲ) ଉପରେ ୱିଣ୍ଡଫଲ୍ ଟ୍ୟାକ୍ସକୁ କମ୍ କରିଦେଇଛନ୍ତି। ତେବେ ଘରୋଇ ବ୍ୟବହାର ପାଇଁ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ କୌଣସି ପରିବର୍ତ୍ତନ ହୋଇନି। ଅର୍ଥମନ୍ତ୍ରଣାଳୟ ଜାରି କରିଥିବା ନୋଟିଫିକେସନ୍ ଅନୁସାରେ, ସଂଶୋଧିତ ହାର ଶନିବାରଠାରୁ ଲାଗୁ ହୋଇସାରିଛି।

ଏହି ପରିବର୍ତ୍ତ ଅନୁସାରେ, ଏଟିଏଫ୍‌ର ରପ୍ତାନୀ ଉପରେ ଲାଗୁଥିବା ୱିଣ୍ଡଫଲ୍ ଗେନ୍ସ ଟ୍ୟାକ୍ସ ୨.୫ ଟଙ୍କା ପ୍ରତି ଲିଟର ହ୍ରାସ ପାଇ ୧୯.୫ ଟଙ୍କା ପ୍ରତି ଲିଟର ହୋଇଯାଇଛି। ଡିଜେଲ ରପ୍ତାନୀ ଉପରେ ସରକାର ବିଶେଷ ଅତିରିକ୍ତ ଉତ୍ପାଦ ଶୁଳ୍କ ୨୪ ଟଙ୍କା ପ୍ରତି ଲିଟର ବଜାୟ ରଖିଛନ୍ତି। ସେଭଳି ରୋଡ୍ ଆଣ୍ଡ ଇନଫ୍ରାଷ୍ଟ୍ରକଚର ସେସ୍ ୧.୫ ଟଙ୍କା ପ୍ରତି ଲିଟର ହ୍ରାସ କରି ଶୂନ୍ୟ କରିଦେଇଛି। ପେଟ୍ରୋଲ ରପ୍ତାନୀ ଉପରେ ଲାଗୁଥିବା ଏହି ଟ୍ୟାକ୍ସ ବି ଶୂନ କରି ଦିଆଯାଇଛି।




ସରକାର କହିଛନ୍ତି, ଘରୋଇ ବ୍ୟବହାର ପାଇଁ ପେଟ୍ରୋଲ ଓ ଡିଜେଲ ଉପରେ ବର୍ତ୍ତମାନ ଉତ୍ପାଦ ଶୁଳ୍କ ଦରରେ କୌଣସି ପରିବର୍ତ୍ତନ ହୋଇନି। ଅଶୋଧିତ ତୈଳ, ପେଟ୍ରୋଲ-ଡିଜେଲ ଓ ବିମାନ ଟର୍ବାଇନ୍ ଇନ୍ଧନର ଗତ ସମୀକ୍ଷା ପରେ ଇଣ୍ଟରନ୍ୟାସନାଲ ପ୍ରାଇସ ଆଧାରରେ ୧୫ ଦିନରେ ଟ୍ୟାକ୍ସ ରେଟ୍‌ରେ ସଂଶୋଧନ କରାଯାଇଥାଏ। ୧୫ ଅଗଷ୍ଟ ପର୍ଯ୍ୟନ୍ତ, ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ପରେ ବି ଭାରତରେ ପେଟ୍ରୋଲ ଓ ଡିଜେଲ୍ର ଦାମ୍ ସ୍ଥିର ରହିଛି। ଦିଲ୍ଲୀରେ ପେଟ୍ରୋଲ ୧୦୨.୧୨ ଟଙ୍କା ପ୍ରତି ଲିଟର ଓ ମୁମ୍ବାଇରେ ୧୧୧.୨ ଟଙ୍କା ପ୍ରତି ଲିଟରରେ ବିକ୍ରି ହେଉଛି। ସେଭଳି ଅଧିକାଂଶ ମହାନଗରରେ ଡିଜେଲ୍ ଦାମ୍ ୧୦୦ ଟଙ୍କା ପ୍ରତି ଲିଟରଠାରୁ ତଳେ ରହିଛି। ଉଲ୍ଲେଖନୀୟ ଯେ ପଶ୍ଚିମ ଏସିଆରେ ଶକ୍ତି ସଙ୍କଟ ପରେ ଆରମ୍ଭରେ ୱିଣ୍ଡଫଲ୍ ଟ୍ୟାକ୍ସ ବୃଦ୍ଧି କରାଯାଇଥିଲା, କିନ୍ତୁ ଶକ୍ତି ରିହାତି ପରେ ଏବେ ପୁଣି ଥରେ ହ୍ରାସ କରାଯାଇଛି। ଚଳିତ ସପ୍ତାହର ଆରମ୍ଭରେ, କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଏବଂ ବିମାନ ଟରବାଇନ୍ ଇନ୍ଧନ ଉପରେ ରପ୍ତାନି ଶୁଳ୍କ ବୃଦ୍ଧି କରିଥିଲେ। ସେଭଳି ପୂର୍ବ ସଂଶୋଧନଗୁଡ଼ିକ ରିଫାଇନିଂ ମାର୍ଜିନ୍ ଏବଂ ଅନ୍ତର୍ଜାତୀୟ ମୂଲ୍ୟରେ ପରିବର୍ତ୍ତନର ଜବାବ୍‌ରେ ଏହି ଶୁଳ୍କକୁ ଆଡଜଷ୍ଟ କରାଯାଇଛି।

# ଇ୨୦ ପେଟ୍ରୋଲ ଯୋଗୁଁ ହ୍ରାସ ହେଉଛି ମାଇଲେଜ୍

ନୂଆଦିଲ୍ଲୀ,୧୬।୮ : ଆଜିକାଲି ଅନେକ ଲୋକ ଅଭିଯୋଗ କରୁଛନ୍ତି ଯେ ଇ୨୦ ପେଟ୍ରୋଲ (ଯାହା 20% ଇଥାନଲ୍ ଧାରଣ କରିଥାଏ) ଇନ୍ଧନ ବ୍ୟବହାର ଦ୍ୱାରା ସେମାନଙ୍କ ଗାଡ଼ିର ମାଇଲେଜ୍ କମୁଛି। ଏବେ, କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରିଛନ୍ତି। ସରକାର କହିଛନ୍ତି ଯେ ଗାଡ଼ିର ମାଇଲେଜ୍ ହ୍ରାସ ପାଇଁ କେବଳ ଇ୨୦ ପେଟ୍ରୋଲକୁ ଦାୟୀ କରାଯାଇପାରିବ ନାହିଁ। ମାଇଲେଜ୍ ହ୍ରାସ ପାଇଁ ଇନ୍ଧନ ଏକମାତ୍ର କାରଣ ନୁହେଁ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'X' ରେ ପୋଷ୍ଟ କରିଛି ଯେ, ବାସ୍ତବ ଜୀବନର ଯାନବାହାନ ମାଇଲେଜ୍ ଅନେକ କାରଣ ଉପରେ ନିର୍ଭର କରେ। ଯେପରିକି ଡ୍ରାଇଭିଂ ଶୈଳୀ, ରାସ୍ତା ଟ୍ରାଫିକ୍, ଟାୟାର ଚାପ, ଯାନବାହାନ ରକ୍ଷଣାବେକ୍ଷଣ ଏବଂ ଏସି ବ୍ୟବହାର। ତଥାପି, ସରକାର ସ୍ୱୀକାର କରିଛନ୍ତି ଯେ ଇ୨୦ ପେଟ୍ରୋଲ କିଛି ଯାନରେ ଇନ୍ଧନ ମାଇଲେଜ୍ ୩ ରୁ ୫ ପ୍ରତିଶତ ହ୍ରାସ କରିପାରେ। ହେଲେ କେବଳ ଇନ୍ଧନ ମାଇଲେଜ୍ ହ୍ରାସ ପାଇଁ ଦାୟୀ ହୋଇ ପାରିବ ନାହିଁ। ମନ୍ତ୍ରଣାଳୟ କହିଛି ଯେ, ଇ୨୦ ପେଟ୍ରୋଲ ବଜାରରେ ପ୍ରଚଳନ ହେବା ପୂର୍ବରୁ ବ୍ୟାପକ ପରୀକ୍ଷଣ କରା ଯାଇ ଥିଲା। ମାଇଲେଜ୍ କେତେ ବର୍ଷର ଗାଡ଼ି ,ଏହାର ଅବସ୍ଥା ଏବଂ ଡ୍ରାଇଭିଂ ଉପରେ ମଧ୍ୟ ନିର୍ଭର କରେ।



ଭାରତ ଏହାର ଅଧିକାଂଶ ଅଶୋଧିତ ତେଲ ଆବଶ୍ୟକତା ବିଦେଶରୁ କିଣେ। ଆମଦାନୀ ତେଲ ଉପରେ ଏହି ନିର୍ଭରଶୀଳତାକୁ ହ୍ରାସ କରିବା ଏବଂ ଘରୋଇ ଭାବରେ ଉତ୍ପାଦିତ ଇଥାନଲ୍ ବ୍ୟବହାର ବୃଦ୍ଧି କରିବା ପାଇଁ, ସରକାର ପେଟ୍ରୋଲରେ ଇଥାନଲ୍ ମିଶା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

ମାଇଲେଜ୍ ସମସ୍ୟା ବ୍ୟତୀତ, ଇ୨୦ ପେଟ୍ରୋଲ ନିମ୍ନମାନର ଏବଂ ମିଶ୍ରଣ ନେଇ ପ୍ରଶ୍ନ ଉଠିଥିଲା। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ - ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ - ଏହି ଦାବି ଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସେମାନେ କହିଛନ୍ତି ଯେ ସାରା ଦେଶରେ କରା ଯାଇ ଥିବା ପରୀକ୍ଷାରେ ପେଟ୍ରୋଲରେ କୌଣସି ଅତ୍ୟଧିକ କ୍ଲୋରାଇଡ୍ କିମ୍ବା ଆର୍ଦ୍ରତା (ପାଣି) ପରିମାଣ ଦେଖାଯାଇ ନାହିଁ।ରିଫାଇନାରୀରୁ ସଂଗୃହିତ 100 ରୁ ଅଧିକ ପେଟ୍ରୋଲ ନମୁନାରେ କ୍ଲୋରାଇଡ୍ ସ୍ତର 1 ppm କିମ୍ବା ତା'ଠାରୁ କମ୍ ଦେଖା ଯାଇ ଥିଲା। ସେହିପରି, ୮୦ ଟି ଡିଷ୍ଟିଲେରୀ ଏବଂ ଡିପୋରୁ ସଂଗୃହିତ ୮୦ ରୁ ଅଧିକ ଇ୨୦ ନମୁନାରେ ମଧ୍ୟ କ୍ଲୋରାଇଡ୍ ସ୍ତର ଅନୁମତି ପ୍ରାପ୍ତ ସୀମା (3 ppm) ତଳେ ଦେଖା ଯାଇଥିଲା। ତେଲ କମ୍ପାନୀଗୁଡ଼ିକ ରିପୋର୍ଟ କରିଛନ୍ତି ଯେ, ସେମାନେ ଦେଶବ୍ୟାପୀ ପ୍ରାୟ ୯୦,୦୦୦ ପେଟ୍ରୋଲ ପମ୍ପର ଭୂତଳ ଟାଙ୍କି ଯାଞ୍ଚ କରିଛନ୍ତି। କୌଣସି ଟାଙ୍କିରେ ପାଣି ପ୍ରବେଶ କରିବାର କୌଣସି ପ୍ରମାଣ ମିଳିନାହିଁ। ଏହା ସ୍ପଷ୍ଟ କରେ ଯେ ପେଟ୍ରୋଲରେ ପାଣି ଯାନବାହାନ ସମସ୍ୟା ସୃଷ୍ଟି କରୁଥିବା ଦାବି ସତ୍ୟ ନୁହେଁ। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ କହିଛନ୍ତି ଯେ, ତେଲ କମ୍ପାନୀଗୁଡ଼ିକ ପେଟ୍ରୋଲ ପମ୍ପରେ ବ୍ୟାପକ ପରୀକ୍ଷଣ କରିଛନ୍ତି ଏବଂ ମିଶ୍ରଣର କୌଣସି ମାମଲା ନାହିଁ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୦୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

### ବୃକ୍ଷରୋପଣ ଅଭିଯାନରୁ ରାଜଭବନ ପର୍ଯ୍ୟନ୍ତ ଗୌରବର ଯାତ୍ରା

## 'ଗ୍ରୀନ୍ ମେମୋରୀ'ର କ୍ୟାମ୍ପେନର ପ୍ରତିଷ୍ଠାତା ରାଜ୍ୟପାଳଙ୍କ 'ଏଟ୍ ହୋମ୍' କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି



ସୁନ୍ଦରଗଡ଼,୧୬।୮ (ସଂଚାର ବ୍ୟୁରୋ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲୋକ ଭବନ ଓଡ଼ିଶାରେ ଆୟୋଜିତ ପ୍ରତିଷ୍ଠିତ 'ଏଟ୍ ହୋମ୍' ସମାରୋହରେ ସୁନ୍ଦରଗଡ଼ ଜିଲ୍ଲାର ପରିବେଶବିତ୍ ତଥା ସମାଜସେବୀ ଦିଗାମ୍ବର ଉପାଧ୍ୟାୟଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରଣ କରାଯାଇଥିଲା। ଏହି ଗୌରବମୟ ଅବସରରେ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଅନୁପମା ଉପାଧ୍ୟାୟ ମଧ୍ୟ ତାଙ୍କ ସହ ଉପସ୍ଥିତ ଥିଲେ। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗରିମାମୟ ଉପସ୍ଥିତି ରେ ଆୟୋଜିତ ଏହି ବିଶେଷ ସମାରୋହରେ ବିଭିନ୍ନ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇ ଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ ପରିବେଶ ସୁରକ୍ଷା ଓ ସାମାଜିକ କାର୍ଯ୍ୟର ପ୍ରଶଂସା କରିଥିଲେ।

ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମର ବାସିନ୍ଦା ଶ୍ରୀ ଉପାଧ୍ୟାୟ ଗତ ତିନି ଦଶନ୍ଧି ଧରି ପରିବେଶ ସୁରକ୍ଷା, ବନୀକରଣ, ଜୈବ ବିବିଧତା ସୁରକ୍ଷା ଓ ସାମାଜିକ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ସ୍ୱେଚ୍ଛାସେବୀ ସଂଗଠନ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପରିବେଶ ସୁରକ୍ଷାକୁ ଜନ ଆନ୍ଦୋଳନର ରୂପ ଦେବା ଲକ୍ଷ୍ୟରେ ଶ୍ରୀ ଉପାଧ୍ୟାୟ ବହୁ ଅଭିନବ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି। ସେ 'ଗ୍ରୀନ୍ ମେମୋରୀ ଅଭିଯାନ', 'ବୃକ୍ଷ ରକ୍ଷା ବନ୍ଧନ' ଏବଂ 'ସଞ୍ଜୀବନୀ ବାଟିକା— ଔଷଧୀୟ ଉଦ୍ୟାନ'ର ପ୍ରତିଷ୍ଠାତା। ଏହି ଅଭିଯାନ ଓ ପଦକ୍ଷେପ ମାଧ୍ୟମରେ ସେ ବହୁ ପରିବାର ଓ ସମୁଦାୟକୁ ପରିବେଶ ସୁରକ୍ଷା ସହ ଯୋଡ଼ିବାରେ ସଫଳ ହୋଇଛନ୍ତି।

### କମୁଛି ସୁବର୍ଣ୍ଣରେଖାର ଜଳସ୍ତର

# ଏବେ ବି ବହୁ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ



ବାଲିଆପାଳ,୧୬।୮ (ସଂଚାର ବ୍ୟୁରୋ): ଶୁକ୍ରବାର ମଧ୍ୟ ରାତ୍ରରୁ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ଶନିବାର ମଧ୍ୟ ରାତ୍ରରୁ କମିବାରେ ଲାଗିଛି।ରାଜଘାଟ ଠାରେ ସତର୍କ ସୁଚନା ତଳେ ବନ୍ୟା ଜଳ ପ୍ରବାହିତ ହେଉଥିଲେ ମଧ୍ୟ ବାଲିଆପାଳ ବ୍ଲକର ବହୁ ଗାଁ ଏବେବି ପାଣି ଘେରରେ ରହିଛି। ଗାଁ ଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିବାରୁ ଗାଁକୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ବାଲିଆପାଳ ବିଷ୍ଣୁପୁର ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ୨ ଫୁଟରୁ ଊର୍ଦ୍ଧ୍ୱ ବନ୍ୟା ପାଣି ପ୍ରବାହିତ ହେଉଛି। ପଞ୍ଚରୁଖି ଠାରୁ ଚୌଧୁରୀକୁଦ ରାସ୍ତା ଉପରେ ୧ କୋଲୋମିଟ ପର୍ଯ୍ୟନ୍ତ ବନ୍ୟା ଜଳ ୩/୪ ଫୁଟ ଉପରେ ପ୍ରବାହିତ ହେଉଛି। ଅସ୍ତୀ ପଞ୍ଚାୟତର ପାଳଚମ୍ପେଇ ଗ୍ରାମ ସମ୍ପୁର୍ଣ୍ଣ ଭାବରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବାରୁ ଯିବା ଆସିବା ପାଇଁ ୧କିମିରୁ ଅଧିକ ଦୁର ଅକାତ କାତ ପାଣିରେ ଲୋକେ ଦେଶି ଡଙ୍ଗା ସାହାଯ୍ୟରେ ଯାତାୟତ କରୁଛନ୍ତି।

ରାଜଘାଟ ଠାରେ ସୁବର୍ଣ୍ଣରେଖା ନଦୀ ସତର୍କ ସଙ୍କେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୯.୪୫ ମିଟର ଥିବା ବେଳେ ୯ ମିଟରେ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି। ସେହି ପରି ବାଲିଆପାଳ ବ୍ଲକର, ସାଉଡ଼ି, ବୋଳଙ୍ଗ, କୁଣ୍ଡୁଳୀ ଓ ବଣିଆଡିହା ପ୍ରଭୃତି ପଞ୍ଚାୟତରେ ଜଳକା ନଦୀର ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ବନ୍ୟା ଜଳସ୍ତର କମ ହେଉଥିଲେ ମଧ୍ୟ ଶନିବାର ମଧ୍ୟ ରାତି ଠାରୁ ଲଗାଣ ବର୍ଷା ଜନ ଜୀବନକୁ ଅସ୍ତ ବ୍ୟସ୍ତ କରି ପକାଇଛି।

## ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ



ସୁନ୍ଦରଗଡ଼,୧୬।୮ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ସଦର ମହକୁମା ଠାରେ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ପ୍ରଭାରୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ।

ଏହି ପବିତ୍ର ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥିଲା। ସମ୍ମିଳିତ ପ୍ୟାରେଡ ରେ ଶ୍ରେଷ୍ଠ ବିବେଚିତ ଦଳ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସ୍ୱାଧିନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଏବଂ ଚଳିତ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବାଇମ୍ ଜିଲ୍ଲା କାରାଗାର ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ସେହିଭଳି ସନ୍ଧ୍ୟାରେ ସଂସ୍କୃତି ଭବନ ଠାରେ ଦେଶାତ୍ମୋବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ୍ ଓ ସୋନିଆଙ୍କ କୁଶପୁତ୍ତଳିକା ଦାହ




କେନ୍ଦ୍ରାପଡ଼ା,୧୬।୮(ସଂଚାର ବ୍ୟୁରୋ): ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କେନ୍ଦ୍ରାପଡ଼ା ବଜାର ତିନିମୁହାଣି ଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧି ଓ ମଲ୍ଲିକାର୍ଜୁନ ଖଡଗେ ଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେପି ଯୁବମୋର୍ଚ୍ଚା ସଭାପତି ଶିବାନୀ ଶଙ୍କର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ କଂଗ୍ରେସ ଦଳ ଓ ତାଙ୍କ ଶୀର୍ଷ ନେତୃତ୍ୱଙ୍କ ବିରୋଧରେ ନାରାବାଜି କରିବା ସହ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରଂ ଗୀତର ଅପମାନ କରାଯିବା ଘଟଣାକୁ ନିନ୍ଦା କରିବା ସହିତ କଂଗ୍ରେସ ଦେଶଦ୍ରୋହୀ ଦଳ ବୋଲି ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ଦାସ କହିଛନ୍ତି ।

## ନିଶ୍ଚିନ୍ତକୋଇଲି ଥାନାରେ ସ୍ୱାଧୀନତା ଦିବସ ପାଳିତ



ଏହି ଅବସରରେ ଏଏସ୍ଆଇ ଜ୍ୟୋସ୍ନାରାଣୀ ବେହେରା, ଏସ୍ଆଇ ସୁଚିରଞ୍ଜନ ସ୍ୱାଇଁଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ଦେଶ ପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ନିଶ୍ଚିନ୍ତକୋଇଲି,୧୬।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ପରିସରରେ ଧୁମଧାମରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଥାନା ଅଧିକାରିଣୀ ଅନିତା ସାହୁଙ୍କ ନେତୃତ୍ୱରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ଶାନ୍ତି ବଜାୟ ରଖିବା ସହ ଜନସାଧାରଣଙ୍କ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ଓ ଦାୟିତ୍ୱବାନ ରହିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ସ୍ୱାଧୀନତା ଦିବସ ଅବସରରେ ଥାନା ପରିସରରେ ଦେଶପ୍ରେମ, ଉତ୍ସାହ ଓ ଭାଇଚାରାର ପରିବେଶ ସୃଷ୍ଟି ହୋଇଥିଲା।

## କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ




କେନ୍ଦ୍ରାପଡ଼ା,୧୬।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସାହ ଓ ଗୌରବର ସହ ପାଳିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲାପାଳ କହିଥିଲେ ଯେ, ସ୍ୱାଧୀନତା କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ, ସମାଜର ପ୍ରତ୍ୟେକ ବର୍ଗକୁ ନ୍ୟାୟ, ସମାନତା, ସମ୍ମାନ ଓ ସୁଯୋଗ ମିଳିବା ହିଁ ପ୍ରକୃତ ସ୍ୱାଧୀନତାର ସାର୍ଥକତା । ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦମ୍ୟ ସାହସ ଏବଂ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସେ ଶ୍ରଦ୍ଧାର ସହ ସ୍ମରଣ କରିଥିଲେ । ଓଡ଼ିଶା ଓ କେନ୍ଦ୍ରାପଡ଼ା ମାଟିର ସ୍ୱାଧୀନତା ସଂଗ୍ରାମର ଅବଦାନକୁ ସ୍ମରଣ କରି ସେ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ଓ ଅମର ସହିଦମାନଙ୍କ ତ୍ୟାଗ ଆମକୁ ଦେଶ ଓ ସମାଜ ପାଇଁ କାମ କରିବାର ପ୍ରେରଣା ଦେଇଥାଏ ।

ଜିଲ୍ଲାସ୍ତରୀୟ ମିଳିତ ପ୍ୟାରେଡରେ ମୋଟ ୩୫ଟି ଦଳ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ପ୍ୟାରେଡର ମୁଖ୍ୟ ଆକର୍ଷଣ ଥିଲା ଅଙ୍ଗନବାଡ଼ି କର୍ମୀ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ କିଜେ। ଏହାସହ ୮୦ତମ ସ୍ୱାଧୀନତା ଦିବସ ଅବସରରେ ୮୦ ଜଣ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିଣିଥିଲା ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ । ଏଥିସହିତ ଦେଶାତ୍ମବୋଧକ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପଡ଼ିଆର ମୁଖ୍ୟ କାର୍ଯ୍ୟକ୍ରମ ସମାପ୍ତ ପରେ ଜିଲ୍ଲାପାଳ ଜିଲ୍ଲା କାରାଗାର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ଯଥାକ୍ରମେ ମିଷ୍ଟାନ ଓ ଫଳ ବନ କରିଥିଲେ ।

## ବୋରିଗୁମ୍ମା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ବୋରିଗୁମ୍ମା,୧୬।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମ ଖେଳ ପଡିଆଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ତହସିଲଦାର ଶୋଭନ କୁମାର ବେହେରା ଯୋଗଦେଇ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ତଥା ପ୍ୟାରେଡରେ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକର ବହୁବରିଷ୍ଠ ସରକାରୀ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ ଉପସ୍ଥିତ ରହି ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ପ୍ରବଳ ବର୍ଷା ପାଇଁ ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ବିଦ୍ୟାଳୟ

ବାରିପଦା,୧୬।୮(ସଂଚାର ବ୍ୟୁରୋ): ଚଳିତ ମାସ ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ପାଣିପାଗ ବିଭାଗ ପକ୍ଷରୁ ଲଘୁଚାପ ଜନିତ ଭାରି ବର୍ଷା ପାଇଁ ଜାରି କରାଯାଇଥିବା ସତର୍କତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଅଧିକାରୀ ମୟୂରଭଞ୍ଜ ଜିଲ୍ଲାର ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଆସନ୍ତାକାଲି ସୋମବାର ବନ୍ଦ ରଖିବାକୁ ଆଦେଶନାମା ଜାରି କରିଛନ୍ତି । ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ ବାବଦରେ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ଅଭିଭାବକ ମାନଙ୍କୁ ଅବଗତ କରାଇବା ସହିତ ଯେପରି କୌଣସି ପିଲା ବିଦ୍ୟାଳୟକୁ ଆସନ୍ତାକାଲି ଆସିବେ ନାହିଁ ସେ ଦିଗରେ ଧ୍ୟାନ ଦେବାକୁ ଚିଠି ରେ ଉଲେଖ କରାଯାଇଅଛି । ଏତଦ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟାଳୟର ସରକାରୀ ଛୁଟି ମଧ୍ୟ ବାତିଲ କରାଯାଇଅଛି । ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ବିନା କୌଣସି ଅନୁମତି ବିନା ନିଜ ନିଜର ମୁଖ୍ୟାଳୟ ନଛାଡିବାକୁ ଜିଲାପାଳ ଆଦେଶ ଜାରି କରିଛନ୍ତି ।

## ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ



ନୀଳଗିରି,୧୬।୮ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ସଦର ମହକୁମାରେ ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ମହାସମରୋହରେ ପାଳିତ ହୋଇଯାଇଛି। ଏହି ଜାତୀୟ ଐତିହାସିକ ପବିତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗ ଦେଇ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ପୁଲିସ ବାହିନୀ ପକ୍ଷରୁ ସଲାମୀ ପ୍ରଦାନ କରାଯାଇଥିଲା।

ଏହି ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ସିଭିଲିଆନ, ଅଣ ସିଭିଲିଆନ ମୋଟ ୪୧ଗୋଟି ପରେଡ ଦଳ ଅଂଶ ଗ୍ରହଣ କରିଥିଲେ। ଏହି ପବିତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶତ୍ମା ବୋଧକ ସଂଗୀତ, ଚିତ୍ରାଙ୍କନ, ତର୍କ, ବକ୍ତୃତା, କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଉପଖଣ୍ଡ ସ୍ତରରେ ୨୦୨୫-୨୬ ବାର୍ଷିକ ହାଇ ସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ର ଛାତ୍ରୀ,ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୧ ଜଣ ମେଧାବୀଙ୍କୁ ପିଏଆଇଟିଡି ଏ ନୀଳଗିରି ଡ. ମଧୁସ୍ମିତା ସାମନ୍ତରାୟଙ୍କ ତରଫରୁ ୟୁକୋ ବ୍ୟାଙ୍କ୍ ଜରିଆରେ ଟ୧୦,୦୦୦ଙ୍କା (ଦଶ)ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।ଏତଦ୍ ଭିନ୍ନ ଉପଖଣ୍ଡ ସ୍ଥରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରାଥମିକ,ଉଚ୍ଚ ପ୍ରାଥମିକ,ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଭୟ ଔପଦା ଓ ନୀଳଗିରି ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଏବଂ ଜଣେ ଅଗ୍ରଣୀ କୃଷକଙ୍କୁ ମୁଖ୍ୟ ଅତିଥି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପ୍ୟାରେଡରେ ଅଂଶଗ୍ରହଣ କରି ଥିବା ଦଳ ମାନଙ୍କ ମଧ୍ୟରୁ ଉତ୍ତମ ପ୍ରଦର୍ଶନ କାରିଙ୍କୁ ରନିଙ୍ଗ ସିଲଡ,କପ୍, ଟ୍ରଫିରେ ପୁରସ୍କୃତ କରାଯାଇ ଜାତୀୟ ଦିବସ ପାଳନ ଉତ୍ସବକୁ ସମାପନ କରାଯାଇଥିଲା। ପରେ ପରେ ମୁଖ୍ୟ ଅତିଥି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ରୋଗୀ ମାନଙ୍କୁ ଫଳ ଓ ବିସ୍କୁଟ ଏବଂ ଉପକାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ।

## ସ୍କୁଟି ଉପରେ ଚଢ଼ିଗଲା ଟ୍ରକ, କାଉଡ଼ିଆ ମୃତ



ଢେଙ୍କାନାଳ,୧୬।୮(ସଂଚାର ବ୍ୟୁରୋ): ଏନଏଚ-୫୫ର ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତେନ୍ତୁଳିଆପଡା ନିକଟରେ ସ୍କୁଟି ଉପରେ ଏକ ଟ୍ରକ ଚଢି ଯାଇଛି। ଏହି ଦୁର୍ଘଟଣାରେ ଜଣେ କାଉଡ଼ିଆଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍କୁଟି ଚାଳକ ସୁରକ୍ଷିତ ଥିବା ଜଣାପଡିଛି। ମୃତ କାଉଡ଼ିଆ ଜଣଙ୍କ ଅନୁଗୋଳ ଥାନା ଧୁକୁଟା ଗ୍ରାମର ୨୫ବର୍ଷୀୟ ବିକାଶ ଭୋଇ ବୋଲି ଜଣାପଡିଛି। ସୂଚନା ମୁତାବକ, ବିକାଶ ଙ୍କ ସମେତ ତାଙ୍କ ଗ୍ରାମର ୪ ଜଣ ସାଂଗ ଗୋଟିଏ ବାଇକ ଓ ଗୋଟିଏ ସ୍କୁଟିରେ କପିଳାଶ ବାବା ଚନ୍ଦ୍ର ଶେଖର ଜୀଉଙ୍କ ପାଖରେ ଜଳ ଲାଗି ପାଇଁ ପାଇଁ ଆସୁଥିଲେ । ସେମାନେ ବ୍ରାହ୍ମଣୀ ନଦୀର କମଗରା ଘାଟରୁ ପାଣି ଉଠାଇଥାନ୍ତେ। ମାତ୍ର ତେନ୍ତୁଳିଆପଡ଼ା ଛକ ନିକଟରେ ଏକ ୧୬ ଚକିଆ ଟ୍ରକ ସ୍କୁଟିକୁ ଅତିକ୍ରମ କରିବାବେଳେ ସ୍କୁଟି ପଛରେ ବସିଥିବା ବିକାଶଙ୍କ ଗାମୁଛା କାନି ଉକ୍ତ ଟ୍ରକ ରେ ଲାଗିଯିବାରୁ ଟାଣି ହୋଇ ସ୍କୁଟି ସହିତ ଖସି ପଡ଼ିଥିଲେ । ଫଳରେ ତାଙ୍କ ଉପରେ ଟ୍ରକ ପଛ ଚକ୍କ ଚଢି ଯାଇଥିଲା।

ଦୁର୍ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଏନ ଏଚ ପ୍ୟାଟ୍ରୋଲିଂ ଗାଡି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରିଥିଲା । ମାତ୍ର ଡାକ୍ତର ଖାନାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ସ୍କୁଟି ଚାଳକ ସାମନ୍ୟ ଆହତ ହୋଇଥିଲେ ମଧ୍ୟ ସୁରକ୍ଷିତ ଥିବା ଜଣାପଡିଛି।

### ଗଡ଼କଣ୍ଟୁଣିଆରେ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ

## ରକ୍ତଦାନ ଶିବିର ଓ 'ଆସ ହେ ନିଳାଦ୍ରୀ ନାଥ' ଭଜନ ରିଲିଜ୍



ବାଲିଅନ୍ତା,୧୬।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଡ଼କଣ୍ଟୁଣିଆ ସୁଦର୍ଶନ ଦାରୁ ପୀଠ କାର୍ଯ୍ୟାଳୟରେ ଓଡ଼ିଶାର ଆଗଧାଡ଼ିର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କାଞ୍ଚନ ଫାଉଣ୍ଡେସନ', ଗ୍ରୀନ ଜୟଦେବ ଫାଉଣ୍ଡେସନ ଓ ଅରବିନ୍ଦ ୟୁଥ୍ ସୋସିଆଲ ଚାରି ଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏକ ମହନୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିକୂଳ ପାଗକୁ ଖାତିର ନକରି ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା ଏବଂ ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତକୁ ବି.ଏମ୍.ସି. ହସ୍ପିଟାଲ୍ ବ୍ଲଡ୍ ବ୍ୟାଙ୍କ୍ ପକ୍ଷରୁ ସଂଗ୍ରହ କରାଯାଇଥିଲା।

ଏହି ଅବସରରେ ଦର୍ପଣ ମ୍ୟୁଜିକ ପ୍ରାୟୋଜିତ ଏବଂ ଯୁବ ପ୍ରଯୋଜକ ଶ୍ରୀଲିପ ପ୍ରଧାନଙ୍କ ପ୍ରଯୋଜନାରେ ନିର୍ମିତ ଭକ୍ତିମୂଳକ ଭଜନ 'ଆସ ହେ ନିଳାଦ୍ରୀ ନାଥ' ଲୋକାର୍ପିତ ହୋଇଥିଲା। ଏହି ଗୀତରେ ନୂତନ ଭାବେ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ଗୋପାଳ ବେହେରା, ତପନ ସ୍ୱାଇଁ ଓ ଦୀନବନ୍ଧୁ ଭୋଇ ଅଭିନୟ କରିଛନ୍ତି। ରକ୍ତଦାନ ଶିବିର ଏବଂ ଭଜନ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢାଲି ଯୋଗଦେଇଥିଲେ।

## ୟୁକୋ ବ୍ୟାଙ୍କ ଓ ବୈତରଣୀ ଗ୍ରାମୀଣ ବ୍ୟାଙ୍କରେ ଉଡ଼ିଲାନି ଜାତୀୟ ପତାକା




ବେତନଟୀ,୧୬।୮(ସଂଚାର ବ୍ୟୁରୋ): ୮୦ତମ ସ୍ୱାଧୀନତା ଦିବସ ପାଳନ ଭାରତବର୍ଷ ପାଇଁ ଗର୍ବ ଓ ଗୌରବର ବିଷୟ ।ଏକ ସପ୍ତାହ ପୂର୍ବରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଘର ଘର ତ୍ରିରଙ୍ଗା ଉଡ଼ାଣ ଦେଶବାସୀଙ୍କର ଗୋଟିଏ ମନ୍ତ୍ର ଓ ବିକଶିତ ଭାରତ ,ଯାହାକି ସମସ୍ତ ଦେଶବାସୀକୁ ଏ ସଂପର୍କରେ ସଚେତନ କରାଇବା, ଏପରିଏକ ମହାନ ପବିତ୍ର ଦିବସର ପାଳନ ବେତନଟୀ ୟୁକୋ ବ୍ୟାଙ୍କ ଓ ବୈତରଣୀ ଗ୍ରାମୀଣ ବ୍ୟାଙ୍କରେ ଉଡି ନାହିଁ ଜାତୀୟ ୮୦ତମ ତ୍ରିରଙ୍ଗା ପତାକା , ଏ ବ୍ୟାଙ୍କର କର୍ମକର୍ତ୍ତା ଗଣ କଣ ଭାରତୀୟ ନୁହନ୍ତି ? ତେବେ ଏହି ଜାତୀୟ ଦିବସ ପାଳନ କରାନଯିବାରେ ଏହା କଣ ଜାତୀୟ ପତକା କୁ ଅସମ୍ମାନ କରିବା ନୁହେ । ଏଠାରେ ଅନ୍ୟାନ୍ୟ ବ୍ୟାଙ୍କ ଗୁଡିକପାଳନ କରୁଥିବା ବେଳେ ଏବ୍ୟାଙ୍କ ଦୁଇଟି ବ୍ୟାଙ୍କ ପାଳନ ନ କରିବାର ଅର୍ଥ କଣ ? ଏହି ଦୁଇଟି ବ୍ୟାଙ୍କ କଣ ଭାରତର ରିଜର୍ଭ ବ୍ୟାଙ୍କ ଅଧୀନ ନୁହ କି ?

## ବାଲିଆପାଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ବାଲିଆପାଳ,୧୬।୮ (ସଂଚାର ବ୍ୟୁରୋ): ବାଲିଆପଳ ବ୍ଲକର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।ବ୍ଲକ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ଜାତୀୟ ପତକା ଉତୋଳନ କରିଥିଲେ। ପତକା ଉତୋଳନ ସମୟରେ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଧା ରଞ୍ଜନ ଦାସ ସମେତ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ତହସିଲ ପରିସରରେ ତହସିଲଦାର ସସ୍ମିତା ମୁର୍ମୁ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଥାନା ପରିସରରେ ଥାନା ଅଧିକାରୀ ସାଲଖାନ ମୁର୍ମୁ, ସୁବର୍ଣ୍ଣରେଖା ଯୁବକ୍ରୀଡା ସଂସଦ ପରିସରରେ ପୂର୍ବତନ ବିଡ଼ିଓ ବାଜଲ ମାଝୀ, ପିଏମଶ୍ରୀ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟ, ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ମାରାଣ୍ଡି, ଡାଙ୍ଗରପଦା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଭାୟା ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମାମିଲତା ବେହେରା, ବଢାପାଳ ଉଚ୍ଚ ବିଦ୍ୟାଳୟରେ ଭାରା ପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ଜେନା, ଜାମକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରା ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ଜେନା, ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ପ୍ରମୁଖ ପତକା ଉତ୍ତୋଳନ କରିଥିଲେ। ସେହିପରି ବାଲିଆପାଳ ବ୍ଲକର ଲବଣ ତୀର୍ଥ ବାଲିବିଲ ଗାନ୍ଧୀ ଚତର ଠାରେ ଲବଣ ସତ୍ୟାଗ୍ରହ ସ୍ମୃତି କମିଟିର ସଭାପତି କୃଷକ ନେତା ଅରୁଣ ଜେନା ପତାକା ଉତୋଳନ କରିଥିଲେ।

# ଦେଶଭକ୍ତିର ମହାମନ୍ତ୍ରରେ ମିଡ଼ିଆ ଫୋରମ୍ର ତ୍ରିରଙ୍ଗା ଅଭିଯାନ

### ଲବଣ ସତ୍ୟାଗ୍ରହ ପୀଠରେ ଦେଶଭକ୍ତିର ମହାଯାତ୍ରା

### ବ୍ଲକ ଅଧୀନ ପ୍ରତି ଗାଁରେ ଜାତୀୟ ଗର୍ବ




କାକଟପୁର/ଅସ୍ତରଙ୍ଗ, ୧୬।୮ (ସଂଚାର ବ୍ୟୁରୋ): "ଜନ ଗଣ ମନ"ର ସ୍ୱର ଯେତେବେଳେ ସକାଳ ୬ଟା ୩୦ମିନିଟରେ ଅସ୍ତରଙ୍ଗ ଆକାଶରେ ଗୁଞ୍ଜରିତ ହେଲା, ସେତେବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତ ଗର୍ବରେ ଛାତି ଫୁଲାଇ ଠିଆ ହୋଇଥିଲା। ଦେଶର ୮୦ତମ ସ୍ୱାଧୀନତା ଦିବସ ଅସ୍ତରଙ୍ଗରେ କେବଳ ପାଳନ ହେଲାନି, ଏହା ପାଲଟିଲା ଏକତା, ସମ୍ମାନ ଓ ଦେଶପ୍ରେମର ମହାଉତ୍ସବ।

ଅସ୍ତରଙ୍ଗ ଥାନା ସମ୍ମୁଖରେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ପକ୍ଷରୁ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ସଭାପତି ବିଜୟ ବେହେରା ଓ ଉପସଭାପତି ମାନସ ଖଣ୍ଡୁଆଳଙ୍କ ନେତୃତ୍ୱରେ ପତାକା ଉତ୍ତୋଳନ ହୋଇଥିଲା। ମୁଖ୍ୟ ଅତିଥି ଅତିରିକ୍ତ ତହସିଲଦାର ଅମିତ ରୟ କହିଥିଲେ , "୮୦ ବର୍ଷ ହେଲା ଆମେ ସ୍ୱାଧୀନ, କିନ୍ତୁ ସ୍ୱାଧୀନତାର ମୂଲ୍ୟ ବୁଝିବାର ଦାୟିତ୍ୱ ଆମ ସମସ୍ତଙ୍କର"। ମୁଖ୍ୟ ବକ୍ତା ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ସହୀଦଙ୍କ ତ୍ୟାଗକୁ ସ୍ମରଣ କରି ଯୁବପିଢିଙ୍କୁ ଦେଶସେବାରେ ଆଗେଇ ଆସିବାକୁ ଆହ୍ୱାନ ଦେଲେ। ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା ମଧ୍ୟ ଉପସ୍ଥିତ ଥିଲେ।

ବ୍ଲକ ପରିସରରେ ଅଧ୍ୟକ୍ଷା ଆରତୀ ନାଏକ, ତହସିଲରେ ଅତିରିକ୍ତ ତହସିଲଦାର, ବିଜେଡି କାର୍ଯ୍ୟାଳୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ପ୍ରତାପ ଖୁଣ୍ଟିଆ, ମାଣ୍ଡୁକି ପଞ୍ଚାୟତରେ ସରପଞ୍ଚ ରୋଜିନା ଜେନା ଓ ବିଜେପି ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା, ନୂଆଗଡରେ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ । ରାଜନୈତିକ ମତଭେଦକୁ ପଛରେ ପକାଇ ସମସ୍ତେ ତ୍ରିରଙ୍ଗା ତଳେ ଏକାଠି ହେଲେ।

"ସବୁଜ ଶାଖା", ଦୁର୍ଗା କ୍ଲବ, ଅସ୍ତରଙ୍ଗ ଡ୍ରାଇଭର ସଙ୍ଘ, ଭଗବତୀ କ୍ଲବ, ଗଣେଶ କ୍ଲବ ସମେତ କୁହୁଡି ଲବଣ ସତ୍ୟାଗ୍ରହ ପୀଠରେ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଗାନ୍ଧୀଜୀଙ୍କ ସ୍ମୃତିକୁ ମନେ ପକାଇ ଦେଶଭକ୍ତିର ଶପଥ ନିଆଗଲା। ବ୍ଲକର ସମସ୍ତ ସରକାରୀ-ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ପ୍ରତି ପଞ୍ଚାୟତର କ୍ଲବ ସଦସ୍ୟ ଧୁମଧାମରେ ପତାକା ଉତ୍ତୋଳନ କରିଥିଲେ।

SANCHAR
ସଂଚାର ସୋମବାର ୧୭ ଅଗଷ୍ଟ ୨୦୨୬
ସ୍ୱାସ୍ଥ୍ୟ




# ପାଣି ପିଇବା ପରେ ବି ଶୋଷହୁଏ କାହିଁକି ?



ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦୈନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୁଷ୍କ ହେଲା ପରି ଲାଗେ। ତେଣୁ ଅଧିକ ପାଣି ପିଇଲେ ଜଳଶୁଷ୍କତା ଦେଖାଯାଏ ନାହିଁ ବୋଲି ଅନେକଙ୍କର ଧାରଣା। ହେଲେ ଯେତେ ପାଣି ପିଇଲେ ବି କିଛି ଲୋକଙ୍କୁ ଶୋଷହୁଏ ଓ ହାଲିଆ ଲାଗେ କାହିଁକି? ସାଧାରଣତଃ ଗରମ ପାଗ ଓ କାର୍ଯ୍ୟବ୍ୟସ୍ତ ରହିଲେ ଏହିଭଳି ହୁଏ। ତେଣୁ ପିଉଥିବା ପାଣି ଉପରେ ଶୋଷ ବା ଜଳଶୁଷ୍କତା ନିର୍ଭର କରେ ନାହିଁ। କଥା ହେଉଛି, ପିଉଥିବା ପାଣିକୁ ଦେହ କିପରି ବିଶୋଷଣ କରି ବଣ୍ଟନ କରିବା ସହ ଦେହରେ ତାକୁ ଧରି ରଖୁଛି, ତାହା ବଡ଼କଥା। ବିଭିନ୍ନ ଜୀବନ ଶୈଳୀ, ଖାଦ୍ୟରୁଚି ଓ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦେହର ଜଳଶୁଷ୍କତାକୁ ପ୍ରଭାବିତ କରିଥାଏ। ଫଳରେ ଯେତେ ପାଣି ପିଇଲେ ବି ଶୋଷହୁଏ। ମୁମ୍ବାଇସ୍ଥିତ ଫୋର୍ଟିସ୍ ହସ୍‌ପିଟାଲ୍‌ର ଡାକ୍ତର ଶୋଭା ଇଟୋଲିକର୍ କହନ୍ତି, ଯଥେଷ୍ଟ ପାଣି ପିଇବା ସତ୍ତ୍ୱେ ଶୋଷ ଲାଗିବାର ବିଭିନ୍ନ କାରଣ ରହିଛି। ପିଇବା ପଦ୍ଧତି ଓ ସ୍ୱାସ୍ଥ୍ୟାବସ୍ଥା ଭଳି ଅନେକ କାରଣ ଏଥିପାଇଁ ଦାୟୀ। ଥରକେ ବହୁତ ପାଣି ପିଇବା ପରେ ଅନେକ ସମୟ ଧରି ଆଉ ପାଣି ନ ପିଇଲେ ଶୋଷ ଲାଗେ। ତେଣୁ ଏକା ଥରକେ ବହୁତ ପାଣି ନ ପିଇ ଦିନସାରା ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ପିଇବା ଉଚିତ। ଥରକେ ବହୁତ ପାଣି ପିଇଲେ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହୋଇଥାଏ। କାରଣ ଶରୀରରେ ସୋଡିୟମ୍ ପତଳା ହୋଇ ୱାଟର୍ ଇଣ୍ଟୋକ୍‌ସିକେସନ୍ ଭଳି ଅବସ୍ଥା ସୃଷ୍ଟି କରିଥାଏ। ଏଥିଯୋଗୁଁ ତଣ୍ଟି ଶୁଖିଯାଏ। ସେହିପରି ଚା, କଫି ଓ ମଦ ପିଇଲେ ବାରମ୍ବାର ପରିସ୍ରା ହୋଇ ଦେହରୁ ପାଣି କ୍ଷୟ ହୋଇଯାଏ। ଏ ସମୟରେ ଯେତେ ପାଣି ପିଇଲେ ବି ଶୋଷ ଲାଗେ। ଭଲ ଭାବେ ପାଟି ଭିତର ପରିଷ୍କାର ନ କଲେ, ଧୂମପାନ କଲେ ଓ ତମାଖୁ ସେବନ କଲେ ମଧ୍ୟ ସବୁବେଳେ ଶୋଷହୁଏ। ଆମ ଖାଦ୍ୟ ଅନେକ ସମୟରେ ଶୋଷକୁ ପ୍ରଭାବିତ କରେ। ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ହଜମ ଓ ବର୍ଜ୍ୟ ନିଷ୍କାସନ ପାଇଁ ଅଧିକ ପାଣି ପିଇବାକୁ ପଡ଼େ। ଅଧିକ ଲୁଣ, ଚିନି ଓ ମସଲା ଖାଦ୍ୟ ଖାଇଲେ ଶୋଷହୁଏ। କମ୍ ଫାଇବର୍‌ଯୁକ୍ତ ଖାଦ୍ୟ ଯୋଗୁଁ ଦେହରେ ଜଳ ଧାରଣ କ୍ଷମତା କମିଯାଏ ବୋଲି ଡାକ୍ତର କହନ୍ତି। ସେହିପରି ଗରମ ପାଗରେ ବେଶି ବ୍ୟାୟାମ କଲେ ଓ ଝାଳ ବୋହିଲେ ଦେହରୁ ଅଧିକ ଜଳୀୟ ଅଂଶ ବାହାରିଯାଏ। ଫଳରେ ଶୋଷହୁଏ। ଏହାଛଡ଼ା ଜ୍ୱର, ବାନ୍ତି ବା ଡାଇରିଆ ହେଲେ ଏବଂ ହାଇ ବ୍ଲଡ୍ ସୁଗାର୍ ଲେବଲ୍ ଶୋଷ ବଢ଼ାଇ ଥାଏ। ହର୍‌ମୋନ୍ ସନ୍ତୁଳନ ଠିକ୍ ନ ରହିଲେ ଶୋଷହୁଏ ଓ ତାହା ମେଣ୍ଟେ ନାହିଁ। ନିଦ, ଚାପ ଓ ଉତ୍କଣ୍ଠା ବି ଶୋଷ ବଢ଼ାଇଥାଏ। ଏହା ପ୍ରକୃତ ଜଳଶୁଷ୍କତା ନୁହେଁ। ଏହାଛଡ଼ା ଦେହରେ ସୋଡିୟମ୍ ଓ କ୍ଲୋରାଇଡ୍ ଭଳି ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳିତ ହେଲେ ଯେତେ ପାଣି ପିଇଲେ ବି ଶୋଷ ମରେ ନାହିଁ। ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ।

# କାହିଁକି ହୁଏ ପରିସ୍ରା ପୋଡ଼ା



ପରିସ୍ରା ପୋଡ଼ା ହେଉଛି କି? ଜ୍ୱର ଆସୁଛି କି ? ତାହେଲେ ପେଟ ଗରମ ଭାବି ଜମାବି ଅବହେଳା କରନ୍ତୁନି। ଆପଣଙ୍କୁ ହୋଇପାରେ ଏହି ରୋଗ... ଖରାପ ଜୀବନଶୈଳୀ ଏବଂ ସ୍ୱଚ୍ଛତା ବଜାୟ ନରଖିବାରୁ ଏବେ ମହିଳାଙ୍କ କ୍ଷେତ୍ରରେ ବଢ଼ୁଛି ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ବିପଦ। ପରିସ୍ରା ଦ୍ୱାରରେ ଗମ୍ଭୀର ସଂକ୍ରମଣ ହେବାକୁ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ କୁହାଯାଏ। ସଂକ୍ରମଣ ହେଲେ ଖୁବ୍ ଜୋରରେ କଷ୍ଟ ହୁଏ, ଜ୍ୱର ଆସେ, ପରିସ୍ରା ପୋଡା ହୁଏ। ପ୍ରାୟ ସମୟରେ ମହିଳାମାନେ ପେଟ ଗରମ ହୋଇଥିବା କହି ଏଡାଇ ଦିଅନ୍ତି। ଠିକ୍ ସମୟରେ ଏହି ରୋଗ ଚିହ୍ନି ପାରିଲେ ଗମ୍ଭୀର ବିପଦକୁ ଏଡାଇ ହେବ। ତେବେ ଜାଣନ୍ତୁ ୟୁଟିଆଇର ଲକ୍ଷଣ ଏବଂ ଏହାର ନିରାକରଣ ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପୁରୁଷଙ୍କ ତୁଳନାରେ ମହିଳାଙ୍କ ପରିସ୍ରା ଦ୍‌ୱାର ଛୋଟ। ଯେଉଁଥି ପାଇଁ ବ୍ୟାକ୍ଟେରିଆଙ୍କୁ ୟୁରିନ ଟ୍ୟାଙ୍କ ଯାଏଁ ପହଞ୍ଚିବାକୁ ଖୁବ୍ କମ୍ ସମୟ ଲାଗେ। ବ୍ୟାକ୍ଟେରିଆ କାରଣରୁ ୟୁଟିଆଇ ହୁଏ। ୟୁଟିଆଇ ଇନଫେକ୍ସନ ୩ ପ୍ରକାରର ହୋଇଥାଏ। ଯଥା: ବ୍ଲାଡର ଇନଫେକ୍ସନ, ୟୁରେଥ୍ରା ଇନଫେକ୍ସନ, କିଡନୀ ଇନଫେକ୍ସନ।

ଲକ୍ଷଣ: ପରିସ୍ରା କରିବା ସମୟରେ କଷ୍ଟ ଅନୁଭବ କରିବା। ପରିସ୍ରାରୁ ଦୁର୍ଗନ୍ଧ ଆସିବା। ବାରମ୍ବାର ପରିସ୍ରା ଲାଗିବା। ପରିସ୍ରାରେ ରକ୍ତ ପଡ଼ିବା। ଜ୍ୱର ଆସିବା, ଅଣ୍ଟା-ପିଠିରେ କଷ୍ଟ ଅନୁଭବ କରିବା

ନିରାକରଣ: ସ୍ୱଚ୍ଛତା ରଖିଲେ ୟୁଟିଆଇ ହେବ ନାହିଁ। ପବ୍ଲିକ ଟଏଲେଟ୍ ବ୍ୟବହାର କରିବା ସମୟରେ ସଫା ସୁତରା ରକ୍ଷା କରିବା। ୮ ରୁ ୧୦ ଗ୍ଲାସ୍ ପାଣି ପିଇବା। ଅଧିକ ସମୟ ଯାଏଁ ପରିସ୍ରା ଚାପି ନରଖିବା। ଟଏଲେଟ୍ କିମ୍ବା ଯୌନ ସମ୍ବନ୍ଧ ରଖିବା ପରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା। ଜ୍ୱର ଆସିଲେ ଡାକ୍ତରଙ୍କ ପରାମର୍ଶ କରିବା। ଯଦି ଠିକ୍ ସମୟରେ ଏହି ରୋଗର ନିରାକରଣ କରାଯାଏ ତାହେଲେ ଇନଫେକ୍ସନ କିଡନୀ ଯାଏଁ ପହଞ୍ଚିଯିବ।

# ମୁହଁରେ ଗ୍ଲୋ ଆଣିବାକୁ ଚାହୁଁଛନ୍ତି କି ?



ଗ୍ରୀଷ୍ମ ଋତୁ ଆସି ସାରିଛି। ତେଣୁ ଖାସ କରି ଖରାଦିନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ନିହାତି ଦରକାର। ସ୍ୱାସ୍ଥ୍ୟ ଓ ଚର୍ମ ଠିକ୍ ରହିବା ପାଇଁ ମଧ୍ୟ ଖରା ଦିନେ ଏମିତି କିଛି ଖାଦ୍ୟ ଖାଇବା ଦରକାର ଓ ଜୁସ ପିଇବା ଦରକାର, ଯାହା ଆପଣ ଆପଣଙ୍କ ପାଇଁ ଏକ୍ସପର୍ଟ ପରାମର୍ଶ ଦେଇଛନ୍ତି। ଏମିତିକି ଆଲୋଭେରା ରସ ଠାରୁ ଆରମ୍ଭ କରି ଆମଲା ଜୁସ ପର୍ଯ୍ୟନ୍ତ ସମସ୍ତ ଜିନିଷ ଉପକାରୀ ହୋଇଥାଏ। ଏଠାରେ ଚାରୋଟି ଜୁସ୍ ଅଛି ଯାହା ଶରୀରକୁ ସୁସ୍ଥ ରଖିବ ଏବଂ ଚର୍ମକୁ ସୁସ୍ଥ ରଖିବା ସହିତ ଭଲ ଚମକ୍ ମଧ୍ୟ ଦେବ। ତେଣୁ ଏହାକୁ ଆପଣ ପ୍ରତିଦିନ ପିଇବା ଉଚିତ୍। ଖାସ କରି ଗ୍ରୀଷ୍ମ ଋତୁରେ ସୂର୍ଯ୍ୟଙ୍କ ଉତ୍ତାପ ଆମ ଚର୍ମକୁ ପ୍ରଭାବିତ କରେ ଏବଂ ଚର୍ମର ଚମକ ହ୍ରାସ ପାଇଥାଏ। ସେଥିପାଇଁ ଚର୍ମକୁ ଓ ଆମ ଶରୀରକୁ ହାଇଡ୍ରେଟ ରଖିବା ପାଇଁ ଚାହୁଁଥିଲେ ଏମିତି କିଛି ଜୁସ୍ ପିଇବା ଦରକାର୍ ଯାହା ଗ୍ରୀଷ୍ମ ଋତୁ ପାଇଁ ବହୁତ୍ ଫଳପ୍ରଦ ହୋଇଥାଏ।

ଏକ୍ସପର୍ଟଙ୍କ ପରାମର୍ଶ ଅନୁଯାୟୀ ହଳଦୀର ଜୁସ୍ ପ୍ରତିଦିନ ପିଇବା ଉଚିତ୍। ଯାହା ସବୁଠାରୁ ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଡ୍ରିଙ୍କ ଏବଂ ଶରୀରରକୁ ଶକ୍ତି ଯୋଗାଇଥାଏ। ଚେହେରାକୁ ଚମକାଇବାରେ ସାହାଯ୍ୟ କରେ। ଏହା ହଜମ ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଥାଏ। ଏହା ତିଆରି କରିବା ପାଇଁ ହେଲେ ଆପଣଙ୍କୁ ଏକ ଗ୍ଲାସ୍ ଗରମ ପାଣିରେ ଏକ ଚାମଚ ହଳଦୀ ପକାଇ ଫୁଟାଇ ଦିଅନ୍ତୁ ଓ ଏହାକୁ ଅଳ୍ପ ଗରମ ଥିବା ଅବସ୍ଥାରେ ପିଅନ୍ତୁ।

ଏଥିସହିତ ବିଟ୍ ଜୁସ୍, ଗାଜର ଜୁସ୍ ଓ ବିଲାତି ଜୁସ୍ ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଏହି ସବୁ ପରିବାକୁ ଆପଣ ଏକା ସାଙ୍ଗରେ କିମ୍ବା ଅଲଗା ଭାବେ ଜୁସ୍ ପ୍ରସ୍ତୁତ କରି ପିଇ ପାରିବେ। ଏହି କଲରଫୁଲ ଡ୍ରିଙ୍କରେ ଅନେକ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ମାତ୍ରାରେ ରହିଛି। ଅଧିକ ଲକ୍ସାଟିଭ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ଏହି ଜୁସ୍ ଲିଭର ସଫା କରିବାରେ ଏବଂ ରକ୍ତ ସଞ୍ଚାଳନ କରିବାରେ ସାହାଯ୍ୟ କରେ। ଏହା ହୃଦ୍ ରୋଗ ଏବଂ ଷ୍ଟ୍ରୋକ ଭଳି ବିପଦକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ଜୁସକୁ ପିଇବା ଦ୍ୱାରା ଶରୀରକୁ ନ୍ୟାଚୁରାଲ ହାଇଡ୍ରେସନ୍ ମିଳିବ ସହିତ ତ୍ୱଚାକୁ ମଶ୍ଚରାଇଜ ରଖେ।

ଏତିକି ନୁହେଁ ଆପଣ ଅଁଳା ଜୁସ ମଧ୍ୟ ପିଇ ପାରିବେ। ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ପ୍ରଭାବଶାଳୀ। ଚର୍ମକୁ ଏହା ସଫ୍ଟ କରିବା ସହିତ କୁଞ୍ଚନକୁ ମଧ୍ୟ ଦୂର କରିଥାଏ। ଏହି ଜୁସରେ ଥିବା ଭିଟାମିନ୍ 'ସି' ଖାଦ୍ୟ ହଜମ କରିବାରେ ମଧ୍ୟ ସାହାଯ୍ୟ କରେ। ପ୍ରତିଦିନ ଏହି ଜୁସ ତିଆରି କରିବା ପାଇଁ ଆପଣ ତିନିଟି ଅଁଳା ନେଇ ଏଥିରେ ହାଫ ଗ୍ଲାସ୍ ପାଣି ମିଶାଇ ଜୁସ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଖାଇବାର ୩୦ ମିନିଟ୍ ପୂର୍ବରୁ ପିଅନ୍ତୁ। କିଛି ଦିନ ମଧ୍ୟରେ ଫରକ ଦେଖିବାକୁ ପାଇବେ।

ଏହା ବ୍ୟତୀତ ଆପଣ ଆଲୋ ଭେରା ଜୁସକୁ ମଧ୍ୟ ପିଇପାରିବେ। ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି। ଯାହା ସୁସ୍ଥ ଚର୍ମ ଗଠନ କରିବାରେ ସାହାଯ୍ୟ କରିଥାଏ। ଏହା ସଂକ୍ରମଣ, ବ୍ରଣ ଏବଂ କୌଣସି ଦାଗ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଆଲୋଭେରା ରସ ପିଇବା ଦ୍‌ୱାରା ଚର୍ମର ବାର୍ଦ୍ଧକ୍ୟକୁ ମଧ୍ୟ ହଟାଯାଇପାରିବ।

# ଗାଈ କ୍ଷୀର ଶୁଷ୍କ ଆଖି ସମସ୍ୟା ଦୂରକରେ

ମୋବାଇଲ୍, ଲାପ୍‌ଟପ୍ ଓ ଟେଲିଭିଜନ୍‌ର ମାତ୍ରାଧିକ ବ୍ୟବହାର ଆଜିକାଲି ଆଖିର ସମସ୍ୟା ବଢ଼ାଉଛି। ବିଶେଷକରି ଏହା ଆଖିକୁ ଶୁଷ୍କ କରିଦେଉଛି। ଏବେ ଦିଲ୍ଲୀର ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ(ଏମ୍‌ସ)ର ଗବେଷକମାନେ ଏଭଳି ଶୁଷ୍କ ଆଖିର ଚିକିତ୍ସା ପାଇଁ ଏକ ନୂଆ ଔଷଧ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। କ୍ଷୀରର ପ୍ରୋଟିନ୍ ଲାକ୍ଟୋଫେରିନ୍‌ରୁ ପ୍ରସ୍ତୁତ ଏହି ଔଷଧ ଆଖିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରିବ।

ଗାଈ ବା ଅନ୍ୟ ପ୍ରାଣୀଙ୍କ କ୍ଷୀରର ପ୍ରାଥମିକ ଅବସ୍ଥା ହେଉଛି କୋଲୋଷ୍ଟ୍ରମ୍। ଗାଈର କୋଲୋଷ୍ଟ୍ରମ୍‌ରୁ ପ୍ରାପ୍ତ ଲାକ୍ଟୋଫେରିନ୍ ପ୍ରୋଟିନ୍‌ରୁ ଏହି ଔଷଧ ପ୍ରସ୍ତୁତ ହୋଇଛି। କୋଲୋଷ୍ଟ୍ରମ୍‌କୁ ପୁଷ୍ଟିକର ପୋଷକ ତତ୍ତ୍ୱ ଓ ସକ୍ରିୟ ଜୈବ ଯୌଗିକ ପଦାର୍ଥଗୁଡ଼ିକର ଭଣ୍ଡାର ବୋଲି କୁହାଯାଏ। ଏହା ଶରୀରକୁ ସୁସ୍ଥ ରଖେ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହି ଗବେଷଣାରେ ସାମିଲ ଥିବା ବୈଜ୍ଞାନିକ ଡକ୍ଟର ସୁଜାତା ଶର୍ମାଙ୍କ ଅନୁସାରେ, ଏକ ଜାପାନୀ କମ୍ପାନିର ସହଯୋଗରେ ଏହି ଔଷଧ ବିକଶିତ ହୋଇଛି।

ଆଖି ଯେତେବେଳେ ପର୍ଯ୍ୟାପ୍ତ ଲୁହ ବାହାର କରିପାରେ ନାହିଁ କିମ୍ବା ଏହାର ଗୁଣବତ୍ତା ଖରାପ ହୁଏ, ସେତେବେଳେ ଆଖି ଶୁଷ୍କ ହୋଇଯାଏ। ଏଭଳି ହେଲେ ଆଖି ନାଲି ପଡ଼ିବା ସହ ଜଳାପୋଡ଼ା ହୁଏ ଏବଂ ଓଜନିଆ ଲାଗେ। ଦୀର୍ଘ ସମୟ ଧରି ମୋବାଇଲ୍ ବା କମ୍ପ୍ୟୁଟର୍ ସ୍କ୍ରିନ୍ ଦେଖିବା ଅଭ୍ୟାସ ଏହି ସମସ୍ୟାକୁ ଆହୁରି ବଢ଼ାଇଦିଏ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡକ୍ଟର ନମ୍ରତା ଶର୍ମାଙ୍କ ନେତୃତ୍ୱରେ ଏମ୍‌ସ ଆର୍‌ପି ସେଣ୍ଟର୍‌ର ପ୍ରାୟ ୨୦୦ ଜଣଙ୍କ ଉପରେ କରାଯାଇଥିବା ଏହି ପରୀକ୍ଷଣରେ ରୋଗୀମାନଙ୍କୁ ତିନି ମାସ ଧରି ପ୍ରତିଦିନ ୨୫୦ ମିଗ୍ରା ଲାକ୍ଟୋଫେରିନ୍ ଦିଆଯାଇଥିଲା ଓ ସଫଳତା ମିଳିଥିଲା। ଶୁଷ୍କ ଆଖି ପାଇଁ ଅଧିକାଂଶ ଲୋକ ଡ୍ରପ୍ କିମ୍ବା ଷ୍ଟେରୋଏଡ୍ ବ୍ୟବହାର କରିଥାନ୍ତି। ତେବେ ଏହା କେବଳ ଅସ୍ଥାୟୀ ଆରାମ ଦିଏ, ଯାହାର ପାର୍ଶ୍ୱ ପ୍ରତିକ୍ରିୟା ବି ରହିଛି। ଏ ଦିଗରେ ନୂତନ ଲାକ୍ଟୋଫେରିନ୍-ଆଧାରିତ ଚିକିତ୍ସା ନିରାପଦ ହେବ।



ଲାକ୍ଟୋଫେରିନ୍ ଏକ ପ୍ରାକୃତିକ ପ୍ରୋଟିନ୍, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ପ୍ରଦାହ ହ୍ରାସ ଓ କୋଷଗୁଡ଼ିକର ମରାମତି କରିଥାଏ। ପ୍ରାରମ୍ଭରେ ମଣିଷ କ୍ଷୀରରୁ ଏହି ପ୍ରୋଟିନ୍ ବାହାର କରିବାକୁ ଚେଷ୍ଟା ହୋଇଥିଲା। ତେବେ ସୀମିତ ଉପଲବ୍ଧତା ଓ ଅନ୍ୟ କାରଣରୁ ସମ୍ଭବ ହୋଇପାରି ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗାଈର କୋଲୋଷ୍ଟ୍ରମ୍‌କୁ ବିକଳ୍ପ ଭାବେ ଗ୍ରହଣ କରାଯାଇଥିଲା। ଗବେଷକଙ୍କ ଆଶା ଯେ, ଆବଶ୍ୟକୀୟ ଅନୁମୋଦନ ପରେ ଏହି ଔଷଧ ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବ।

# ପଣସ ଖାଇଲେ ଅନେକ ଛୋଟ ବଡ଼ ରୋଗରୁ ମୁକ୍ତି ମିଳେ

ଏବେ ଚାଲିଛି ଖରାଦିନ। ବିଶେଷ ଭାବେ ଏହି ଦିନରେ ପଣସ ମାର୍କେଟରେ ସହଜରେ ମିଳିଯାଇଥାଏ। ପଣସକୁ କିଛି ଲୋକ ଖାଇବାକୁ ପସନ୍ଦ କରୁଥିବା ବେଳେ କିଛି ଲୋକ ନା ପସନ୍ଦ କରିଥାଆନ୍ତି। ଏଥିରେ ଭରପୁର ପରିମାଣରେ ଫାଇବର ରହିଛି। ଆପଣଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଏହା ନିହାତି ଆବଶ୍ୟକ। ଏହା ବ୍ୟତୀତ ପାଚିଲା ପଣସରେ ପ୍ରଚୁର ପରିମାଣରେ ପ୍ରୋଟିନ ବି ରହିଛି। ଏଥିରେ ଥିବା ପୋଟାସିୟମ ହୃଦରୋଗ ଜନିତ ସମସ୍ୟା ମନଙ୍କୁ ଦୁରେଇ ରଖିଥାଏ। ଆମ ଲିଭର ପାଇଁ ବି ପାଚିଲା ପଣସ ବେଶ ଉପକାରୀ। ତେବେ ଆସନ୍ତୁ ଜାଣିବା ପାଚିଲା ପଣସ ଖାଇବା ଦ୍ୱାରା ଆମ ଶରୀର ଉପରେ କଣ କଣ ପ୍ରଭାବ ପଡିଥାଏ। ପଣସରେ ରହିଛି ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ବି, ମ୍ୟାଗ୍ନେସିୟମ୍, ମାଙ୍ଗାନିଜ ଏବଂ ଫାଇବର ଭରପୂର ମାତ୍ରାରେ ରହିଥାଏ। ଏହି ସମସ୍ତ ଉପାଦାନ ଚର୍ମ ଏବଂ ପେଟର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ। ବଦହଜମି ସମସ୍ୟାର ସମ୍ମୁଖୀନ ହେଉଥିଲେ, ପଣସ ସେବନ କରିବା ଲାଭଦାୟକ ହୋଇଥାଏ।

**ପାଚନ କ୍ରିୟାକୁ ମଜବୁତ କରେ:** ଗ୍ରୀଷ୍ମ ଋତୁରେ ଯଦି ଆପଣ ଖାଉଥିବା ଖାଦ୍ୟ ଠିକ ଭାବରେ ହଜମ ହୁଏ ନାହିଁ ତେବେ ନିଜ ଡାଏଟରେ କିଛି ପଣସ ସାମିଲ କରନ୍ତୁ। ଏହା ପାଚନ ଜନିତ ସମସ୍ୟା ଦୂର କରି ଆପଣଙ୍କ ଓଜନ ମଧ୍ୟ କମ୍ କରିବ।



**ରୋଗ ପ୍ରତିରୋଧକ ଶକ୍ତି ବଢାଏ:** ପାଚିଲା ପଣସରେ ପ୍ରଚୁର ମାତ୍ରାରେ ଭିଟାମିନ ସି ରହିଥାଏ। ଯାହା ଶରୀରରେ ଏକ ଆଣ୍ଟି ଆକ୍ସିଡେଣ୍ଟ ପରି କାମ କରେ। ଏହା ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଶରୀର ପାଇଁ ଇମ୍ୟୁନିଟି ବୁଷ୍ଟର ପରି କାମ କରେ।

**ଲିଭର ପାଇଁ ଲାଭଦାୟକ:** ପାଚିଲା ପଣସ ଖାଇବା ଫଳରେ ଆପଣଙ୍କ ଲିଭର ବି ସୁସ୍ଥ ରୁହେ। ଏଥିରେ ଥିବା ରାଇବୋଫ୍ଲାବିନ, ଜିଙ୍କ, କପର, ନାଇସିନ ପରି ତତ୍ତ୍ୱ ଲିଭର ମଜବୁତ କରିବାରେ ସାହାଯ୍ୟ କରେ।

**ହାର୍ଟ ପାଇଁ ଲାଭଦାୟକ:** ପାଚିଲା ପଣସ ଆମ ହାର୍ଟ ପାଇଁ ବି ଲାଭକାରୀ। ଏଥିରେ ଥିବା ପୋଟାସିୟମ ବ୍ଲଡ଼ ପ୍ରେସର କଣ୍ଟ୍ରୋଲ କରିବାରେ ସାହାଯ୍ୟ କରେ।

**ଓଜନ କମ୍ କରେ:** ପାଚିଲା ପଣସରେ ଆଣ୍ଟି ଇନ୍ଫ୍ଲେମଟୋରି ଗୁଣ ମିଳିଥାଏ। ଯାହାକି ଶରୀରରେ ବଢ଼ୁଥିବା ମୋଟାପଣକୁ କମ କରେ। ଏହା ଛଡା ଏହାକୁ ରେସବେରାଷ୍ଟ୍ରଲ ନାମକ ଏକ ଆଣ୍ଟି ଆକ୍ସିଡେଣ୍ଟ ବି ପ୍ରଚୁର ପରିମାଣରେ ମିଳିଥାଏ। ଯାହାକି ରକ୍ତ ସଂଚାଳନକୁ କଣ୍ଟ୍ରୋଲ କରି ରଖିଥାଏ। ଏଥିସହ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଦୂର କରେ।

**ଆଖି ପାଇଁ ଲାଭଦାୟକ:** ଆଖି ପାଇଁ ମଧ୍ୟ ପଣସ ଖୁବ୍ ହିତକର ବୋଲି କୁହାଯାଏ। ଯଦି ଆଖି ଜନିତ ସମସ୍ୟାରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ଆପଣମାନେ ଆପଣଙ୍କ ଡାଏଟ ପ୍ଲାନରେ ପଣସ ସାମିଲ କରିପାରିବେ। ଫଳରେ ଆପଣ ଫରକ୍ ଅନୁଭବ କରିପାରିବେ।

# ୩୦ ବର୍ଷ ବିତିଗଲା, ତଥାପି କେବଳ ପଲିଥିନ୍ ଭରସା



କେସିଙ୍ଗା,୧୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କଲେକ୍ଟର ଗ୍ରାମ ପଞ୍ଚାୟତ ଅଧୀନସ୍ଥ କୁର୍ଲୁପଡ଼ା ଗ୍ରାମ ନିକଟରେ ଥିବା କଲେକ୍ଟରପଡ଼ାରେ ବସବାସ କରୁଥିବା ରାମେଶ୍ୱର ଝରା (୫୧) ଙ୍କ ପରିବାର ଦୀର୍ଘ ୩୦ ବର୍ଷ ଧରି ପଲିଥିନ ତଳେ ଜୀବନ ବିତାଉଛନ୍ତି। ପରିବାରରେ ତାଙ୍କ ପତ୍ନୀ ରୁକ୍ମିଣୀ ଝରା (୪୨), ୧୬ ବର୍ଷୀୟା ଝିଅ ଜ୍ୟୋତ୍ସ୍ନା ଝରା ଏବଂ ୧୧ ବର୍ଷୀୟ ପୁଅ ଯୁଧିଷ୍ଠିର ରହିଛନ୍ତି। ଖରା, ବର୍ଷା ଓ ଶୀତରେ ଖୋଲା ଆକାଶ ତଳେ ବହୁ କଷ୍ଟରେ ପରିବାରଟି ଜୀବନଯାପନ କରିଆସୁଛି। ଏନେଇ ଅନେକଥର ଗ୍ରାମ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିବା ପରିବାର ପକ୍ଷରୁ କୁହାଯାଇଛି। ଫଳରେ ଏବେ ବି ପଲିଥିନ ତଳେ ଜୀବନ କାଟୁଛନ୍ତି ଝରା ପରିବାର। ବର୍ଷା ଋତୁରେ ଏହି ଅଞ୍ଚଳରେ ସାପ ସମେତ ବିଭିନ୍ନ ହିଂସ୍ର ଜନ୍ତୁଙ୍କ ଭୟ ରହିଥିବା ଜଣାପଡ଼ିଛି। ଭଗବାନଙ୍କ ଭରସାରେ ପରିବାରଟି ପଲିଥିନ ତଳେ ଦିନ କାଟୁଛି। ଏହି କଲେକ୍ଟରପଡ଼ାରେ ପ୍ରାୟ ଦୁଇ ବର୍ଷ ହେଲା ପାନୀୟ ଜଳ ଯୋଗାଣ ପାଇଁ ପାଇପଲାଇନ୍ ସଂଯୋଗ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ପାଣି ମିଳୁନାହିଁ। ସେହିପରି ଦୀର୍ଘ ବର୍ଷ ଧରି ଏହି ପଡ଼ାକୁ ବିଦ୍ୟୁତ ସଂଯୋଗ ମଧ୍ୟ ହୋଇନାହିଁ। ଫଳରେ ବର୍ଷା ଋତୁରେ ଅନ୍ଧାରରେ ଜୀବନ କାଟିବାକୁ ପଡୁଛି ରାମେଶ୍ୱର ନିଜ ପତ୍ନୀ, ଝିଅ ଓ ପୁଅଙ୍କୁ ନେଇ କଷ୍ଟରେ ଜୀବନଯାପନ କରୁଛନ୍ତି। ସେ ଲୁହା ଓ ଟିଣରେ ବିଭିନ୍ନ ବ୍ୟବହାରଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରି ଗାଁରୁ ଗାଁ ଯାଇ ବିକ୍ରି କରନ୍ତି। ସେଥିରୁ ଯାହା ରୋଜଗାର ହୁଏ, ସେଥିରେ ପରିବାରର ପ୍ରତିପୋଷଣ କରିଥାନ୍ତି। ତେବେ ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କ ପରିବାରର ଦୁଃଖ ଦୂର ହୋଇନାହିଁ। ଗତ ଶନିବାର ୮୦ତମ ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ସରପଞ୍ଚଙ୍କ ସମେତ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରବୀନ୍ଦ୍ର କୁମାର ଖଟୁଆ ଓ ବିଡିଓ ଟାଉନ ସଭାପତି ପ୍ରମୁଖ କଲେକ୍ଟରପଡ଼ା ପରିଦର୍ଶନ କରିଥିଲେ। ସେମାନେ ପଡ଼ାବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ ଓ ରାସ୍ତା ନିର୍ମାଣ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କିଛି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଲେକ୍ଟର ଗ୍ରାମ ପଞ୍ଚାୟତ ସରପଞ୍ଚ ମମତାରାଣୀ ନାଗଙ୍କୁ ପଚାରିବାରୁ, ରାମେଶ୍ୱର ଝରାଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରିବା ସହ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ଯୋଗାଇଦେବା ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।

## ମାଛ ଧରୁଥିବା ବେଳେ ପାଣିରେ ବୁଡ଼ି ଯୁବ ଅଧ୍ୟାପକଙ୍କ ମୃତ୍ୟୁ



ବୈଶିଙ୍ଗା,୧୬।୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଜଗିପଟା ନିକଟରେ ମୋହନ ବାଙ୍କ ଜଳାଶୟରେ ମାଛ ଧରୁଥିବା ବେଳେ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦ୍ଧା ଗ୍ରାମର ମନୋରଞ୍ଜନ ରାଉତଙ୍କ ପୁଅ ପଙ୍କଜ ରାଉତ (୨୮) ଶନିବାର ପୂର୍ବାହ୍ନ ସମୟରେ ବାଲକା - ଗଣ୍ଡର୍ଦ୍ଧା ରାସ୍ତା ର ମୋହନ ବାଙ୍କ ରେ ମାଛ ଧରିବା ପାଇଁ ଆସିଥିଲେ। ସେହିଠାରେ ନୂତନ ଭାବେ ପୋଲ ତିଆରି ହେଉଥିବା ବେଳେ ପାର୍ଶ୍ୱରୁ ମାଟି ଉଠା ଯାଇଥିବା ଯାଗାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ଯାଇଥିଲା। ସେହି ପଟ ଦେଇ ବନ୍ୟାଜଳ ପ୍ରବାହିତ ହେଉଥିଲା। ମାଛ ଧରିବା ପାଇଁ ପଙ୍କଜ ଯାଉଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସି ଯାଇଥିଲା। ଫଳରେ ପାଣି ସୁଅରେ ଭାସି ଯାଇଥିଲେ। ପାଖରେ ଉପସ୍ଥିତ ଥିବା ଲୋକ ମାନେ ବହୁ ଖୋଜାଖୋଜି କରିବା ପରେ କୌଣସି ପାଉନଥିଲେ। ଦୀର୍ଘ ସମୟରେ ପାଣିରୁ ପଙ୍କଜଙ୍କ ଶରୀରକୁ ଉଦ୍ଧାର କରିବା ମାତ୍ରେ ବାଲେଶ୍ୱର ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତକ ପଙ୍କଜ ବାଲେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ଶିକ୍ଷକତା କରୁଥିଲେ। ପଙ୍କଜଙ୍କ ମୃତ୍ୟୁ ପରେ ଗଣ୍ଡର୍ଦ୍ଧା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଇଛି।

## ସ୍ୱାଧୀନତା ଦିବସରେ କୁମ୍ଭାରୀ ଉପାସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା



ବଲାଙ୍ଗୀର,୧୬।୮ (ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟସେବାକୁ ଗାଁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ସରକାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତଥା ଉପସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଛନ୍ତି। ହେଲେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ କୁମ୍ଭାରୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ସୂଚନା ଅନୁସାରେ, କୁମ୍ଭାରୀ ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ତିନୋଟି ପଞ୍ଚାୟତ ର ଜନସାଧାରଣ ନିର୍ଭର କରିଥାନ୍ତି ହେଲେ ପ୍ରାୟ ୧୫ ରୁ ଊର୍ଦ୍ଧ୍ୱ ଦିନ ହେବ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ପଡ଼ିଥିବା ରୁ ଅଞ୍ଚଳ ର ଜନସାଧାରଣ ପ୍ରାଥମିକ ଚିକିତ୍ସା ରୁ ବଞ୍ଚିତ ହୋଇ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି। ତେବେ ଅଞ୍ଚଳ ବାସି ସଇଁତଲା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଗାଁର ଲୋକଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟତ୍ର ଯିବାକୁ ପଡୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ୧୫ ତାରିଖ ଦିନ ସମଗ୍ର ଦେଶରେ ୮୦ତମ ସ୍ୱାଧୀନତା ଦିବସ ପାଳନ ହେଉଥିବା ବେଳେ କୁମ୍ଭାରୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ପତାକା ଉତ୍ତୋଳନ ହୋଇନଥିବା ଜଣାପଡ଼ିଛି।

## ଗଡ଼ିଆରେ ବୁଡି ଚାଲିଗଲା ନାବାଳିକାର ଜୀବନ



ନୀଳଗିରି,୧୬।୮ (ସଂଚାର ବ୍ୟୁରୋ): ଜନୈକ ବାଳିକା ଘର ଗାଡିଆରେ ପଡ଼ି ମୃତ୍ୟୁ ଘଟଣା ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଭଳି ଘଟଣାମର୍ଦ୍ଦରାଜପୁର ଗାଁ ରେ ଦେଖି ବାକୁ ମିଳିଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ କୁଅଁରପୁର ଲାଖରାଜ ପଞ୍ଚାୟତ ଅନ୍ତର୍ଗତ ମର୍ଦ୍ଦରାଜପୁର ଗାଁ ମନୋରଞ୍ଜନ ପାତ୍ର ଓ ସୁକାନ୍ତି ପାତ୍ର ଙ୍କ ଏକମାତ୍ର କନ୍ୟା ପ୍ରିୟାଁଶି(୩), ଆଜିସକାଳ ୬ଟା ସମୟରେ ମା ସୁକାନ୍ତି ଘର ଲୋକଙ୍କୁ ପ୍ରିୟାଂଶି କୁ ଜଗିଥିବି କହି ଶୌଚ ହେବାପାଇଁ ଯାଇଥିଲେ। ଆସି ଘରେ ଦେଖିବା ବେଳେ ଝିଅ ପ୍ରିୟାଂଶି ଘରେ ନାହିଁ। ଘର ବାହାର ଖୋଜା ଖୋଜି କଲାପରେ ଘରେ ନପାଇ ବାଡ଼ି ଗାଡିଆ କୁ ଗଲାବେଳକୁ ଗାଡିଆ ପାଣିରେ ଭାସୁଥିବାର ମା ସୁକାନ୍ତି ଦେଖି ପାଟିକରିବାରୁ ଘର ଲୋକ ଦୌଡ଼ି ଆସି ଛାଙ୍କି ସଂଗେସଂଗେ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ ନେଇଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ମେଡ଼ିକାଲ କଲେଜ ପରିସରରେ ଶୋକର ଛାୟା ଖେଳିଯାଇଥିଲା।

## ଜାଭିୟର୍ସ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ

ତିର୍ତ୍ତୋଲ,୧୬।୮ (ସଂଚାର ବ୍ୟୁରୋ): ବ୍ଲକ ଅନ୍ତର୍ଗତ ମଣିଜଙ୍ଗା-ଏରସମା ରାସ୍ତାର ଜଗନ୍ନାଥପୁର ଠାରେ ଥିବା ଜାଭିୟର୍ସ ହାଇ ସ୍କୁଲରେ ୮୦ ତମ ସ୍ୱାଧୀନତା ଦିବସ ମହା ଆଡ଼ମ୍ବର ରେ ପାଳିତ ହୋଇ ଯାଇଛି। ଏହି ସ୍କୁଲ୍ ରେ ପ୍ରାୟ ୮୦ ରୁ ଅଧିକ ଛାତ୍ର ଛାତ୍ରୀ ମାନଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ଏହି ଭାରତ ମାତାର ୮୦ ତମ ସ୍ୱାଧୀନତା ଦିବସ ରେ ଅଂଶଗ୍ରହଣ କରିଥିଲେ। ସ୍କୁଲ ର ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ବେହେରା ଙ୍କ ତତ୍ତ୍ୱାବଧାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଶ୍ରୀ ବେହେରା ଏହି ସମୟରେ ଭାରତ ୮୦ ତମ ସ୍ୱାଧୀନତା ଦିବସର ରେ ପୂର୍ବର ଭାରତ ଓ ଆଜିର ଭାରତ ଉପରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷୟିତ୍ରୀ ମାନଙ୍କ ସମେତ ଛାତ୍ର ଛାତ୍ରୀ ମାନେ ଦେଶାତ୍ମକ ଜାତୀୟ ସଙ୍ଗୀତ ଗାନ କରିଥିଲେ ଓ ଛାତ୍ର ଛାତ୍ରୀ ମାନେ ଜାତୀୟ ଧ୍ୱନିଏବଂ ସଙ୍ଗୀତ ଗାନକରି ଶିକ୍ଷକ ମାନଙ୍କ ସହ ନିକଟସ୍ଥ ନରୁଆ ବଜାର ପରିକ୍ରମା କରିଥିଲେ।

## ଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘ ସାକ୍ଷାତ କରିବା ଏକ ବର୍ଷ ବିତିଲା: ଫଳ ଶୂନ



ବୈଶିଙ୍ଗା,୧୬।୮ (ସଂଚାର ବ୍ୟୁରୋ): ପୂର୍ବ ସରକାର ବୈଶିଙ୍ଗା ଠାରେ ସାମ୍ବାଦିକ ମାନଙ୍କ ପାଇଁ ଏକ କମ୍ୟୁନିଟୀ ହଲ ନିର୍ମାଣ ବାବଦରେ ତିନି ଲକ୍ଷ ପଚାଶ ହଜାର ଟଙ୍କା ମଞ୍ଜୁର କରିଥିଲେ।ଇତ୍ୟବସରରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବାରୁ ୨୦୨୫ ବର୍ଷ ଜାନୁଆରୀରୁ କାର୍ଯ୍ୟ ଆରମ୍ଭ ହେଲା। ସରକାରୀ ଜିଓ ଟ୍ୟାଗ ଓ ଲେ ଆଉଟ ଦେବା ପରେ ବିଭାଗୀୟ ଜେଇ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ହୋଇ ଚାଲିଲା। କାର୍ଯ୍ୟର ଶେଷ ପର୍ଯ୍ୟାୟରେ ବିଧାୟକ ସନାତନ ବିଜୁଳି ବିଡିଓ ଙ୍କ ଜରିଆରେ ବୈଶିଙ୍ଗା ପୋଲିସ ଦ୍ୱାରା ଜୁନ ୨ ତାରିଖରେ କାର୍ଯ୍ୟଟିର ଛାତ ପକାଇବା ବନ୍ଦ କରିଥିଲେ।ଏ କଥା ଆଇ ଆଇ ସି ବାରିଣୀ ଦାସ ପ୍ରକାଶ କରି ଥିଲେ।ଏହା ପରେ ତତ୍କାଳୀନ ବିଡିଓ ସୁଶାନ୍ତ ସୁତାର ଙ୍କୁ ସାକ୍ଷାତ କରିବାରୁ ସେ କହିଲେ ବିଧାୟକ ଙ୍କୁ ସନ୍ତୁଷ୍ଟ କରିପାରି ନ ଥିବାରୁ ସେ ବିରୋଧ କରିଛନ୍ତି। ଏହାପରେ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରିବା ପରେ ସେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ଫୋନ ଯୋଗେ ଜଣାଇବା ସହିତ ସାମ୍ବାଦିକ ମାନଙ୍କୁ ତାଙ୍କ ନିକଟକୁ ପଠାଇଥିଲେ। ସମସ୍ତ ସାମ୍ବାଦିକ ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କୁ ସମସ୍ତ ଘଟଣା ଜଣାଇବା ପରେ ସେ ମଧ୍ୟ ବିଡିଓଙ୍କୁ ଫୋନ ଯୋଗେ ଜଣାଇବା ସହିତ ପୁଣି ସାମ୍ବାଦିକ ମାନଙ୍କୁ ବିଡିଓ ଙ୍କୁ ସାକ୍ଷାତ କରିବା ପାଇଁ କହିଲେ। ତହିଁ ପରଦିନ ପୁଣି ବିଡିଓ ଙ୍କୁ ସାକ୍ଷାତ କରିବା ପରେ ସେ କହିଲେ ଆପଣ ମାନେ ବିଧାୟକ ସନାତନ ବିଜୁଳି ଙ୍କୁ ଠିକ୍ ଭାବରେ ସନ୍ତୁଷ୍ଟ କରିପାରି ନାହାନ୍ତି ଏଣୁ ସେ ରାଜି ହେଉ ନାହାନ୍ତି।

### ସ୍ୱାଧୀନତା ଦିବସରେ ଦାଦନ ମୃତକଙ୍କ ପରିବାର ପାଖରେ 'ସ୍ୱାକ୍'

## ଅସହାୟ ପରିବାରକୁ ରାସନ, ପୋଷାକ ଓ ସହାୟତା ପ୍ରଦାନ



କନ୍ଧମାଳ,୧୬।୮ (ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ଅବସରରେ ମାନବିକତାର ଏକ ନିଆରା ଉଦାହରଣ ସୃଷ୍ଟି କରିଛି 'ସୋସିଆଲ୍ ଓ୍ୱର୍କର୍ସ ଅଫ୍ କନ୍ଧମାଳ' (ସ୍ୱାକ୍)। କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ସମୟରେ ଗତ ୯ ଅଗଷ୍ଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଟିକାବାଲି ବ୍ଲକ ଗଦଗୁଡ଼ା ଗ୍ରାମର ଶୁଭଦେବ ପ୍ରଧାନଙ୍କ ଅସହାୟ ପରିବାରକୁ ସ୍ୱାକ୍ ପକ୍ଷରୁ ରାସନ ସାମଗ୍ରୀ, ପୋଷାକ ଓ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଛି। ପରିବାରର ଭରଣପୋଷଣ ସହ ଦୁଇ ଛୋଟ ପୁଅଙ୍କ ଭବିଷ୍ୟତ ଗଢ଼ିବା ଆଶାରେ ଶୁଭଦେବ କେରଳକୁ ଦାଦନ ଶ୍ରମିକ ଭାବେ ଯାଇଥିଲେ। ହେଲେ ଗତ ୯ ଅଗଷ୍ଟରେ ଏକ ଦୁର୍ଘଟଣାରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ଦୁଇ ଶିଶୁଙ୍କ ସମେତ ପରିବାର ଅସହାୟ ହୋଇପଡ଼ିଛି।ଏହି ଦୁଃଖଦ ପରିସ୍ଥିତିରେ ସ୍ୱାଧୀନତା ଦିବସରେ ସ୍ୱାକ୍ ପରିବାର ଗଦଗୁଡ଼ା ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟିଥିଲେ। ପରିବାରର ଦୁଃଖ ଓ ସମସ୍ୟା ବୁଝିବା ସହ ଚାଉଳ, ଡାଲି, ତେଲ, ଲୁଣ, ମସଲା ଆଦି ଶୁଖିଲା ରାସନ ସାମଗ୍ରୀ, ଦୁଇ ଶିଶୁଙ୍କ ପାଇଁ ପୋଷାକ ଏବଂ ବିଧବା ମହିଳାଙ୍କ ପାଇଁ ଲୁଗା ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ, ସରକାରୀ ଯୋଜନାରେ ପରିବାର ପାଇଁ ଘର ମଞ୍ଜୁର ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେବଳ ପୁନାଦି ପଡ଼ି ରହିଛି। ଫଳରେ ପରିବାରଟି ଭଙ୍ଗା ଘରେ ବିପଦସଙ୍କୁଳ ଅବସ୍ଥାରେ ଜୀବନ ବିତାଉଛି। ଏହି ପରିସ୍ଥିତିରେ ପରିବାରକୁ ତୁରନ୍ତ ଘର ନିର୍ମାଣ ସହାୟତା ଯୋଗାଇଦେବା ପାଇଁ ସ୍ୱାକ୍ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏଥିସହ ବିଧବା ଭତ୍ତା, ପାରିବାରିକ କଲ୍ୟାଣ ଯୋଜନା, ହରିଶ୍ଚନ୍ଦ୍ର ଯୋଜନା, ଦାଦନ ଶ୍ରମିକ ମୃତ୍ୟୁଜନିତ ସହାୟତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବାକୁ ମଧ୍ୟ ସ୍ୱାକ୍ ପକ୍ଷରୁ ନିବେଦନ କରାଯାଇଛି। ଦୁଇ ଶିଶୁଙ୍କ ଶିକ୍ଷା ଓ ଭବିଷ୍ୟତ ପାଇଁ ଆବଶ୍ୟକ ସହଯୋଗ ଯୋଗାଇବା ନେଇ ସଂଗଠନ ପକ୍ଷରୁ ଆଶ୍ୱାସନ ଦିଆଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ମୋ ବନ୍ଦୀ ଜୀବନ ପୁସ୍ତକ ଲୋକାର୍ପିତ



ସୁବର୍ଣ୍ଣପୁର,୧୬।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ପଞ୍ଚାୟତ କାର୍ଯ୍ୟାଳୟ ୮୦ ତମ ସ୍ୱାଧୀନତା ଦିବସ ଅବସରରେ ଠାରେ ମୋ ବନ୍ଦୀ ଜୀବନ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କବି ତଥା ଲେଖକ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ଦ୍ୱାରା ରଚିତ ଏହି ପୁସ୍ତକ ମୋ ବନ୍ଦୀଜୀବନ ଲୋକାର୍ପିତ ହୋଇଛି। ଏହି ଉତ୍ସବରେ କଳା ପଥର ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର ମୁଖ୍ୟ ଅତିଥି ଅତିଥୀ ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଐତିହାସିକ ତଥା ସୁବର୍ଣ୍ଣପୁର ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶ ଦାତା ଡ ପ୍ରଫୁଲ୍ଲ ରଥ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀ ପ୍ରଜା ଆନ୍ଦୋଳନରେ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ ଏହା ସହିତ ତାଙ୍କୁ ତତ୍ କାଳୀନ ସୋନପୁର ରାଜା ଦୁଇ ବର୍ଷ ରୁ ଅଧିକ କାଳ ବନ୍ଦିକରି ଅକଥନୀୟ ଅତ୍ୟାଚାର କରିଥିଲେ କିନ୍ତୁ ଏଥି ସେ ଦବିନଯାଇ ଜେଲରୁ ବାହାରିବା ପରେ ତାଙ୍କ ଭାଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ମିଶ୍ର ଓ ମୋହନ ମିଶ୍ର ଙ୍କ ସହିତ ସାମିଲ୍ ହୋଇ ଆହୁରି ଦୁର୍ବାର ଆନ୍ଦୋଳନ କରିଥିଲେ। ମୋ ବନ୍ଦୀଜୀବନ ପୁସ୍ତକର ରେ ତାଙ୍କ ବନ୍ଦୀ ଜୀବନ ଉପରେ ବିସ୍ତୃତ ଭାବରେ ଲେଖିଛନ୍ତି ଏଣୁ ଏ ପୁସ୍ତକ ସମସ୍ତେ ପଢ଼ିବା କଥା ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ହାୟର ସେକେଣ୍ଡେରିର ଅଧ୍ୟକ୍ଷା ଡ ସରସ୍ୱତୀ ଦାସ, ଦଧିବାମନ ତ୍ରିପାଠୀ, ହାଇସ୍କୁଲର ପ୍ରଧାଶିକ୍ଷକ ଲାଲବବୁ ସେଠୀ ଯୋଗଦେଇ ମଞ୍ଚାସିନ ହୋଇ ମୋ ବନ୍ଦୀ ଜୀବନ ପୁସ୍ତକ ଉପରେ ଆଲୋଚନ କହିଥିଲେ। ଏହି ଅବସରରେ ମୋ ବନ୍ଦୀ ଜୀବନ ପୁସ୍ତକ ଅତିଥୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲ।

### ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ

## ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀମାନେ ପ୍ରମୁଖ ଭୂମିକା ନେବାକୁ ଆହ୍ୱାନ



ବୈଶିଙ୍ଗା,୧୬।୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି। ପ୍ରାତଃ କାଳରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ରାମଧୁନ ଗାନ କରି ପ୍ରଭାତ ଫେରି ରେ ରାଇକମା, ବଡଗୁମା ଓ ରଙ୍ଗଡ଼ା ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥଲେ।ଏହା ପରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ସଭାରେ ସମସ୍ତ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥଲେ। ଦେଶପାଇଁ ସ୍ୱାଧୀନତା ଆଣି ଦେଇ ଥିବା ଦିବଂଗତ ମହାପୁରୁଷ ମାନଙ୍କ ସ୍ମୃତିଚାରଣ କରିଥଲେ ମଞ୍ଚାସୀନ ଅତିଥିମାନେ। 'ବିକଶିତ ଭାରତ ଗଠନରେ ଯୁବଶକ୍ତି ଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀତା ରେ ବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ମତ ବ୍ୟକ୍ତ କରିଥିଲେ।

## ୩ କଫ୍‌ସିରପ୍ ବେପାରୀ ଗିରଫ



ସୋହେଲା,୧୬।୮ (ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ସୋହେଲା ପୁଲିସ ଆଜି ବାଉଁସେନମୁରା ଗ୍ରାମ ପଂଚାୟତ ଅନ୍ତର୍ଗତ କେନ୍ଦବାହାଲ ରାସ୍ତାରେ ପେଟ୍ରୋଲିଂ ସମୟରେ ତିନିଜଣ କଫସିରପ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋହେଲା ଥାନା ଏଏସ ଆଇ ମନରଞ୍ଜନ ପାଣିଗ୍ରାହୀଙ୍କ ଅଭଯୋଗ କ୍ରମେ କେନ୍ଦବାହାଲ ଛକରେ କେନ୍ଦବାହାଲ ଗ୍ରାମର ଯୁଧିଷ୍ଠିର ବଡ଼ଗୋଛିଆ(୨୬), ଚିତାଖାଇ ଗ୍ରାମର ସରୋଜ ଭୁଏ (୩୪), ସୁନୀଲ ମହାନନ୍ଦ (୩୦) କଫସିରଫ ବିକ୍ରିକରୁଥିବା ସମୟରେ ପୁଲିସ ଚଢ଼ାଉ କରି ତିନିଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ପାଖରୁ ୧୦୦ ଏମଏଲ ବିଶିଷ୍ଟ ୪୮ ବୋତଲ ଏସକଫ ସିରିଫ, ୫ ଲିଟର ଅପମିଶ୍ରିତ ଦେଶୀ ମଦ, ତିନୋଟି ମୋବାଇଲ ଫୋନ, ତିନୋଟି ମୋଟରସାଇକେଲ ଜବତ କରିଥିଲେ। ଅଭିଯୁକ୍ତମାନଙ୍କୁ ପୁଲିସ କେଶ ନମ୍ବର ୨୦୮/ ୨୦୨୬ , ୨୭୬/ ୨୭୭/ ୧୧୧(୨)(b)3(୫) ଭାରତୀୟ ନ୍ୟାୟ ସଂହିତା ଧାରାରେ କୋର୍ଟ ଚାଲାଣ କରିଛନ୍ତି ବୋଲି ସୋହେଲା ଥାନା ଅଧିକାରୀ ହରିଶ୍ଚନ୍ଦ୍ର ଭୋଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ।

## ଶ୍ରୀ ଗୁଣ୍ଡିଚା ମନ୍ଦିରର ମରାମତି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଜିଲ୍ଲାପାଳଙ୍କ ଚିଠି



ସୁବର୍ଣ୍ଣପୁର,୧୬।୮ (ସଂଚାର ବ୍ୟୁରୋ): ସୋନପୁର ସହରର ସର୍ବପୁରାତନ ଶ୍ରୀ ଗୁଣ୍ଡିଚା ମନ୍ଦିର ର କାଛ ଓ ଛାତ ମରାମତି ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ କୁ ଚିଠି ଲେଖିଲେ ଜିଲ୍ଲାପାଳ। ଏବଂ ଡ଼ାଇରେକ୍ଟର ଶ୍ରୀମତୀ ଦେବଯାନୀ ଭୁଁୟା ପ୍ରତ୍ନତତ୍ତ୍ୱ ବିଭାଗ ଓଡ଼ଶା ସରକାର ଙ୍କ ସହିତ ଏ ନେଇ ଆଲୋଚନା କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ। ଦୀର୍ଘ ଶହ ଶହ ବର୍ଷ ର ତଥା ପଶ୍ଚିମ ଓଡ଼ିଶା ର ସବୁଠୁ ଉଚ୍ଚତମ ଏଇ ସର୍ବ ପୁରାତନ ମନ୍ଦିର ରେ କିଛି ବର୍ଷ ରୁ କାଛ ରେ ଛାତ ରେ ସବୁଆଡେ ପାଣି ଲିକ୍ ହେଉଥିବା ବିଷୟ ଜିଲ୍ଲାପାଳ ଙ୍କ ନଜର ରେ ଆସିବା ପରେ ଏ ମନ୍ଦିର ର ତୁରନ୍ତ ମରାମତି ପାଇଁ ଗତ ସପ୍ତାହ ରୁ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଯୋଗାଯୋଗ ରଖିଥିବା ଖବର ମିଳିଛି। ଗତ ସପ୍ତାହ ରେ ପ୍ରବଳ ବର୍ଷା ପୁଣି ବିଦ୍ୟୁତ୍ ନ ଥିବା ସତ୍ତ୍ୱେ ଜିଲ୍ଲାପାଳ ଏଇ ମନ୍ଦିର କୁ ସଂଧ୍ୟାରେ ପରିଦର୍ଶନ କରି ଏ ସବୁ ସମସ୍ୟା ଦେଖିଥିଲେ। ଖୁବ୍ ଶୀଘ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ ରେ ଆସି ଏହାର ଯତ୍ନ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ଗୁଣ୍ଡିଚା ମନ୍ଦିର କମିଟି ସଦସ୍ୟ ଓ ସଧାରଣ ଲୋକ ଭକ୍ତ ଶ୍ରଦ୍ଧାଳୁ ଦୃଢ଼ ଆଶା ବିଶ୍ୱାସ ରଖିଛନ୍ତି ।

## ୮୦ତମ ସ୍ୱାଧୀନତା ଦିବସ ପାଳିତ



ବଲାଙ୍ଗୀର: ୧୬।୮ (ସଂଚାର ବ୍ୟୁରୋ): ବଲାଙ୍ଗୀର ସଦରମହକୁମାରେ ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ନିଜର ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଓ ବରପୁତ୍ରମାନଙ୍କ ମହାନ ତ୍ୟାଗକୁ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶରେ ଏକ ସମୃଦ୍ଧ ଓ ଶକ୍ତିଶାଳୀ ଭାରତ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ଓ ଓଡ଼ିଆ ଲୋକଙ୍କ ସାମଗ୍ରିକ ବିକାଶ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ପ୍ରକାଶ କରି ସେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷକ କଲ୍ୟାଣ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ, ପ୍ରତି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ ଏବଂ 'ସିଏମ୍ ଟ୍ରଫି' ଭଳି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏଥିସହ ବଲାଙ୍ଗିରର କ୍ରୀଡ଼ା ପ୍ରତିଭା ପାୟଲ ନାଗଙ୍କ ସଫଳତାକୁ ଭୂୟସୀ ପ୍ରଶଂସା କରି ଯୁବପିଢ଼ିଙ୍କୁ ଶିକ୍ଷା, ଦକ୍ଷତା ବିକାଶ ଓ କ୍ରୀଡ଼ା ପ୍ରତି ଅଧିକ ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସୁରକ୍ଷା ସହ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଏବଂ ବରପୁତ୍ରମାନଙ୍କ ସ୍ମୃତି ସୁରକ୍ଷା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିକଶିତ ଓଡ଼ିଶା ଏବଂ ସଶକ୍ତ ଭାରତ ଗଠନରେ ଯୁବପିଢ଼ିଙ୍କ ସମେତ ସମସ୍ତଙ୍କର ସକ୍ରିୟ ଭୂମିକା ନିତାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।




## ନିଶା କବଜାରେ ଯୁବପିଢ଼ି: ବଢ଼ୁଛି ଚୋରି, ମାରପିଟ୍ ଓ ଲୁଟପାଟ

ଉମରକୋଟ,୧୬।୮ (ସଂଚାର ବ୍ୟୁରୋ): ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ନିଶା କାରବାର। ବିଶେଷ କରି ଯୁବପିଢ଼ି ଏହି ନିଶା ଜାଲରେ ଫସି ନିଜ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ଦେଉଛନ୍ତି। ବୃଦ୍ଧି ପାଉଛି ଅପରାଧ: ନିଶା ନିବାରଣ ବା ନିଶା ସାମଗ୍ରୀ ଯୋଗାଡ଼ କରିବା ପାଇଁ ଯୁବକମାନେ ଛୋଟବଡ଼ ଚୋରି, ରାସ୍ତାଘାଟରେ ଲୁଟପାଟ ଏବଂ ମାରପିଟ୍ ଭଳି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଅସୁରକ୍ଷିତ ସହର: ସନ୍ଧ୍ୟା ହେଲେ ସହରର ବିଭିନ୍ନ ନିର୍ଜନ ସ୍ଥାନ, ଗଳିକନ୍ଦି ଓ ପାର୍କ ଗୁଡ଼ିକରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ଏହାଯୋଗୁଁ ସାଧାରଣ ନାଗରିକ, ବିଶେଷ କରି ମହିଳା ଓ ବୃଦ୍ଧବୃଦ୍ଧାମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଦାବି: ସହରରେ ବୃଦ୍ଧି ପାଉଥିବା ଅପରାଧ ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ପ୍ରଶାସନ ତୁରନ୍ତ ପାଟ୍ରୋଲିଂ କଡ଼ାକଡ଼ି କରୁ ଏବଂ ନିଶା କାରବାରର ମୂଳପୋଛ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରୁ।

## ଗ୍ରାମପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳିତ



ବୈଶିଙ୍ଗା,୧୬।୮ (ସଂଚାର ବ୍ୟୁରୋ): ସାରା ଦେଶରେ ସ୍ୱାଧୀନତାର ୮୦ ତମ ଦିବସ ପାଳନ କରୁଥିବା ପରିପ୍ରେକ୍ଷୀରେ ଗ୍ରାମରୁ ସହର ପର୍ଯ୍ୟନ୍ତ ସବୁଠାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ହର ଘର ତ୍ରିରଙ୍ଗା ଉତ୍ସବ ଧୁମ୍ ଧାମରେ ପାଳିତ ହୋଇଥିବାର ଜଣାଯାଇଛି। ଏହି ଅବସରରେ ବୈଶିଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ନିକଟସ୍ଥ ସମସ୍ତ ବିଦ୍ୟାଳୟର ପିଲାମାନଙ୍କୁ ନେଇ ପତାକା ଉତ୍ତୋଳନ କାର୍ଯ୍ୟ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଜିଲ୍ଲା ପ୍ରବନ୍ଧକ ବିରାମ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳକ କରିବା ସହିତ ଉପସ୍ଥିତ ଆବାଳ ବୃଦ୍ଧ ବନିତା ଙ୍କୁ ଉଦବୋଧନ ଦେଇଥିଲେ। ସରପଞ୍ଚ ସାବିତ୍ରୀ ମୁର୍ମୁ ନିଜର ଅଭିଭାଷଣ ରଖିବା ପରେ ଅବସର ପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ, ଜାତୀୟ ପତାକା ଉତ୍ତୋଳନ ପରେ ପ୍ରଥମେ 'ବନ୍ଦେ ମାତରଂ' ଏବଂ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପାରମ୍ପରିକ ବାଦ୍ୟ ବଜାଇ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ପହଞ୍ଚିଥିଲେ।

## ଜଳପ୍ରପାତରେ ଗାଧୋଉଥିବା ବେଳେ ଖସିପଡ଼ିଲେ ଶିକ୍ଷକ



ବରଗଡ଼,୧୬।୮ (ସଂଚାର ବ୍ୟୁରୋ): ବରଗଡ଼ ଜିଲା ଅମ୍ବାଭୋନା ଥାନା ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀ ବାରବଖରା ଜଳପ୍ରପାତରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ଏହି ଜଳପ୍ରପାତରେ ଗାଧୋଉଥିବା ସମୟରେ ଖସି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ, ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ରିତେଶ ପଧାନ(୨୯) । ସେ କଳାହାଣ୍ଡି ଜିଲା ଭବାନୀପାଟଣା ସର୍କଲ ଅଞ୍ଚଳରେ ହାଇସ୍କୁଲ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ରିତେଶ ତାଙ୍କ ୪ଜଣ ସାଙ୍ଗଙ୍କ ସହିତ ବାରବଖରା ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଉଥିବା ବେଳେ ହଠାତ୍ ସେ ତଳକୁ ଖସି ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ଓ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ରିତେଶଙ୍କୁ ମୃତ ଘୋଷଣା କରିଥିଲେ । ଅମ୍ବାଭୋନା ଥାନା ପୋଲିସ୍ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।